بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର କାଦିଆନ

Weekly BADAR Qadian

úkøOdia

ଖଣ୍ଡ 5 | ସଂଖ୍ୟା 6

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

06 ଫେବୃୟାରୀ 2020 | 06 ତବ୍‌ଲିଗ୍ 1399 ହି.ଶ | 11 ଜମାଦିଲ୍ ସାନି 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

لَقَدۡ مَنَّ اللّٰہُ عَلَی الۡمُؤۡمِنِیۡنَ اِذۡ بَعَثَ فِیۡہِمۡ

رَسُوۡلًا مِّنۡ اَنۡفُسِہِمۡ یَتۡلُوۡا عَلَیۡہِمۡ اٰیٰتِہٖ

وَیُزَکِّیۡہِمۡ وَیُعَلِّمُہُمُ الۡکِتٰبَ وَالۡحِکۡمَۃَ

(آل عمران:165)

ଅନୁବାଦ- ଅଲ୍ଲାଃ ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଏପରି ଜଣେ ନବିଙ୍କୁ ପ୍ରେରଣ କରି ସେମାନଙ୍କ ପ୍ରତି ଅନୁଗ୍ରହ କରିଅଛନ୍ତି ଯେ କି ସେମାନଙ୍କୁ ତାହାଙ୍କର ବାଣୀ ପାଠ କରି ଶୁଣାଉଛନ୍ତି; ଓ ସେମାନଙ୍କୁ ପବିତ୍ର କରୁଛନ୍ତି ତଥା ସେମାନଙ୍କୁ (ଧର୍ମ) ଗ୍ରନ୍ଥ ଓ ତତ୍ତ୍ୱଜ୍ଞାନ ଶିଖାଉଛନ୍ତି ।

*(ଆଲେ ଇମରାନ୍: ୧୬୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ମନେରଖ ଯେ ଯେବେ ଏ ଉମ୍ମତ୍ (ସମ୍ପ୍ରଦାୟ)କୁ ଉମ୍ମତେ ମର୍‌ହୁମା ଅଭିହିତ କରାଯାଇଅଛି ଏବଂ ତାଙ୍କୁ ଈଶ୍ୱର ପ୍ରଦତ ଜ୍ଞନାରେ ଅଳଙ୍କୃତ କରାଯାଇଅଛି ତେଣୁ କର୍ମ ଦ୍ୱାରା ମଧ କୃତଜ୍ଞତା ଜ୍ଞାପନ କରିବା ଜରୁରୀ ।**

**ମନେରଖ ଯେ ଉତମ ଚରିତ୍ର ହେଉଛି ମଣିଷର ପୂଣ୍ୟବନ୍ତ ହେବାର ଲକ୍ଷଣ । ସାଧାରଣତଃ ପବିତ୍ର ହଦିସ୍‌ରେ ଜଣେ ମୁସଲମାନର ସଜ୍ଞା ନିରୂପଣ ଏପରି ହୋଇଛି ଯେ ମୁସଲମାନ ହେଉଛି ସେ, ଯାହାର ହାତ ଓ ମୁହଁରୁ (ଅନ୍ୟ) ମୁସଲମାନମାନେ ସୁରକ୍ଷିତ ରହୁଥିବେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ମୁସଲମାନମାନଙ୍କର ନୈସ୍ୱର୍ଗୀକ ଜ୍ଞାନ ସହିତ ସମ୍ବନ୍ଧ

ଯେମିତି ଆମ ବିରୋଧିମାନଙ୍କର ସମ୍ବନ୍ଧ ଭୌତିକ ଜ୍ଞାନ ସହିତ ରହିଛି ସେହିପରି ମୁସଲମାନମାନଙ୍କୁ ଆକାଶୀୟ ଜ୍ଞାନ ସହିତ ରହିଛି । ଜଣେ ସାଧାରଣ ଗାଉଁଲି ମୁସଲମାନର ସଚ୍ଚା ସ୍ୱପ୍ନ ବଡ଼ ବଡ଼ ଦାର୍ଶନିକ, ବିଶପ୍ ଏବଂ ପଣ୍ଡିତମାନଙ୍କ ସ୍ୱପ୍ନଠାରୁ ଶକ୍ତିରେ ଅଧିକା । ***ଜାଲିକା ଫଜ୍‌ଲୁଲ୍ଲାହି ୟୁତିହି ମଇଁ ୟଶାଉ*** (ଅଲ୍‌ଯୁମା:୦୫) ତେଣୁ ମୁସଲମାନଙ୍କ ପାଇଁ ଏହା ଜରୁରୀ ଅଟେ ଯେ ସେମାନେ ନିଜର ସେହି ବାସ୍ତବିକ ଉପକାରୀ (ଅର୍ଥାତ ଈଶ୍ୱର)ଙ୍କ କୃତଜ୍ଞତା ଜ୍ଞାପନ କରନ୍ତୁ କାରଣ ଅଲ୍ଲାଃ ତାଲା କହୁଛନ୍ତି: ***ଲ ଇନ୍ ଶକର୍‌ତୁମ୍ ଲଅଜିଦନ୍ନକୁମ୍ ଓ୍ୱ ଲଇନ୍ କଫର୍‌ତୁମ୍ ଇନ୍ନା ଅଜାବି ଲଶଦିଦ୍*** (ଇବ୍‌ରାହିମ୍: ୮) ଅର୍ଥାତ୍: ଯଦି ତୁମେମାନେ ମୋର କୃତଜ୍ଞ ହେବ, ତେବେ ମୁଁ ପ୍ରଦାନ କରିଥିବା କୃପାକୁ ଆହୁରି ଅଧିକା ପ୍ରଦାନ କରିବି ଏବଂ (ଏହା ବିପରୀତ ଯଦି) ଅସ୍ୱୀକାର କରିବ ତା ହେଲେ (ଜାଣିରଖ ଯେ) ମୋର ଶାସ୍ତି ମଧ ବହୁତ କଠୋର । ମନେରଖ ଯେ ଯେବେ ଏ ଉମ୍ମତ୍ (ସମ୍ପ୍ରଦାୟ)କୁ ଉମ୍ମତେ ମର୍‌ହୁମା ଅଭିହିତ କରାଯାଇଅଛି ଏବଂ ତାଙ୍କୁ ଈଶ୍ୱର ପ୍ରଦତ ଜ୍ଞନାରେ ଅଳଙ୍କୃତ କରାଯାଇଅଛି ତେଣୁ କର୍ମ ଦ୍ୱାରା ମଧ କୃତଜ୍ଞତା ଜ୍ଞାପନ କରିବା ଜରୁରୀ । ସୁତରାଂ **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍** ରେ ସମସ୍ତ ମୁସଲମାନମାନଙ୍କ ପାଇଁ ଏହା ଜରୁରୀ ଅଟେ ଯେ ସେମାନେ **ଇୟାକ ନାବୁଦୁ** ଉପରେ ଧ୍ୟାନ ଦିଅନ୍ତୁ କାରଣ **ଇୟାକା ନାବୁଦୁ** କୁ ଇୟାକା ନସ୍‌ତଇନ୍ ଉପରେ ଅଗ୍ରାଧିକାର ଦିଆଯାଇଛି । ତେଣୁ ପ୍ରଥମେ ବ୍ୟବହାରୀକ କାର୍ଯ୍ୟ ଦ୍ୱାରା କୃତଜ୍ଞତା ଜ୍ଞାପନ କରିବା ଉଚିତ । ତେଣୁ **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍** ରେ ଏହି ଅର୍ଥକୁ ରଖାଯାଇଛି । ଅର୍ଥାତ ଦୁଆ ପୂର୍ବରୁ ପ୍ରକାଶ୍ୟ ସାଧନ ଗୁଡ଼ିକର ବ୍ୟବହାର ଉପଯୋଗ ନିଶ୍ଚିତ ରୂପେ କରାଯାଉ । ତା'ପରେ ଦୂଆ ପ୍ରତି ପ୍ରତ୍ୟାଗମନ କରାଯାଉ । ପ୍ରଥମତଃ ବିଶ୍ୱାସ, ଚରିତ୍ର ଏବଂ ଆମର ବ୍ୟବହାରର ସୁଧାର ହେଉ । ତା'ପରେ ପୁଣି **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ ।**

### ଉତମ ଚିରତ୍ର ହେଉଛି ମନୁଷ୍ୟର ପୂଣ୍ୟବାନ ହେବାର ଲକ୍ଷଣ

ଏବେ ମୁଁ ଗୋଟିଏ ଜରୁରୀ ଓ ଅତ୍ୟନ୍ତ ଜରୁରୀ କଥା ବର୍ଣ୍ଣନା କରିବାକୁ ଚାହୁଁଅଛି । ଆମ ଯମାତ ଅବହେଳା ଓ ଅନାଗ୍ରହ ହୋଇ ଶୁଣିବା ଉଚିତ ନୁହେଁ । ମନେରଖ ଯେ ଉତମ ଚରିତ୍ର ହେଉଛି ମଣିଷର ପୂଣ୍ୟବନ୍ତ ହେବାର ଲକ୍ଷଣ । ସାଧାରଣତଃ ପବିତ୍ର ହଦିସ୍‌ରେ ଜଣେ ମୁସଲମାନର ସଜ୍ଞା ନିରୂପଣ ଏପରି ହୋଇଛି ଯେ ମୁସଲମାନ ହେଉଛି ସେ ଯାହାର ହାତ ଓ ମୁହଁରୁ (ଅନ୍ୟ) ମୁସଲମାନମାନେ ସୁରକ୍ଷିତ ରହୁଥିବେ ।

....... **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍** ର ଦୁଆ ଶିକ୍ଷା ଦେବାରେ ଅଲ୍ଲାଃ ତାଲା ଏହା ଚାହୁଁଛନ୍ତି ଯେ, ମଣିଷ ତିନୋଟି ପାର୍ଶ୍ୱକୁ ନିଶ୍ଚିତ ରୂପେ ଆଖି ଆଗରେ ରଖୁ । ପ୍ରଥମତଃ: ଚାରିତ୍ରୀକ ଅବସ୍ଥା ଦ୍ୱିତୀୟତଃ: ବିଶ୍ୱାସ / ଆସ୍ଥାର ଅବସ୍ଥା ତୃତୀୟତଃ: କର୍ମର ଅବସ୍ଥା । ମୋଟାମୋଟି ଭାବେ ଏହା କହିପାର ଯେ ମଣିଷ ଈଶ୍ୱର ପ୍ରଦତ ଶକ୍ତି ମାଧ୍ୟମରେ ନିଜର ଅବସ୍ଥାକୁ ସୁଧାର କରୁ ଏବଂ ତା'ପରେ ଯାଇ ଅଲ୍ଲାଃଙ୍କଠାରୁ ମାଗୁ । ଏ ଅର୍ଥ ନୁହେଁ କି ସୁଧାର ଅବସ୍ଥାରେ ଦୁଆ ନ କରୁ । ନୁହେଁ, (ବରଂ) ସେତେବେଳେ ମଧ୍ୟ ମାଗିବା ଜାରି ରଖୁ । **ଇୟାକା ନାବୁଦୁ ଓ୍ୱ ଇୟାକା** ନସ୍‌ତଇନ୍ ମଧ୍ୟରେ ଦୂରତା ନାହିଁ କିନ୍ତୁ **ଇୟାକା ନାବୁଦୁ** ରେ ଯୁଗକୁ ପ୍ରାଥମିକତା ଦିଆଯାଇଅଛି । କାରଣ ଯେଉଁ ଅବସ୍ଥାରେ ସେ ନିଜର ରହ୍‌ମାନିୟତ୍ (କରୁଣା) ଯୋଗେ ଆମର ବିନା ଦୂଆ ଓ ବିନା ଦରଖାସ୍ତରେ ଆମକୁ ମଣିଷ ବନାଇଛି ଓ ଭଲି ଭଲିକା ଶକ୍ତି ଓ କିସମ କିସମର ବୈଭବ ପ୍ରଦାନ କରିଛି । ସେ ସମୟରେ ଆମର ଦୁଆ ନଥିଲା, ସେତେବେଳେ ଖୁଦାଙ୍କ କୃପା ଥିଲା ଓ ଏହା ହିଁ ପ୍ରାଥମିକତା ।

### ରହ୍‌ମାନିୟତ୍ ଏବଂ ରହିମିୟତ୍

ଏହା ମନେରହୁ ଯେ ରହମ୍ (କରୁଣା) ହେଉଛି ଦୁଇ ପ୍ରକାରର । ଗୋଟିଏ ହେଉଛି ରହ୍‌ମାନିୟତ୍ ଏବଂ ଅନ୍ୟଟି ରହିମିୟତ୍ ନାମରେ ନାମିତ । ରହ୍‌ମାନିୟତ୍ ହେଉଛି ଏପରି କୃପା ଯାହା ଆମ ଅସ୍ତିତ୍ୱଠାରୁ ମଧ ପୁର୍ବରୁ ହିଁ ଆରମ୍ଭ ହୋଇଛି । ଉଦାହରଣ ସ୍ୱରୁପ ଅଲ୍ଲାଃ ତାଲା ପ୍ରାରମ୍ଭରେ ନିଜର ଅନାଦି ଜ୍ଞାନ ଦ୍ୱାରା ଦେଖି ଏ ପ୍ରକାରର ପୃଥିବୀ ଓ ଆକାଶ ଏବଂ ପାର୍ଥିବ ଓ ଆକାଶୀୟ ବସ୍ତୁକୁ ଏପରି ସୃଷ୍ଟି କରିଛନ୍ତି ଯାହାସବୁ ଆମ କାର୍ଯ୍ୟରେ ଲାଗିବାକୁ ଥିଲା ଓ କାର୍ଯ୍ୟରେ ଲାଗୁଅଛି ଏବଂ ସେହି ସମସ୍ତ ବସ୍ତୁଠାରୁ ମଣିଷ ହିଁ ସାଧାରଣତଃ ଲାଭ ଉଠାଇ ଥାଏ । ଛେଳି, ମେଣ୍ଢା ଏବଂ ଅନ୍ୟାନ୍ୟ ପଶୁମାନେ ହିଁ ମଣିଷ ପାଇଁ ଲାଭକାରୀ କିନ୍ତୁ ସେମାନେ କିପ୍ରକାରର ଲାଭ ଉଠାଉଛନ୍ତି ? ଦେଖ ଶରୀର ପାଇଁ ମଣିଷ କି ପ୍ରକାରର ନରମ / କୋମଳ ଓ ଉଚ୍ଚକୋଟିର ଖାଦ୍ୟ ଖାଇଥାଏ । ଉଚ୍ଚ କୋଟିର ମାଂସ ମଣିଷ ପାଇଁ ଉଚ୍ଛିଷ୍ଟ, ବଳକା ଓ ହାଡ଼ କୁକୁର ପାଇଁ । ଶାରୀରିକ ରୂପେ ଯେଉଁ ପ୍ରକାରର ଭାଗ ଓ ମଜା ମନୁଷ୍ୟକୁ ମିଳୁଛି ଯଦିଚ ପଶୁମାନେ ମଧ ସେଥିରେ ଭାଗୀଦାରୀ ଅଛନ୍ତି, କିନ୍ତୁ ମଣିଷକୁ ତାହା ଉଚ୍ଚ ସ୍ତରରେ ହାସଲ ହୋଇଅଛି, ଯେବେ କି ଆଧାତ୍ମିକ ସ୍ୱାଦକୁ ହାସଲ କରିବାରେ ପଶୁମାନେ ମଧ ଭାଗୀଦାରି ନୁହନ୍ତି । ସୁତରାଂ ଏହା ହେଉଛି ଦୁଇପ୍ରକାରର ରହ୍‌ମତ୍ (କରୁଣା) । ଗୋଟିଏ ହେଉଛି ତାହା, ଯାହା ଆମ ଅସ୍ତିତ୍ୱ ପୂର୍ବରୁ ଏହି ସମସ୍ତ ସକଳ ବସ୍ତୁଗୁଡ଼ିକୁ ସେ ସୃଷ୍ଟି କରିଛନ୍ତି ଓ ତାହା ସବୁ ଆମ ସେବାରେ ଲାଗି ରହିଛନ୍ତି ଓ ଏହାସବୁ ଆମ ଅସ୍ତିତ୍ୱ, ଅଭିଳାଷା ଓ ଆମ ଦୁଆ ପୂର୍ବରୁ ବିଦ୍ୟମାନ ଯାହା ରହମାନିୟତ ଯୋଗୁଁ ସୃଷ୍ଟି ହୋଇଛନ୍ତି ।

ଏବଂ ଦ୍ୱିତୀୟ ରହ୍‌ମତ୍ ହେଉଛି ରହିମିୟତ୍‌ର ଅର୍ଥାତ ଯେବେ ଆମେ ଦୁଆ କରୁଛେ ତେବେ ଆମକୁ ଅଲ୍ଲାଃ ତାଲା ପ୍ରଦାନ କରୁଛନ୍ତି । ଧ୍ୟାନ ଦେଇ ଚିନ୍ତାକଲେ ଜଣା ପଡ଼ିବ ଯେ ପ୍ରକୃତିର ନିୟମ କାନୁନ୍‌ର ସମ୍ବନ୍ଧ ନିରନ୍ତର ଦୁଆ ସହିତ ସମ୍ପର୍କ ରହିଛି । ଆଜି କାଲି କେତେକ ଲୋକ ଏହାକୁ ବିଦ୍‌ଅତ୍ (ଅର୍ଥାତ କୁପ୍ରଥା) ରୂପେ ବିବେଚନା କରୁଛନ୍ତି । ଆମ ଦୁଆର ଯେଉଁ ସମ୍ବନ୍ଧ ଖୁଦାତାଲାଙ୍କ ସହିତ ରହିଛି, ମୁଁ ଚାହୁଁଛି ଯେ ତାହା ମଧ ଏଠାରେ ବର୍ଣ୍ଣନା କରିଦିଏ ।

ଗୋଟିଏ ପିଲା ଯେତେବେଳେ ଭୋକରେ ଆଉଟୁପାଉଟୁ ହୋଇ କ୍ଷୀର ଖାଇବା ପାଇଁ ରଡ଼ିଛାଡ଼େ ଓ ଚିତ୍କାର କରିଥାଏ ସେତେବେଳେ ମାଆର ସ୍ତନରେ ଖିର ଭରିଯାଏ । ପିଲାଟି ଦୁଆର ନାଁ ମଧ ଜାଣିନାହିଁ କିନ୍ତୁ ତା'ର ଚିତ୍କାର ଖିରକୁ କାହିଁକି ଟାଣି ଆଣୁଛି ? ଏ ଅନୁଭବ ସମସ୍ତଙ୍କର ରହିଛି । ବେଳେବେଳେ ଏକଥା ଦେଖାଯାଇଛି ଯେ ମାଆ ମାନେ କ୍ଷୀର ଥିବାର ଅନୁଭବ ମଧ କରିନଥାନ୍ତି କିନ୍ତୁ ପିଲାର ଚିତ୍କାର କ୍ଷୀରକୁ ଭିଡ଼ି ଆଣିଥାଏ । ତେବେ ଯଦି ଅଲ୍ଲାଃଙ୍କ ନିକଟରେ ଆମର ଚିତ୍କାର ହେବ ତା'ହେଲେ ସେ କ'ଣ କିଛି ଟାଣି ଆଣିପାରିବ ନାହିଁ ? ଆସିଥାଏ ଓ ସବୁକିଛି ଆସିଥାଏ କିନ୍ତୁ ଆଖି ଥାଇ ଅନ୍ଧ, ଯେଉଁମାନେ ଫାଜିଲ୍ ଓ ଫିଲୋସଫର ହୋଇ ବସିଛନ୍ତି, ସେମାନେ ଦେଖିପାରିବେ ନାହିଁ । ପିଲାର ସମ୍ପର୍କ ଯେପରି ତା ମାଆ ସହିତ ରହିଛି, ସେହିପରି ସମ୍ପର୍କ ଓ ସମ୍ବନ୍ଧକୁ ଯଦି ମଣିଷ ନିଜ ମନ ଭିତରେ ରଖି ଦୁଆ କରେ, (ଓ ଏହାର) ଦର୍ଶନତତ୍ତ୍ୱ ଉପରେ ଧ୍ୟାନ ଦିଏ, ତେବେ ଏହା ବହୁତ ସହଜ ଓ ସରଳ ଜଣାପଡ଼େ । ଦ୍ୱିତୀୟ ପ୍ରକାରର ରହମ୍ ଏ ଶିକ୍ଷା ଦେଇଥାଏ ଯେ ପ୍ରଥମତଃ ରହମ୍ (କରୁଣା) ମାଗିବା ପରେ ସୃଷ୍ଟି ହୋଇଥାଏ । ମାଗି ଚାଲିଥିବ, ମିଳି ଚାଲିଥିବ **ଉଦ୍‌ଉନି ଅସ୍‌ତଜିବ୍ ଲକୁମ୍** (ଅଲ୍‌ମୋମିନ୍ : ୬୧) ଏହା କୌଣସି ବାକ୍‌ଚାତୁରୀ ନୁହେଁ ବରଂ ଏହା ମଣିଷ ସ୍ୱଭାବର ଏକ ଅଭିନ୍ନ ଅଙ୍ଗ ।

***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୦୯-୧୧୧, ପ୍ରକାଶନ ୨୦୧୮ କାଦିଆନ୍)***

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଏ ବର୍ଷ ବ୍ରିଟେନ୍ ଅର୍ଥ ପଇଠ କରିବା ଦୃଷ୍ଟିକୋଣରୁ ପୃଥିବୀର ସବୁଦେଶଠାରୁ ଆଗରେ ରହିଛି । ଏବଂ ମୁଁ ଏଠାରେ ବିବରଣୀ ପ୍ରଦାନ କରିଦଉଛି, ବ୍ରିଟେନ୍ ନଂ ଏକ, ତା'ପରେ ପାକିସ୍ତାନ, ପୁଣି ଜର୍ମାନୀ, ପୁଣି ଆମେରିକା, ପୁଣି କାନାଡ଼ା ତା'ପରେ ପୁଣି ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ପୁଣି ମିଡ଼ିଲ୍ ଇଷ୍ଟର ଦୁଇଟି ଯମାତ୍ ରହିଛି । ଅମୀର ସାହେବ୍ କହିଥିଲେ ୱକ୍‌ଫେ ଯଦିଦ୍‌ରେ ବଢ଼ାଇବୁ ସୁତରାଂ ସେ ନିଜର ବଚନକୁ ପୂରଣ କରିଛନ୍ତି ।

ଦଶଟି ବଡ଼ ବଡ଼ ଯମାତ୍ ଯେଉଁମାନଙ୍କର ଗତ ବର୍ଷ ତୁଳନାରେ ସ୍ଥାନୀୟ କଂରେନ୍ସିରେ ବହୁତ ବୃଦ୍ଧି ଘଟିଛି । ସେମାନଙ୍କ ମଧ୍ୟରେ ଇଣ୍ଡୋନେସିଆ ଆଗରେ ରହିଛି, ପୁଣି ଜର୍ମାନୀ, ପୁଣି ଆମେରିକା, ତା'ପରେ ପୁଣି ଅନ୍ୟ ଯମାତ ଗୁଡ଼ିକ ଅଛନ୍ତି । ତ ଯାହା ହେଉ ଏହି ତିନୋଟି ବଡ଼ ବଡ଼ ଯମାତ୍ । ଭାରତ ମଧ୍ୟ ନିଜର ଯଥେଷ୍ଟ ବୃଦ୍ଧି କରିଛି, କାନାଡ଼ା, ବ୍ରିଟେନ୍, ମିଡ଼ିଲ୍ ଇଷ୍ଟର ଯମାତ୍ ଗୁଡ଼ିକ, ପାକିସ୍ତାନ ଏବଂ ଅଷ୍ଟ୍ରେଲିଆର ତୁଳନାରେ ଭାରତର ସ୍ଥାନୀୟ ମୁଦ୍ରାରେ କୁର୍ବାନୀ କରିବାର ଯେଉଁ ବୃଦ୍ଧି ଘଟିଛି ତାହା ଏ ଦେଶଗୁଡ଼ିକ ମଧ୍ୟରୁ ଅଧିକା । ତେଣୁ ଏ ଦୃଷ୍ଟି କୋଣରୁ ଦେଖିଲେ ଭାରତ ୫ନଂରେ ରହିଛି ।

ଏବଂ ଆଫ୍ରିକାରେ ମୋଟାମୋଟି ଅସୁଲି ଦୃଷ୍ଟିକୋଣରୁ ଯେଉଁ ଯମାତ୍ ଗୁଡ଼ିକ ସ୍ୱତନ୍ତ୍ର ସ୍ଥାନ ରଖିଛନ୍ତି ସେମାନଙ୍କ ମଧ୍ୟରୁ ୧ନଂ ରେ ରହିଛି ଘାନା ୨ ନଂରେ ନାଇଜେରିଆ, ୩ରେ ବୁର୍କିନା ଫାସୋ ୪ ରେ ତଞ୍ଜାନିୟା ୫ରେ ବେନିନ୍, ୬ରେ ଗାମ୍ବିୟା, ୭ରେ କେନିଆ, ୮ରେ ମାଲି, ୯ରେ ସିରିଆଲୋନ୍ ଏବଂ ୧୦ ନଂରେ କଙ୍ଗୋକନ୍‌ସାସା ।

ଚାନ୍ଦାରେ ଯୋଗ ଦେଇଥିବା ଲୋକମାନଙ୍କର ସଂଖ୍ୟା ଦୃଷ୍ଟିକୋଣରୁ ଏ ବର୍ଷ ଅଲ୍ଲାଃ ତାଲାଙ୍କ ଫଜଲ୍‌ରୁ ଯେଉଁଲୋକମାନେ ସାମିଲ ହୋଇଛନ୍ତି ସେମାନଙ୍କର ସଂଖ୍ୟା ହେଉଛି ୧୮ ଲକ୍ଷ ୨୧ ହଜାର ଏବଂ ଏ ବର୍ଷ ସେମାନଙ୍କର ୮୯ହଜାର ବୃଦ୍ଧି ହୋଇଛି ଓ ଏ ବର୍ଷ ସଂଖ୍ୟାରେ ବୃଦ୍ଧି ଦୃଷ୍ଟିକୋଣରୁ ଯେଉଁ ଯମାତଗୁଡ଼ିକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛନ୍ତି ୧ନଂରେ ରହିଛନ୍ତି କାମେରୁନ୍, ପୁଣି ସିନିଗାଲ୍, ପୁଣି ସିରିଆଲିଓନ୍, ପୁଣି ନାଇଜେରିଆ, ପୁଣି ବୁରକିନା ଫାସୋ, ପୁଣି ଇଣ୍ଡୋନେସିଆ ତା'ପରେ ପୁଣି ଅନ୍ୟ ଯମାତ ଅଛନ୍ତି ।

ମୋଟାମୋଟି ବସୁଲି କରାଯାଇଥିବା ଦୃଷ୍ଟିକୋଣରୁ ବ୍ରିଟେନ୍‌ର ୧୦ଟି ବଡ଼ ଯମାତ୍ ହେଉଛନ୍ତି ଏପରି, ୧ ନଂରେ ଇସ୍‌ଲାମାବାଦ୍, ୨ନଂରେ ଆଲ୍‌ଡ଼ରଶାଟ୍, ୩ରେ ୱେଷ୍ଟରପାର୍କ, ପୁଣି ବ୍ରମିଙ୍ଗ ହମ୍ ସାଉଥ୍, ପୁଣି ମସ୍‌ଜିଦ୍ ଫଜଲ୍, ପୁଣି ପଟନି, ପୁଣି ଜଲ୍‌ମଘମ୍, ପୁଣି ନ୍ୟୁମୋଡ଼ନ୍, ପୁଣି ବ୍ରମିଙ୍ଗହମ୍ ୱେଷ୍ଟ ଏବଂ ହାଉଂସଲୋ ନର୍ଥ । ଏବଂ ରିଜିଓନ୍ ଦୃଷ୍ଟିକୋଣରୁ ପ୍ରଥମ ପାଂଚଟି ରିଜିଓନ୍ ହେଉଛି ଏପରି, ୧ ନଂରେ ବଇତୁଲ୍ ଫତୁହ୍ ରିଜିଓନ୍, ପୁଣି ମସ୍‌ଜିଦ୍ ଫଜଲ୍ ରିଜିଓନ୍, ମିଡ୍‌ଲ୍ୟାଣ୍ଡ ରିଜିଓନ୍, ଇସଲାମାବାଦ ରିଜିଓନ୍ ଏବଂ ବଇତୁଲ୍ ଏହ୍‌ସାନ୍ ରିଜିଓନ୍ । ଦଫତର୍ ଇତ୍‌ଫାଲ୍ ଦୃଷ୍ଟିକୋଣରୁ ପ୍ରଥମ ୧୦ ଟି ଯମାତ୍ ହେଉଛନ୍ତି ଏପରି: ୧ନଂରେ ଆଲ୍‌ଡ଼ରସାଟ୍, ପୁଣି ରୋହମ୍ପଟନ୍, ପିଟ୍‌ନି , ଇସ୍‌ଲାମାବାଦ୍, ମଚମ୍‌ପାର୍କ, ଚିମ୍, ଲେମିଙ୍ଗଟନ୍ ସ୍ପା, ୱେଷ୍ଟର ପାର୍କ, ରେଞ୍ଜର୍ ପାର୍କ ଏବଂ ସର୍ବଟମ୍

ପାକିସ୍ତାନରେ ଚାନ୍ଦା ବାଲିଗାମ୍ ଦେବାର ପ୍ରଥମ ତିନୋଟି ଯମାତ୍ ହେଉଛି ଏପରି, ୧ନଂରେ ଲାହୋର୍, ୨ନଂରେ ରବ୍‌ୱା, ୩ରେ କରାଚି । ମୁଦ୍ରାର ମୂଲ୍ୟ କମ୍ ଥିବା ଯୋଗୁଁ ପାକିସ୍ତାନ ପଛକୁ ଚାଲିଗଲା ଯଦି ପଛ ବର୍ଷର ମୁଦ୍ରାର ମୂଲ୍ୟ ଏବେ ଥାଆନ୍ତା ତେବେ ଏଥରକ ମଧ୍ୟ ପାକିସ୍ତାନ ୧ନଂରେ ହିଁ ରହିଥାନ୍ତା । ବିଟ୍ରେନ ଏତେ କିଛି ଅଧିକା କରିନାହିଁ । ଚାନ୍ଦା ବାଲିଗାମ୍‌ରେ ପାକିସ୍ତାନର ଯେଉଁ ଜିଲ୍ଲାଗୁଡ଼ିକ ଅଛନ୍ତି ସେମାନଙ୍କ ମଧ୍ୟରେ ଇସ୍‌ଲାମବାଦ, ସିଆଲ୍‌କୋଟ, ରାଉଲପିଣ୍ଡି, ଗୁଜୁରାୱାଲା, ମୁଲ୍‌ତାନ୍, ଉମର୍‌କୋଟ୍, ହାଇଦରାବାଦ୍, ଡେରାଗାଜିଖାନ୍, ମିର୍‌ପୁରଖାସ୍ ଏବଂ ପେସାୱର୍ । ମୋଟ ବସୁଲି ଦୃଷ୍ଟିକୋଣରୁ ପ୍ରଥମ ୧୦ଟି ଯମାତ୍ ହେଉଛି ଏପରି, ଇସ୍‌ଲାମାବାଦ୍ ସହର, ଟାଉନ୍‌ସିପ୍ ଲାହୋର୍, ଡ଼ିଫେନ୍ସ ଲାହୋର୍, ଦାରୁଲ୍ ଜିକର୍ ଲାହୋର୍, ଗୁଲ୍‌ସନ୍ ଇକ୍‌ବାଲ୍ କାରଚି, ସମାନାବାଦ୍ ଲାହୋର୍, ରାଉଲପିଣ୍ଡି ସହର୍, ଅଜିଜାବାଦ୍ କରାଚି, ଗୁଲ୍‌ସନ୍ ଯାମି କରାଚି ଏବଂ ଦିଲ୍ଲୀଗେଟ୍ ଲାହୋର୍ ।

ସେଠାରେ ପ୍ରତକ୍ଷେତ୍ରରୁ ପରିସ୍ଥିତି ଖରାପ ରହିଛି ଏହା ସତ୍ୱେ ମଧ୍ୟ ଅଲ୍ଲାଃ ତାଲାଙ୍କ କୃପାରୁ ସେଠାରେ ମଧ୍ୟ ବହୁ କୁର୍ବାନୀ କରିବା ଲୋକ ଅଛନ୍ତି । ଦଫତର୍ ଇତ୍‌ଫାଲ୍‌ରେ ପାକିସ୍ତାନ ୩ଟି ବଡ଼ ଯମାତ୍ ହେଉଛି ଏପରି ୧ନଂରେ ଲାହୋର୍, ୨ରେ କରାଚୀ, ୩ରେ ରବ୍‌ୱା । ଜିଲ୍ଲାମାନଙ୍କର ପୋଜିସନ୍ ଏପରି ରହିଛି, ୧ନଂରେ ସିଆଲ୍‌କୋଟ, ୨ରେ ଗୁଜୁରାୱାଲା, ୩ରେ ସର୍ବୋଧା, ପୁଣି ହାଇଦରାବାଦ୍, ଡ଼େରାଗାଜିଖାନ୍, ଶେଖୋପୁରା, ମିର୍‌ପୁର୍‌ଖାସ୍, ଉମ୍‌ର୍‌କୋଟ୍, ୱକାଡ଼ା ଓ ଶେଷରେ ପେଶୱାର୍ ।

ଅସୁଲି ଦୃଷ୍ଟିକୋଣରୁ ଜର୍ମାନୀର ସ୍ଥାନୀୟ ପାଂଚଟି ଯମାତ୍ ହେଉଛି ଏପରି, ୧ନଂରେ ହେମ୍ବଗ୍ର, ୨ରେ ଫ୍ରାଙ୍କଫର୍ଟ, ୩ରେ ଡ଼ସ୍‌ଟନ୍‌ବାଖ୍, ୪ରେ ଗ୍ରୋସ୍‌ଗେରାଓ, ୫ ୱିଜ୍‌ବାଦମ୍ । ଚାନ୍ଦା ବାଲିଗାମ୍‌ରେ ୱକ୍‌ଫେ ଯଦିଦ୍‌ର ୧୦ଟି ଯମାତ୍ ହେଉଛି ଏପରି ନୋୱିସ୍, ରୋଡୁର୍‌ମାର୍ଟ, ରିଡ଼ା, ମେହ୍‌ଦିବାଦ୍, ଫ୍ଲୋରିସ୍ ହାଏନ୍, ଫ୍ରେଡ଼ବର୍ଗ, ବେନ୍‌ଜହାଏନ୍, ଲାଙ୍ଗାନ୍, କୋବଲନ୍‌ଜ, ହେନାଓ, ଏବଂ ପେନିବର୍ଗ । ଦଫ୍‌ତର ଇତ୍‌ଫାଲ୍‌ରେ ପ୍ରଥମ ୫ଟି ରିଜିଓନ୍ ହେଉଛି ଏପରି, ହାଇସନ୍ ସାଉଥ ଇଷ୍ଟ, ହାଇସନ୍ ମଟେ, ଟାଉନ୍‌ସ, ପେସନ୍ ସାଉଥ୍, ଏବଂ ରାଏନ୍ ଲ୍ୟାଣ୍ଡ ଫଲ୍‌ସ, ହଜୁର ଅନୱର କହୁଛନ୍ତି ତାଙ୍କର ନାମ ଯାହାବି ହେଉ ଜର୍ମାନ ନିଜେ ହିଁ ସେଗୁଡ଼ିକ ସୁଧାରି ନେବେ ।

ଅସୁଲି ଦୃଷ୍ଟି କୋଣରୁ ଆମେରିକାର ୧୦ ଟି ଯମାତ୍ ହେଉଛି ଏପରି, ୧ ନଂରେ ମେରିଲ୍ୟାଣ୍ଡ, ପୁଣି ସିଲିକନ୍ ଭ୍ୟାଲି, ଲସ୍‌ଏଞ୍ଜିଲ୍‌ସ, ହ୍ୱେଷ୍‌ଟନ, ସେଂଟ୍ରାଲ୍ ଭର୍ଜିନିଆ, ସେଇଟଲ୍, ଡ଼େକ୍‌ଟ୍ରାଇଟ୍, ସାଉଥ ଭର୍ଜିନିଆ, ଚିକାଗୋ ଏବଂ ନର୍ଥ ଭର୍ଜିନିଆ, ।

ଅସୁଲି ଦୃଷ୍ଟିକୋଣରୁ କାନାଡ଼ର ଇମାରତ୍ ଗୁଡ଼ିକ ମଧ୍ୟରୁ ୧ନଂରେ ରହିଛି ୱାନ୍, କେଲ୍‌ଗିରି, ପିସିଭିଲେଜ୍, ୱାନ୍‌କୋଭର୍, ମିସେସ ସାଗା ପାଚଂ ନଂରେ ରହିଛି । ବଡ଼ ବଡ଼ ଯମାତ୍ ଗୁଡ଼ିକ ହେଉଛନ୍ତି ବରହମ୍, ବ୍ରେଡ଼ଫୋର୍ଡ଼, ଏଡ଼ମେଂଟନ୍ ୱେଷ୍ଟ, ମିଲ୍‌ଟନ୍ ୱେଷ୍ଟ, ହାମିଲ୍‌ଟନ୍ ମାଉଂଟେନ୍, ଅଟ୍‌ୱା ଇଷ୍ଟ ଏବଂ ଅଟ୍‌ୱା ୱେଷ୍ଟ, ଏୟାର ଡ଼େରି, ୱିନ୍‌ପେଗ୍ ଏବଂ ଏବ୍‌ଟସ୍ ଫୋର୍ଡ଼ ।

ଦଫ୍‌ତର ଇକ୍‌ଫାଲ୍‌ର ୫ଟି ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ଇମାରତ୍ ଗୁଡ଼ିକ ହେଉଛନ୍ତି ଏପରି: ୧ରେ ୱାନ୍, ୨ରେ କେଲ୍‌ଗିରି, ପିସ୍‌ଭିଲେଜ୍, ୱେର୍ଷ୍ଟନ୍, ବ୍ରେମ୍‌ଟନ୍ ୱେଷ୍ଟ । ଦଫତର ଅତ୍‌ଫାଲ୍‌ର ୫ଟି ଯମାତ୍ ହେଉଛନ୍ତି କ୍ରମ ଅନୁସାରେ: ଡ଼ର୍‌ହମ୍, ବ୍ରେଡ଼ଫୋର୍ଡ଼, ମିଲ୍‌ଟନ୍ ୱେଷ୍ଟ, ଏୟାର ଡ଼େରି, ହାମିଲ୍‌ଟନ୍ ମାଉଂଟେନ୍ ।

ଭାରତରେ ପ୍ରଦେଶଗୁଡ଼ିକ କ୍ରମାନୁସାରେ ଏପରି ରହିଛନ୍ତି । କେରଳ ୧ନଂରେ, ତା'ପରେ ଜମ୍ମୁ କଶ୍ମୀର ଏଠିକାର ପରିସ୍ଥିତି ଖରାପ ଥିବା ସତ୍ୱେ ମଧ୍ୟ ଦୁଇ ନଂ ରେ ଅଛି, ୩ରେ କର୍ଣ୍ଣାଟକ, ପୁଣି ତାମିଲନାଡୁ, ତେଲେଙ୍ଗାନା, ଓଡ଼ିଶା, ପୁଣି ପଂଞ୍ଜାବ, ପୁଣି ପଶ୍ଚିମବଙ୍ଗ, ଦିଲ୍ଲୀ ଏବଂ ଉତରପ୍ରଦେଶ । ଏବଂ ଅସୁଲି ଦୃଷ୍ଟିକୋଣରୁ ଭାରତର ଯେଉଁ ଯମାତ୍ ଗୁଡ଼ିକ ଅଛନ୍ତି ସେମାନଙ୍କ ମଧ୍ୟରୁ ୧ନଂରେ ପିଠାପୁରମ୍, ୨ରେ କାଦିୟାନ୍, ହାଇଦ୍ରାବାଦ୍, କାଲିକଟ୍, ବ୍ୟାଙ୍ଗଲୋର୍, କୋଏମ୍ବଟୁର୍, କରୋଲାଇ, କେରଙ୍ଗ ଏବଂ ପେଙ୍ଗାଡ଼ି ।

ଅଷ୍ଟ୍ରେଲିଆରେ ୧୦ଗୋଟି ଯମାତ୍ ହେଉଛି ଏପରି, ମେଲ୍‌ବର୍ନ ଲଙ୍ଗ ୱାରେନ୍, କ୍ୟାସିଲ୍ ହିଲ୍, ମେଲ୍‌ବର୍ନ ବେର୍‌ୱିକ୍, ମାର୍ସଟଡ଼ନ୍ ପାର୍କ, ଏଡ଼ିଲେଡ୍ ସାଉଥ୍, ଏମ୍‌ଟି ବ୍ରାଏଟ୍, ପେନ୍‌ରିଥ୍, ବ୍ଲାକଟାଉନ୍, କ୍ୟାମ୍ବେରା ଏବଂ ପର୍ଥ । ଅଥଲ୍‌ମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆରେ ମେଲ୍‌ବର୍ନ ଲଙ୍ଗ ୱାରେନ୍, ଏଡ଼ିଲେଡ୍ ସାଉଥ୍, ମେଲ୍‌ବର୍ନ ବେର୍‌ୱିକ୍, ଏମ୍‌ଟି ବ୍ରାଏଟ୍, ପେନ୍‌ରିଥ୍, ଲୋଗନ୍ ଇଷ୍ଟ, ପର୍ଥ, ମାର୍ସଟଡ଼ନ୍ ପାର୍କ, କ୍ୟାସିଲ୍ ହିଲ୍ ଏବଂ ପୁଣି ଶେଷରେ ଲୋଗନ୍ ୱେଷ୍ଟ ରହିଛି । ବାଲିଗାନ୍ ଚାନ୍ଦାରେ ଅଷ୍ଟ୍ରେଲିଆରେ ଯେଉଁ ଯମାତ୍‌ଗୁଡ଼ିକ ରହିଛି: କ୍ୟାସିଲ୍ ହିଲ୍, ମେଲ୍‌ବର୍ନ ଲଙ୍ଗ ୱାରେନ୍, ମାର୍ସଟଡ଼ନ୍ ପାର୍କ, ମେଲ୍‌ବର୍ନ ବେର୍‌ୱିକ୍, ମ୍‌ଟି ବ୍ରାଏଟ୍, ବ୍ଲାକଟାଉନ୍, ଏଡ଼ିଲେଡ୍ ସାଉଥ୍, ପେନ୍‌ରିଥ୍, କ୍ୟାମ୍ବେରା ଏବଂ ପର୍ଥ ।

ହଜୁର ଅନୱର କହୁଛନ୍ତି ଏଠାରେ ମଧ୍ୟ ଆଜିକାଲି ନିଆଁ ଲାଗିଯିବାର ସଂକଟ ଚାଲିଛି ଅଲ୍ଲାଃ ତାଲା ଏମାନଙ୍କ ଉପରେ ଦୟା କରନ୍ତୁ ଏବଂ ଏ ଦେଶର ଲୋକମାନେ ମଧ୍ୟ ନିଜର ପ୍ରକୃତ ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ । ସେ ଯାହା ହେଉ ଏହା ସତ୍ୱେ ମଧ୍ୟ ସେଠିକାର ଅହେମଦିମାନେ ଅଲ୍ଲାଃ ତାଲାଙ୍କ କୃପାରୁ କୁର୍ବାନୀ ଦେଉଅଛନ୍ତି । ପୃଥିବୀର ସମସ୍ତ କୁର୍ବାନୀ କରିଥିବା ଲୋକମାନଙ୍କର ଅଲ୍ଲାଃ ତାଲା ଧନ ଓ ଜନରେ ବହୁତ ବର୍‌କତ୍ ପ୍ରଦାନ କରନ୍ତୁ ।

ପାକିସ୍ତାନର ଯେଉଁ ଅବସ୍ଥା ରହିଛି ଯେମିତି କି ମୁଁ କହିସାରିଛି ଯେ, ସେମାନଙ୍କ ଆର୍ଥିକ ଅବସ୍ଥା ଖରାପ ରହିଛି ସେଥିପାଇଁ ମୁଦ୍ରାର କୌଣସି ମୂଲ୍ୟ ନାହିଁ ତେଣୁ ସେମାନେ ତଳକୁ ଚାଲିଯାଇଛନ୍ତି ଏହା ସତ୍ୱେ ମଧ୍ୟ ସେମାନେ କୁର୍ବାନୀ କରିବାରେ ପଛରେ ନାହାନ୍ତି । ସେହିପରି ରାଜନୈତିକ ପରିସ୍ଥିତି ମଧ୍ୟ ସେଠାରେ ଖରାପ ହେବା ଯୋଗୁଁ ତା'ର ପ୍ରଭାବ ଆର୍ଥିକ ଅବସ୍ଥା ଉପରେ ମଧ୍ୟ ପଡୁଛି । ପୁଣି ସେ ଇଲାକାରେ ଭାରତ ଓ

*ଅବଶିଷ୍ଟାଂଶ ପୃଷ୍ଠା- ୭ ରେ ଦେଖନ୍ତୁ...*


## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)



## ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛୁକ ପ୍ରାର୍ଥୀ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର ପଦବୀ ନିମନ୍ତେ ସ୍ଥାନ ଖାଲିଅଛି । ଯେଉଁ ବନ୍ଧୁ ଡ୍ରାଇଭର ଭାବେ ସେବା କରିବାକୁ ଇଛା ରଖିଛନ୍ତି ସେମାନେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା ନିକଟକୁ ପଠାଇ ପାରିବେ । ସର୍ତାବଳୀ ନିମ୍ନରେ ଦିଆଗଲା ।

୧. ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଡ୍ରାଇଭିଙ୍ଗର ଅଭିଜ୍ଞତା ଥିବା ଜରୁରୀ ।
୨. ପ୍ରାଥୀଙ୍କ ପାଇଁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବା ଜରୁରୀ ଅଟେ ।
୩. ସେହି ପ୍ରାର୍ଥୀଙ୍କୁ ଡ୍ରାଇଭର ଭାବେ ସେବାକାର୍ଯ୍ୟ ନିମନ୍ତେ ଚୟନ କରାଯିବ ଯେଉଁମାନେ ଇଂଟରଭ୍ୟୁ ବୋର୍ଡ଼ ଦ୍ୱାରା ସଫଳ ହେବେ ।
୪. ଏବଂ ଯିଏ ନୂର ହସ୍ପିଟାଲ କାଦିଆନ୍‌ର ମେଡ଼ିକାଲ୍ ଫିଟ୍‌ନେସ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ ।
୫. ପ୍ରାର୍ଥୀଙ୍କୁ ଦ୍ୱିତୀୟଶ୍ରେଣୀ କର୍ମଚାରୀସମ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ ।
୬. ପ୍ରାର୍ଥୀ କାଦିଆନ୍ ଆସିବାର ଯାତାୟାତ ଖର୍ଚ୍ଚ ନିଜେ ବହନ କରିବେ ।
୭. ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜ ରହିବାର ବ୍ୟବସ୍ଥା ନିଜେ କରିବେ ।

ନୋଟ୍- ଦରଖାସ୍ତ ଫର୍ମ ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଠାରୁ ହାସଲ କରିନିଅନ୍ତୁ । (ନାଜର୍ ଦିୱାନ୍ କାଦିଆନ)

ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:
ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ
ଫୋନ୍: ୦୧୮୭୨-୫୦୧୧୩୦
ମୋବାଇଲ୍: ୯୮୭୭୧୩୮୩୪୭, ୯୬୪୬୩୫୧୨୮୦
ଇମେଲ୍ : diwan@qadian.in


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

**ମୁଁ କେବେ ଦେଖିନାହିଁ ଯେ, ଆଁ ହଜରତ ସ:ଆ:ସ କେବେ କୌଣସି ବିଶେଷ ଖାଦ୍ୟ ଖାଇବା ପାଇଁ ହୁକୁମ୍ ଦେଇଥିବେ ଓ ପୁଣି ତାହା ଆପଣ ସ:ଆ:ସଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବ । ଏବଂ ନା ଆମେ କେବେ ଏହା ଦେଖିଥିବୁ ଯେ, ଆଁ ହଜରତ ସ:ଆ:ସଙ୍କ ସେବାରେ ଯେଉଁ ଖାଦ୍ୟ ପେସ୍ କରାଯାଇଥିବ ଓ ଆପଣ ସ:ଆ:ସ ସେଥିରେ କୌଣସି ଦୋଷ ଦୁର୍ବଳତା ବାହାର କରିଥିବେ ।**

**ସଦ୍‌କା, ଖୈରାତ୍ ଏବଂ ଗରିବମାନଙ୍କୁ ସାହାଯ୍ୟ କରୁଥିବା ଖୋଲା ହୃଦୟ ରଖିଥିବା ବଦ୍‌ରୀ ସାହାବି ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ପବିତ୍ର ଜୀବନ ଚରିତ୍ରର ବର୍ଣ୍ଣନା**

**ଗଜ୍‌ୱା ଅବୱାଆ ଅର୍ଥାତ ଅବୱାଆ ଯୁଦ୍ଧ, ବଦର୍ ଯୁଦ୍ଧ, ଓହଦ୍ ଯୁଦ୍ଧ ଏବଂ ହମ୍‌ରାଉଲ୍ ଅସଦ୍ ଯୁଦ୍ଧର ବିଭିନ୍ନ ଘଟଣାବଳୀର ସଂକ୍ଷିପ୍ତ ଚର୍ଚ୍ଚା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୭ ଡ଼ିସେମ୍ବର ୨୦୧୯ ଅନୁଯାୟୀ ୨୭ ଫତାଃ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-

اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ବିଗତ ଖୁତ୍‌ବାରେ ମୁଁ ହଜରତ ସାଆଦ୍ ବିନ୍ ଉବାଦାଃଙ୍କ ସମ୍ବନ୍ଧରେ ଚର୍ଚ୍ଚା କରୁଥିଲି । ଆଜି ମଧ ତାଙ୍କ ସମ୍ବନ୍ଧରେ ଆଉ କିଛି ବର୍ଣ୍ଣନା କରିବି । ବୟତେ ଅକ୍‌ବା ସାନିୟା ଅବସରରେ ଯେଉଁ ୧୨ଜଣ ନକିବ୍ ନିୟୋଜିତ ହୋଇଥିଲେ, ସେ ତାଙ୍କ ମଧ୍ୟରୁ ଜଣେ ଥିଲେ । *(ତବକାତୁଲ୍ କୁବ୍‌ରାଃ ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୪୬୧ ହଜରତ ସାଆଦ୍ ବିନ୍ ଉବାଦାଃ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦) ।*

ତାଙ୍କ ସମ୍ବନ୍ଧରେ ଶିରତ୍ ଖାତମୁନ୍ ନବିଇନ ପୁସ୍ତକରେ ହଜରତ ମିର୍ଜା ବଶୀର୍ ଅହେମଦ୍ ସାହେବ୍ ଏଭଳି ବର୍ଣ୍ଣନା କରିଛନ୍ତି ଯେ, "ସେ କବିଲା ଖଜ୍‌ରଜ୍‌ର ବନୁ ସାଆଦ୍ ବଂଶର ଥିଲେ ଓ ସମଗ୍ର ଖଜ୍‌ରଜ୍ କବିଲାର ସେ ସର୍ଦ୍ଦାର ଥିଲେ ଏବଂ ଆଁ ହଜରତ ସ:ଆ:ସଙ୍କ ସମୟରେ ସେ ଅତ୍ୟନ୍ତ ବିଶିଷ୍ଟ ଅନ୍‌ସାରମାନଙ୍କ ମଧ୍ୟରେ ଗଣାଯାଉଥିଲେ ଏପରି କି, ଆଁ ହଜରତ ସ:ଆ:ସଙ୍କ ଦେହାନ୍ତ ସମୟରେ କେତେକ ଅନ୍‌ସାର ତାଙ୍କ ନାମକୁ ଖିଲାଫତ୍ ନିମନ୍ତେ ଉପସ୍ଥାପନ କରିଥିଲେ" ଅର୍ଥାତ ଅନ୍‌ସାରମାନଙ୍କ ମଧ୍ୟରୁ ଯେଉଁ ନାମକୁ ପେସ୍ କରାଯାଇଥିଲା ସେହି ନାମଟି ତାଙ୍କର ଥିଲା । "........ ହଜରତ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ ତାଙ୍କର ଦେହାନ୍ତ ହୋଇଥିଲା" *(ଶିରତ୍ ଖାତମୁନ୍ ନବିଇନ୍ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ଏମ୍.ଏ ର:ଅ ପୃ-୨୩୦)*

ହଜରତ ସାଆଦ୍ ବିନ୍ ଉବାଦାଃ, ମୁନ୍‌ଜିର୍ ବିନ୍ ଅମ୍‌ରୋ ର:ଅ ଏବଂ ଅବୁ ଦଜାନା ର:ଅ ଏହି ତିନିଜଣ ଯେତେବେଳେ ଇସ୍‌ଲାମ୍ ଗ୍ରହଣ କଲେ ସେତେବେଳେ ଏମାନେ ସମସ୍ତେ ନିଜ କବିଲା ବନୁ ସାଆଦ୍ ର ପିତୁଳାକୁ ଭାଙ୍ଗି ଦେଇଥିଲେ । *(ତବକାତୁଲ୍ କୁବ୍‌ରାଃ ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୪୬୧ ହଜରତ ସାଆଦ୍ ବିନ୍ ଉବାଦାଃ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦) ।*

ମଦିନା ହିଜ୍‌ରତ୍ କରିବା ସମୟରେ ରସୁଲୁଲ୍ଲାଃ ସ:ଆ:ସ ସେତେବେଳେ ବନୁ ସାଇଦାଙ୍କ ଘରଗୁଡ଼ିକ ନିକଟ ଦେଇ ଯାଉଥିଲେ ସେତେବେଳେ ହଜରତ ସାଆଦ୍ ବିନ୍ ଉବାଦାଃ, ମୁନ୍‌ଜିର୍ ବିନ୍ ଅମ୍‌ରୋ ର:ଅ ଏବଂ ଅବୁ ଦଜାନା ର:ଅ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ଆମ ନିକଟକୁ ଚାଲିଆସନ୍ତୁ ଆମ ନିକଟରେ ସମ୍ମାନ ଅଛି, ଧନସମ୍ପତି ଅଛି ଶକ୍ତି ଏବଂ ଦୃଢ଼ତା ରହିଛି । ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଏକଥା ମଧ ନିବେଦନ କଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୋ କୌମ୍‌ରେ ଏପରି କୌଣସି ବ୍ୟକ୍ତି ନାହିଁ ଯାହାଙ୍କ ଖଜୁରୀ ବଗିଚା ମୋଠାରୁ ଅଧିକ ଥିବ ଓ ତା'ର କୂଅଗୁଡ଼ିକ ମଧ ମୋ ଠାରୁ ଅଧିକ ଥିବ ତତ୍‌ସହିତ ଧନସମ୍ପତି, ବଳ ଏବଂ ଜନଶକ୍ତିର ବହୁଳତା ମଧ ଥିବ ଏଥିରେ ଆଁ ହଜରତ ସ:ଆ:ସ କହିଲେ ହେ ଅବୁ ସାବିତ୍ ! ଏହି ଓଟର ରାସ୍ତାକୁ ଛାଡ଼ି ଦିଅ ବର୍ତ୍ତମାନ ଏ ହେଉଛି ମାମୁର୍ (ଅର୍ଥାତ ଅଲ୍ଲାଃଙ୍କ ତରଫରୁ ନିୟୋଜିତ ହୋଇଛି) ।

*(ସୁବ୍‌ଲୁଲ୍ ହୁଦା ଖଣ୍ଡ-୩, ପୃ-୨୭୨......... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୩)*

ଇଏ ନିଜ ଇଚ୍ଛା ମୁତାବକ ଯେଉଁ ସ୍ଥାନକୁ ଚାହିଁବ ଯିବ । ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ କବିଲା ବନୁ ସାଇଦାର ନକିବ୍ ଥିଲେ ଯେମିତି କି ପୂର୍ବରୁ ବର୍ଣ୍ଣନା ହୋଇସାରିଛି ।

କୁହାଯାଏ ଯେ, ଔସ୍ କବିଲା ଏବଂ ଖଜ୍‌ରଜ୍ କବିଲାରେ ଏପରି କୌଣସି ଘର ନଥିଲା ଯେଉଁଥିରେ ଚାରିଜଣ ବ୍ୟକ୍ତି ଜଣକ ପରେ ଜଣେ ଫୟାଜ୍ ଅର୍ଥାତ୍ ବଦାନ୍ୟ ବ୍ୟକ୍ତି ବିଶେଷ ହୋଇଥିବେ । ବହୁତ ଖୋଲା ହୃଦୟର ମାଲିକ ହୋଇଥିବେ କେବଳ ଦୁଲେମ୍‌ଙ୍କ ବ୍ୟତିତ ପୁଣି ତାଙ୍କ ପୁତ୍ର ଉବାଦା, ପୁଣି ତାଙ୍କ ପୁତ୍ର ସାଆଦ୍ ପୁଣି ତାଙ୍କ ପୁତ୍ର କୈସ୍ । ଦୁଲେମ୍ ଏବଂ ତାଙ୍କ ଘରର ଲୋକମାନଙ୍କର ବଦାନ୍ୟତା ସମ୍ବନ୍ଧରେ ବହୁତ ଭଲ ଭଲ ଖବର ପ୍ରସିଦ୍ଧ ଥିଲା *(ଉସଦୁଲ୍ ଗାବାଃ ଖଣ୍ଡ-୨, ପୃ-୪୪୧ ସାଆଦ୍ ବିନ୍ ଉବାଦାଃ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୩)*

ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମଦିନାରେ ପଦାର୍ପଣ କଲେ ଓ ବସବାସ କଲେ ସେତେବେଳେ ସାଆଦ୍ ର:ଅ ଆଁ ହଜରତ ସ:ଆ:ସଙ୍କ ସେବାରେ ପ୍ରତ୍ୟେକ ଦିନ ଗୋଟିଏ ବଡ଼ ପିଆଲା ଅର୍ଥାତ ପାତ୍ର ପଠାଉଥିଲେ ସେଥିରେ ମାଂସ ଏବଂ ସୁରିଦ୍, ମାଂସ ଦ୍ୱାରା ପ୍ରସ୍ତୁତ ହୋଇଥିଲା ରୋଟିଖଣ୍ଡ ବା ଖିରରେ ନିର୍ମିତ ହୋଇଥିବା ସୁରିଦ୍ ବା ସିର୍‌କା ଏବଂ ଜଇତୁମ୍ (ଅଲିଭ୍ ତେଲ)ର ସୁରିଦ୍ ବା ଚର୍ବିର ପାତ୍ର ପଠାଉଥିଲେ ଓ ଅଧିକାଂଶ ସମୟ ରନ୍ଧାମାଂସର ପାତ୍ର ପଠାଉଥିଲେ । ସାଆଦ୍‌ଙ୍କର ପାତ୍ର ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଆପଣ ସ:ଆ:ସଙ୍କ ପବିତ୍ର ପତ୍ନୀମାନଙ୍କ ଘରେ ମଧ ଘୂରି ବୁଲୁଥିଲା । *(ତବକାତୁଲ୍ କୁବ୍‌ରାଃ ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୪୬୧ ହଜରତ ସାଆଦ୍ ବିନ୍ ଉବାଦାଃ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦) ।* ଅର୍ଥାତ୍ ଉପରେ ବର୍ଣ୍ଣିତ ଖାଦ୍ୟଗୁଡ଼ିକ ଆଁ ହଜରତ ସ:ଆ:ସଙ୍କ ବିଭିନ୍ନ ପତ୍ନୀମାନଙ୍କ ପାଇଁ ମଧ ପ୍ରେରଣ ହେଉଥିଲା । ଆଉ କେତେକ ରିୱାୟତରେ ଏପରି ମଧ ବର୍ଣ୍ଣିତ ଅଛି ଯେ, ଆଁ ହଜରତ ସ:ଆ:ସଙ୍କ ଘରେ ଏପରି ମଧ ଦିନ ଓ ସମୟ ଆସୁଥିଲା ଯେ, ଖାଦ୍ୟ ପ୍ରସ୍ତୁତ ହେଉନଥିଲା । *(ସହି ବୁଖାରୀ କିତାବୁଲ୍ ହିବାଃ...... ହଦିସ୍ ନଂ-୨୫୬୭)*

ସମ୍ଭବତଃ ସେ ପ୍ରତ୍ୟେକ ଦିନ ନୁହେଁ ବରଂ ଅଧିକାଂଶ ସମୟ ପଠାଉଥିବେ ବା ପ୍ରାରମ୍ଭରେ ପଠାଉଥିବେ ଏବଂ ଏପରି ମଧ ହୋଇପାରେ ଯେ, ଆଁ ହଜରତ ସ:ଆ:ସ ନିଜର ବଦାନ୍ୟତା ଯୋଗୁଁ ଓ ଗରିବ ଲୋକମାନଙ୍କର ଧ୍ୟାନ ରଖୁଥିବା ଯୋଗୁଁ ବେଳେବେଳେ ସେ ସବୁକୁ ଗରିବ ଲୋକମାନଙ୍କ ମଧ୍ୟରେ ବାଂଟି ଦେଉଥିବେ, ଅତିଥିମାନଙ୍କୁ ଖୁଆଇ ଦେଉଥିବେ ସେଥିଯୋଗୁଁ ନିଜ ଘରେ କୌଣସି ଖାଦ୍ୟ ରହୁନଥିଲା ।

ସେ ଯାହାହେଉ ଆଉ ଗୋଟିଏ ରିୱାୟତ ମଧ ଅଛି ହଜରତ ଜଏଦ୍ ବିନ୍ ସାବିତ୍ ବର୍ଣ୍ଣନା କରୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ହଜରତ ଅବୁ ଅୟୁବ୍ ଅନ୍‌ସାରୀ ର:ଅଙ୍କ ଘରେ ରହୁଥିଲେ ସେତେବେଳେ ଆପଣ ସ:ଆ:ସଙ୍କ ନିକଟକୁ କୌଣସି ଉପହାର ଆସିନାହିଁ । ଯେଉଁ ପ୍ରଥମ ଉପହାରକୁ ମୁଁ ଆଁ ହଜରତ ସ:ଆ:ସଙ୍କ ସେବାରେ ନେଇ ଉପସ୍ଥିତ ହୋଇଥିଲି ତାହା ଗୋଟିଏ ପାତ୍ର ଥିଲା ଯେଉଁଥିରେ ଗହମ ରୋଟିର ସୁରିଦ୍, ମାଂସ ଏବଂ କ୍ଷୀର ଥିଲା ମୁଁ ସେ ସବୁ ନେଇ ଆଁ ହଜରତ ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ନିବେଦନ କଲି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଏହି ପାତ୍ରଟିକୁ ମୋ ମାଆ ଆପଣଙ୍କ ସେବାରେ ପ୍ରେରଣ କରିଛନ୍ତି ଏଥିରେ ଆପଣ ସ:ଆ:ସ କହିଲେ ଅଲ୍ଲାଃ ସେଥିରେ ବର୍‌କତ୍ ପ୍ରଦାନ କରନ୍ତୁ ତା'ପରେ ଆଁ ହଜରତ ସ:ଆ:ସ ନିଜ ସାହାବାମାନଙ୍କୁ ଡ଼କାଇଲେ ଫଳତଃ ସେମାନେ ମଧ ସେହି ପାତ୍ରରୁ ଖାଦ୍ୟ ଖାଇଲେ । ସେ କହୁଛନ୍ତି ମୁଁ ଏବେ କବାଟ ନିକଟରେ ପଂହଚିଥିଲି ଯେ, ସାଆଦ୍ ବିନ୍ ଉବାଦାଃ ର:ଅ ମଧ ଗୋଟିଏ ପାତ୍ର ନେଇ ଉପସ୍ଥିତ ହେଲେ ଯାହାକୁ ତାଙ୍କ ଗୁଲାମ୍ ନିଜ ମୁଣ୍ଡ ଉପରେ ଉଠାଇ ରଖିଥିଲା ତାହା ବହୁତ ବଡ଼ ପାତ୍ର ଥିଲା । ମୁଁ ହଜରତ ଅବୁ ଅୟୁବ୍ ର:ଅଙ୍କ କବାଟ ପାଖରେ ଛିଡ଼ା ହୋଇଗଲି ମୁଁ ଯେତେବେଳେ ସେହି ପାତ୍ର ଉପରୁ କନା ଉଠାଇଲି ଯଦ୍ୱାରା ମୁଁ ଦେଖିପାରିବି ଯେ ତା ଭିତରେ କ'ଣ କ'ଣ ଅଛି ବୋଲି ସେତେବେଳେ ମୁଁ ଦେଖିବାକୁ ପାଇଲି ଯେ, ତା' ଭିତରେ ସୁରିଦ୍ ଥିଲା ଓ ସେଥିରେ ହାଡ଼ ଥିଲା । ସେହି ଗୁଲାମ୍ ଜଣକ ତାହାକୁ ଆଁ ହଜରତ ସ:ଆ:ସଙ୍କ ଗୋଚରେ ଉପସ୍ଥାପନ କଲା ।

ହଜରତ୍ ଜଏଦ୍ ର:ଅ କହୁଛନ୍ତି ଯେ, ଆମେ ବନୁ ମାଲିକ୍ ବିନ୍ ନଜାରଙ୍କ ଘରେ ରହୁଥିଲୁ ଆମମାନଙ୍କ ମଧ୍ୟରୁ ତିନିଜଣ ବା ଚାରିଜଣ ପ୍ରତ୍ୟେକ ରାତ୍ରି ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ଜଣ

ଜଣ ହୋଇ ଖାଦ୍ୟ ନେଇ ଉପସ୍ଥିତ ହେଉଥିଲେ ଏପରି କି ରସୁଲୁଲ୍ଲାଃ ସ:ଆ:ସ ୭ମାସ ପର୍ଯ୍ୟନ୍ତ ହଜରତ ଅବୁ ଅୟୁବ ଅନ୍‌ସାରୀଙ୍କ ଘରେ ରହିଲେ । ସେହି ଦିନ ଗୁଡ଼ିକରେ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଏବଂ ହଜରତ ଅସ୍‌ଅଦ୍ ବିନ୍ ଜୁରାରାଃ ର:ଅଙ୍କ ପିଆଲା ପ୍ରତ୍ୟେକ ଦିନ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଆସୁଥିଲା । ଓ ଏଥିରେ କେଉଁ ଦିନ ବି ଛାଡ଼ ନଥିଲା । ହଜୁର ଅନଓ୍ୱର କହୁଛନ୍ତି ଏଠାରେ କେତେ ମାତ୍ରାରେ ସ୍ପଷ୍ଟ ମଧ୍ୟ ହୋଇଗଲା ଯେ, ପ୍ରାରମ୍ଭରେ ପ୍ରତ୍ୟେକ ଦିନ ଖାଦ୍ୟ ଆସୁଥିଲା ଏପରି କି ସାତ ମାସ ପର୍ଯ୍ୟନ୍ତ ନିୟମିତ ଆସୁଥିଲା ତା'ପରେ ମଧ ଆସୁଥିବ କିନ୍ତୁ ବୋଧ ହୁଏ ସେଭଳି ନିୟମିତ ଆସୁନଥିବ । ପୁଣି ସେ କହୁଛନ୍ତି ଯେ, ଏ ସମ୍ବନ୍ଧରେ ଯେତେବେଳେ ହଜରତ ଉମ୍ମେ ଅୟୁବ ର:ଅଙ୍କୁ ପଚାରାଗଲା ଯେ ରସୁଲୁଲ୍ଲାଃ ସ:ଆ:ସ ଯେହେତୁ ଆପଣଙ୍କ ଘରେ ରହୁଥିଲେ ସେଥିଯୋଗୁଁ ଆପଣ ବତାନ୍ତୁ ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କର ସବୁଠାରୁ ଅଧିକା ମନପସନ୍ଦ ଖାଦ୍ୟ କ'ଣ ଥିଲା? ଏଥିରେ ସେ ଉତର ଦେଲେ ଯେ, ମୁଁ ଏପରି କେବେ ଦେଖିନାହିଁ କି, ଆଁ ହଜରତ ସ:ଆ:ସ କୌଣସି ପ୍ରକାର ବିଶେଷ ଖାଦ୍ୟ ପାଇଁ କେବେ ହେଲେ ନିର୍ଦ୍ଦେଶ ଦେଇଥିବେ ଓ ପୁଣି ତାହା ଆଁ ହଜରତ ସ:ଆ:ସଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବ । ଏବଂ ନା' ଆମେ କେବେ ଏକଥା ଦେଖିଥିବୁ ଯେ, ଆଁ ହଜରତ ସ:ଆ:ସଙ୍କ ସେବାରେ ଖାଦ୍ୟ ଉପସ୍ଥାପନ କରାଯାଇଥିବ ଓ ଆପଣ ସ:ଆ:ସ ସେହି ଖାଦ୍ୟର ଦୋଷ ଦୁର୍ବଳତା ବାହାର କରିଥିବେ । ସେ କହୁଛନ୍ତି ଯେ, ହଜରତ ଅବୁ ଅୟୁବ୍ ମତେ ବତାଇଛନ୍ତି ଯେ, ଗୋଟିଏ ରାତି ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଆଁ ହଜରତ ସ:ଆ:ସଙ୍କ ସେବାରେ ଗୋଟିଏ ପିଆଲା (ପାତ୍ର) ପଠାଇଲେ ଯେଉଁଥିରେ ତଫୈଶଲ୍ ଥିଲା । ଏହା ଏକପ୍ରକାରର ଝୋଳ ଅଟେ । ଆଁ ହଜରତ ସ:ଆ:ସ ତାହାକୁ ମନବୋଧ କରି ପିଇଲେ । ମୁଁ ଏହା ପୂର୍ବରୁ କେବେ ଆଁ ହଜରତ ସ:ଆ:ସଙ୍କୁ ଏଭଳି ମନବୋଧ କରି ପିଇବାର ଦେଖିନି । ପୁଣି ଆମେ ମଧ୍ୟ ଆଁ ହଜରତ ସ:ଆ:ସଙ୍କ ପାଇଁ ଏହି ଭଳି ଖାଦ୍ୟ ପ୍ରସ୍ତୁତ କରିଥିଲୁ କେବେ ହେଲେ ଏହା କହିନାହାନ୍ତି ଯେ, ଏମିତି ଆଣ ବା ଏପରି ଖାଦ୍ୟ ପ୍ରସ୍ତୁତ କର । କେବେ ଖାଦ୍ୟର ଦୋଷ ଦୁର୍ବଳତା ବଖାଣି ନାହାନ୍ତି କିନ୍ତୁ ଯେଉଁ ସବୁ ଖାଦ୍ୟଗୁଡ଼ିକ ଆସୁଥିଲା ତା ମଧରୁ ଏହି ଖାଦ୍ୟ ଆପଣ ସ:ଆ:ସଙ୍କୁ ବହୁତ ପସନ୍ଦ ଲାଗିଲା ସେଥିପାଇଁ ଆପଣ ସ:ଆ:ସ ବହୁତ ଶ୍ରଦ୍ଧାର ସହିତ ଖାଇଲେ ଓ ପିଇଲେ । ତା'ପରେ ପୁଣି ସାହାବାମାନଙ୍କୁ ଜଣା ପଡ଼ିଗଲା ଯେ, ଏ ଖାଦ୍ୟ ଆଁ ହଜରତ ସ:ଆ:ସଙ୍କୁ ବହୁତ ପସନ୍ଦ ତେଣୁ ସେହି ଭଳି ଖାଦ୍ୟ ପ୍ରସ୍ତୁତ କରୁଥିଲେ । ପୁଣି ସେ କହୁଛନ୍ତି ଯେ, ଆମେ ଆଁ ହଜରତ ସ:ଆ:ସଙ୍କ ପାଇଁ ହରିସ୍ ନାମକ ଏକ ପ୍ରସିଦ୍ଧ ଖାଦ୍ୟ ଯାହାକୁ ଗହମ ଓ ମାଂସ ଦ୍ୱାରା ବନାଯାଉଥିଲା, ଏହା ମଧ ପ୍ରସ୍ତୁତ କରୁଥିଲୁ ଯାହା ଆପଣ ସ:ଆ:ସ ବହୁତ ପସନ୍ଦ କରୁଥିଲେ । ରାତ୍ର ଭୋଜନ ସମୟରେ ଆଁ ହଜରତ ସ:ଆ:ସଙ୍କ ସହିତ ୫ଜଣରୁ ନେଇ ୧୬ ଜଣ ପର୍ଯ୍ୟନ୍ତ ଲୋକ ରହୁଥିଲେ ଏବଂ ସେମାନେ ସେହି ଖାଦ୍ୟ ଉପରେ ନିର୍ଭର କରୁଥିଲେ *(ସୁବଲୁଲ୍ ହୁଦା....... ଖଣ୍ଡ-୩, ପୃ-୨୭୫......ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୩) (ସୁବଲୁଲ୍ ହୁଦା....... ଖଣ୍ଡ-୩, ପୃ-୨୭୯......ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୩) (ଲୁଗାତୁଲ୍ ହଦିସ୍ ଖଣ୍ଡ-୪, ପୃ-୫୭୨...... ଲାହୋର୍ ୨୦୦୫)*

ହଜରତ ଅବୁ ଅୟୁବ୍ ଅନ୍‌ସାରୀ ର:ଅଙ୍କ ଘରେ ଯେତେବେଳେ ଆଁ ହଜରତ ସ:ଆ:ସ ରହୁଥିଲେ ସେ ସମ୍ବନ୍ଧରେ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ମଧ ଲେଖିଛନ୍ତି । ସେ ଲେଖୁଛନ୍ତି ଯେ, ତାଙ୍କ ଘରେ ଆଁ ହଜରତ ସ:ଆ:ସ ୭ମାସ ପର୍ଯ୍ୟନ୍ତ ବା ଇବ୍‌ନେ ଇସ୍‌ହାକ୍‌ଙ୍କ ରିଓ୍ୱାୟତ ମୁତାବକ ସଫର୍ ମାସ ଦୁଇ ହିଜ୍‌ରି ପର୍ଯ୍ୟନ୍ତ ବସବାସ କରୁଥିଲେ ଅର୍ଥାତ ଯେ ପର୍ଯ୍ୟନ୍ତ ମସ୍‌ଜିଦ୍ ନବୱି ଓ ତତ୍‌ସହିତ ସଲଗ୍ନ ଘରଗୁଡ଼ିକ ପ୍ରସ୍ତୁତ ନ ହୋଇଯାଇଥିଲେ ସେ ପର୍ଯ୍ୟନ୍ତ ଆଁ ହଜରତ ସ:ଆ:ସ ସେଠାରେ ହିଁ ରହିଥିଲେ । ଅବୁ ଅୟୁବ୍ ର:ଅ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଖାଦ୍ୟ ପ୍ରେରଣ କରୁଥିଲେ ଓ ଯାହା କିଛି ଖାଦ୍ୟ ବଂଚି ଚାଲିଆସୁଥିଲା ତାହାକୁ ହଜରତ ଅବୁ ଅୟୁବ୍ ନିଜେ ଖାଇ ଯାଉଥିଲେ ଓ ପ୍ରେମ ଓ ଭକ୍ତିଭାବ ଯୋଗୁଁ ଅବୁ ଅୟୁବ୍ ସେହିଠାରେ ହିଁ ଆଙ୍ଗୁଳି ଲଗାଉଥିଲେ ଯେଉଁ ସ୍ଥାନରୁ ଆଁ ହଜରତ ସ:ଆ:ସ ଖାଇଥିଲେ । ଅନ୍ୟ ସାହାବାମାନେ ମଧ ସାଧାରଣତଃ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଖାଦ୍ୟ ପଠାଉଥିଲେ ସୁତରାଂ ସେହି ଲୋକମାନଙ୍କ ମଧରେ ଖଜ୍‌ରଜ୍ କବିଲାର ପ୍ରଧାନ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ନାମ ମଧ ବିଶେଷଭାବେ ଇତିହାସରେ ବର୍ଣ୍ଣିତ ରହିଛି । *(ସିରତ୍ ଖାତମୁନ୍ ନବିଇନ୍ ହଜରତ ମିର୍ଜା ବଶିର୍ ଅହେମଦ୍ ଏମ୍.ଏ ପୃ-୨୬୮)*

ହଜରତ ଅନ୍‌ସ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ନିବେଦନ କଲେ କି, ହେ ଅଲ୍ଲାଃଙ୍କ ରସୁଲ୍ ଆପଣ ଆମଘରେ ପଦାର୍ପଣ କରନ୍ତୁ । ଏଥିରେ ଆଁ ହଜରତ ସ:ଆ:ସ ସାଆଦ୍ ର:ଅଙ୍କ ସଙ୍ଗେ ତାଙ୍କ ଘରକୁ ଚାଲିଗଲେ । ହଜରତ ସାଆଦ୍ ଖଜୁରୀ ଏବଂ ରାସି ନେଇ ଆସିଲେ ତା'ପରେ ପୁଣି ଆଁ ହଜରତ ସ:ଆ:ସଙ୍କ ପାଇଁ ଖିରଭରା ପାତ୍ର ନେଇ ଆସିଲେ ଯେଉଁଥିରୁ ଆପଣ ସ:ଆ:ସ ଖିରପାନ କଲେ । *(ସୁବ୍‌ଲୁଲ୍ ହୁଦା ଖଣ୍ଡ-୭, ପୃ-୨୦୦......ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୩)*

କୈସ୍ ବିନ୍ ସାଆଦ୍ ର:ଅ ସାଆଦ୍ ବିନ୍ ଉବାଦାଃଙ୍କର ପୁତ୍ର ଅଟନ୍ତି ସେ ବର୍ଣ୍ଣନା କରୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ ସାକ୍ଷାତ କରିବାପାଇଁ ଯେତେବେଳେ ଆମ ଘରକୁ ଆସିଲେ ପ୍ରଥମେ ଆପଣ ସ:ଆ:ସ ଅସ୍‌ଲାମୁ ଆଲୈକୁମ୍ ୱ ରହମତୁଲ୍ଲାହି କହିଲେ । କୈସ୍ ର:ଅ କହୁଛନ୍ତି ଯେ, ଏହା ଶୁଣି ମୋ ବାପା ସାଆଦ୍ ଧିରେ ଉତର ଦେଲେ । କୈସ୍ ର:ଅ କହିଲେ ମୁଁ ତାଙ୍କୁ ପଚାରିଲି ଯେ, ଆପଣ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଭିତରକୁ ଆସିବାପାଇଁ କହିବେ ନାହିଁ କି ? ହଜରତ ସାଆଦ୍ ତାଙ୍କ ପୁତ୍ରକୁ ଉତର ଦେଲେ ଯେ, ଆଁ ହଜରତ ସ:ଆ:ସଙ୍କୁ ଆମ ଉପରେ ଅଧିକ ସଲାମ୍ କରିବାକୁ ଦିଅ । ରସୁଲୁଲ୍ଲାଃ ସ:ଆ:ସ ତା'ପରେ ପୁଣି ସଲାମ୍ କହି ଲେଉଟିଗଲେ ଅର୍ଥାତ ସେ କହୁଛନ୍ତି ଯେ, ଧିରେ ଉତର ଦେବା ଯୋଗୁଁ ଆଁ ହଜରତ ସ:ଆ:ସ ପୁର୍ନବାର ସଲାମ୍ କରିବେ ଏହିପରି ଆମ ଘରେ ସଲାମତି (ଶାନ୍ତି) ପଂହଚିବ । ସେ ଯାହା ହେଉ ସେ କହୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ସଲାମ କହି ଫେରିଗଲେ ସେତେବେଳେ ସାଆଦ୍ ର:ଅ ଆପଣ ସ:ଆ:ସଙ୍କ ପଛରେ ଯାଇ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୁଁ ଆପଣଙ୍କ ସଲାମ୍‌କୁ ଶୁଣିଲି ଓ ଧିରେ ତା'ର ଉତର ଦେଲି ଯଦ୍ୱାରା ଆପଣ ଆମ ଉପରେ ଅଧିକ ସଲାମ ପ୍ରେରଣ କରିବେ । ପୁଣି ଆଁ ହଜରତ ସ:ଆ:ସ ସାଆଦ୍ ର:ଅଙ୍କ ସହିତ ଲେଉଟି ଆସିଲେ । ସାଆଦ୍ ର:ଅ ଆଁ ହଜରତ ସ:ଆ:ସଙ୍କୁ ସ୍ନାନ କରିବାପାଇଁ ନିବେଦନ କଲେ ଫଳତଃ ଆପଣ ସ:ଆ:ସ ସ୍ନାନ କଲେ । ସାଆଦ୍ ର:ଅ ଆପଣ ସ:ଆ:ସଙ୍କୁ ଜାଫରାନ୍ ବା ୱ୍ରସ ରଙ୍ଗର ଗୋଟିଏ ଚାଦର ଦେଲେ ଦେଲେ ତାହା ୟମନ୍ ଇଲାକାରେ ସୃଷ୍ଟି ହୋଇଥିବା ଗୋଟିଏ ହଳଦିଆ ରଙ୍ଗର ବୃକ୍ଷ ତା' ସାହାଯ୍ୟରେ କପଡ଼ା ରଙ୍ଗ କରାଯାଏ । ଆଁ ହଜରତ ସ:ଆ:ସ ସେହି ଚାଦରଟିକୁ ଚଉଡି ନେଲେ ପୁଣି ନିଜ ହାତରେ ଧରି କହିଲେ ହେ ଅଲ୍ଲାଃ ନିଜର ଦରୁଦ୍ ଏବଂ ନିଜର କରୁଣାକୁ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ସନ୍ତାନଙ୍କ ଉପରେ ଅବତୀର୍ଣ୍ଣ କର । *(ଉସ୍‌ଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୪୧ ରୁ ୪୪୨ ସାଆଦ୍ ବିନ୍ ଉବାଦାଃ....... ବେରୁତ ୨୦୦୩) (ଉମ୍‌ଦତୁଲ୍ କାରି ଶରହା ସହି ବୁଖାରୀ ଖଣ୍ଡ-୨, ପୃ-୨୨୨ କିତାବୁଲ୍ ଇଲ୍‌ମି.....ବେରୁତ)*

ଏହି ରିଓ୍ୱାୟତଟି ହଜରତ ଅନସ୍ ର:ଅଙ୍କ ଠାରୁ ଏମିତି ବର୍ଣ୍ଣନା ହୋଇଛି ଯେ. ଏକଦା ନବୀ କରିମ୍ ସ:ଆ:ସ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ଘରକୁ ଆସିବା ପାଇଁ ଚାହିଁଲେ ଓ ଅସ୍‌ଲାମୁ ଆଲୈକୁମ୍ ୱ ରହମତୁଲ୍ଲାହି କହିଲେ । ହଜରତ ସାଆଦ୍ ର:ଅ ଏହାର ଉତରରେ ଧିର ସ୍ୱରରେ ଆଲୈକୁମ୍ ୱ ଅସ୍‌ଲାମୁ ରହମତୁଲ୍ଲାହି କହିଲେ ତାହା ନବୀ କରିମ୍ ସ:ଆ:ସଙ୍କୁ ଶୁଣାଗଲା ନାହିଁ ଫଳତଃ ନବୀ କରିମ୍ ସ:ଆ:ସ ତିନିଥର ସଲାମ କଲେ ଏବଂ ସାଆଦ୍ ତିନିଥର ଯାକ ସେହିପରି ଉତର ଦେଲେ ଓ ତାହା ନବୀ କରିମ୍ ସ:ଆ:ସଙ୍କୁ ଶୁଣାଗଲା ନାହିଁ ସୁତରାଂ ନବୀ କରିମ୍ ସ:ଆ:ସ ଲେଉଟି ଚାଲିଗଲେ ଏହା ଦେଖି ହଜରତ ସାଆଦ୍ ଆପଣ ସ:ଆ:ସଙ୍କ ପଛେ ପଛେ ଯାଇ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ଆପଣ ଯେତେଥର ମଧ ସଲାମ୍ କହିଛନ୍ତି ମୁଁ ସେହି ସବୁ ମୋ କାନରେ ଶୁଣିଛି ଓ ତାହାର ଉତର ମଧ ଦେଇଛି କିନ୍ତୁ ଆପଣଙ୍କୁ ଶୁଣାଇ ନାହିଁ । ଆପଣଙ୍କୁ ମୋ କଥା ଶୁଣାଯାଇନାହିଁ । ମୁଁ ଚାହୁଁଥିଲି ଯେ, ଆପଣଙ୍କ ସଲାମତି (ଶାନ୍ତି) ଏବଂ ବର୍‌କତ୍‌ର ଦୁଆ ବହୁଳ ଭାବେ ହାସଲ କରେ । ତା'ପରେ ପୁଣି ସେ, ନବୀ କରିମ୍ ସ:ଆ:ସଙ୍କୁ ନିଜ ଘରକୁ ନେଇଗଲେ ଓ ଖିସ୍‌ମିସ୍ ଉପସ୍ଥାପନ କଲେ । ନବି କରିମ୍ ସ:ଆ:ସ ତାହାକୁ ଖାଇବାପରେ କହିଲେ ତୁମ ଖାଦ୍ୟକୁ ପୂଣ୍ୟବାନ ଲୋକେ ଖାଉଛନ୍ତି ଏବଂ ତୁମ ଉପରେ ଫରିସ୍ତାମାନେ ରହ୍‌ମତ୍ (କରୁଣା) ର ପ୍ରାର୍ଥନା କରୁଛନ୍ତି ଏବଂ ରୋଜେଦାର୍ ତୁମଘରେ ଇଫତାରି କରୁଛନ୍ତି । ଆପଣ ସ:ଆ:ସ ତାଙ୍କୁ ଦୁଆ ଦେଲେ । *(ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍ ଖଣ୍ଡ-୪, ପୃ-୩୫୬ ରୁ ୩୫୭ ମସ୍‌ନଦ୍ ଅନସ୍ ବିନ୍ ମାଲିକ୍ ହଦିସ ୧୨୪୩୩....... ବେରୁତ ୧୯୯୮)*

ଅଲ୍ଲାମା ଇବ୍‌ନେ ସୁରିମ୍ ବର୍ଣ୍ଣନା କରୁଛନ୍ତି ଯେ, ଯେତେବେଳେ ସନ୍ଧ୍ୟା ହେଉଥିଲା ସେତେବେଳେ ଅହ୍‌ଲେ ସୁଫା (ସୁଫା ବାସୀ) ଙ୍କ ମଧ୍ୟରୁ ଜଣେ ଦୁଇ ଜଣଙ୍କୁ କେହି ଜଣେ ଖୁଆଇବା ପାଇଁ ନେଇ ଯାଉଥିଲା କିନ୍ତୁ ହଜରତ ସ:ଆ:ସ୍ ବିନ୍ ଉବାଦାଃ ର:ଅ ୮୦ ଜଣ ଅହ୍‌ଲେ ସୁଫାଙ୍କୁ ଖୁଆଇବା ପାଇଁ ନିଜ ସାଥିରେ ନେଇ ଯାଉଥିଲେ *(ଅଲ୍‌ଅସାବା ଫି ତମିଜି ସାହାବା ଖଣ୍ଡ-୩, ପୃ-୫୬..... ବେରୁତ ୧୯୯୫)*

ଅର୍ଥାତ୍ ଅଧିକାଂଶ ସମୟ ଏପରି ହେଉଥିଲା କିନ୍ତୁ ଏପରି ରିଓ୍ୱାୟତ ମଧ୍ୟ ମିଳୁଛି ଯେ, ଏମିତି ସମୟ ମଧ ଆସିଛି ଯେତେବେଳେ ଅହ୍‌ଲେ ସୁଫାମାନଙ୍କୁ ଭୋକିଲା ରହିବାକୁ ପଡ଼ିଛି । ସେ ଯାହା ହେଉ ସାହାବାମାନେ ସାଧାରଣତଃ ସେହି ଗରିବ ଲୋକମାନଙ୍କର ଧ୍ୟାନ ରଖୁଥିଲେ ଯେଉଁମାନେ ଆଁ ହଜରତ ସ:ଆ:ସଙ୍କ ଦୁଆରେ ବସି ରହୁଥିଲେ ଓ ସେମାନଙ୍କର ସବୁଠାରୁ ଅଧିକ ଧ୍ୟାନ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ରଖୁଥିଲେ ।

ଆଁ ହଜରତ ସ:ଆ:ସ ମଦିନା ହିଜ୍‌ରତ୍ କରିବାର ଏକବର୍ଷ ପରେ ସଫର୍ ମାସରେ ଅବୁଆ ନାମକ ସ୍ଥାନକୁ ବାହାରିଲେ ତାହା ମଦିନାରୁ ମକ୍କା ଆଡ଼କୁ ଯାଉଥିବା ମୁଖ୍ୟ ରାସ୍ତା ଉପରେ ହୁଜ୍‌ଫାଠାରୁ ୨୩ ମାଇଲ୍ ଦୁରତାରେ ଅବସ୍ଥିତ ସେଠାରେ ନବୀ କରିମ୍ ସ:ଆ:ସଙ୍କ ମାଆ ହଜରତ ଆମେନାଙ୍କ କବର ମଧ ରହିଛି । ଏହି ଅଭିଯାନରେ ଆପଣ ସ:ଆ:ସଙ୍କ ଧ୍ୱଜା ଧଳା ରଙ୍ଗର ଥିଲା ଏ ଅବସରରେ ରସୁଲୁଲ୍ଲାଃ ସ:ଆ:ସ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କୁ ନିଜର ଉତରାଧିକାରୀ ବା ଅମୀର୍ ନିୟୋଜିତ କରିଥିଲେ । *(ତବକାତୁଲ କୁବରା ଖଣ୍ଡ-୨, ପୃ-୫........ ବେରୁତ ୧୯୯୦)*

(ଇଟ୍‌ଲିସ୍ ସିରତ୍ ନବୱି ସ:ଆ:ସ ପୃଷ୍ଠା- ୮୪, ମୁଦ୍ରଣ ଦାରୁସ୍ ସଲାମ୍ ୧୪୨୪ ହିଜରି)

ଅବୱ୍ୱା ଯୁଦ୍ଧର ଦ୍ୱିତୀୟ ନାମ ୱଦାନ୍ ଯୁଦ୍ଧ ବୋଲି ବର୍ଣ୍ଣିତ ଅଛି । ସିରତ୍ ଖାତ୍‌ମୁନ୍ ନବଇନ୍ ପୁସ୍ତକରେ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ର:ଅ ୱଦାନ୍ ଯୁଦ୍ଧ ସମ୍ବନ୍ଧରେ ଚର୍ଚ୍ଚା କରି କହୁଛନ୍ତି ଯେ, "ଆଁ ହଜରତ ସ:ଆ:ସଙ୍କର ଏ ଶୈଳୀ ଥିଲା ଯେ, କେବେ ତ ସେ ନିଜେ ସାହାବାମାନଙ୍କୁ ସାଥିରେ ନେଇ ବାହାରୁଥିଲେ ଓ ଆଉ କେବେ ଅନ୍ୟ କୌଣସି ସାହାବିଙ୍କ ନେତୃତ୍ୱରେ ସେନାଙ୍କୁ ପ୍ରେରଣ କରୁଥିଲେ । ଐତିହାସିକ ମାନେ ଏହି ଦୁଇ ପ୍ରକାରର ଅଭିଯାନକୁ ଅଲଗା ଅଲଗା ନାମରେ ନାମିତ କରିଛନ୍ତି ସୁତରାଂ ଯେଉଁ ଅଭିଯାନରେ ଆଁ ହଜରତ ସ:ଆ:ସ ସ୍ୱୟମଂ ସାମିଲ ହୋଇଛନ୍ତି ତା'ର ନାମ କରଣ ଐତିହାସିକମାନେ ଗଜ୍‌ୱା ରଖିଛନ୍ତି ଏବଂ ଯେଉଁଥିରେ ଆପଣ ସ:ଆ:ସ ସ୍ୱୟମଂ ସାମିଲ ନ ହୋଇଛନ୍ତି ସେହି ଯୁଦ୍ଧର ନାମ କରଣ ସରିୟା ବା ବାଆସ୍ ରଖାଯାଇଛି କିନ୍ତୁ ଏହା ମନେ ରଖିବା ଉଚିତ ହେବ ଯେ, ଗଜ୍‌ୱା ଏବଂ ସରିୟା ଏହି ଦୁଇଟିଯାକ ଯୁଦ୍ଧରେ ବିଶେଷ ରୂପେ ଯିହାଦ୍ ବିସ୍ ସୈଫ୍ ଅର୍ଥାତ ତରବାରୀ ସାହାଯ୍ୟରେ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ବାହାରିବା ଜରୁରି ନୁହେଁ । ବରଂ ସେହିଭଳି ପ୍ରତ୍ୟେକ ଯାତ୍ରା ଯେଉଁଥିରେ ଆପଣ ସ:ଆ:ସ ଯୁଦ୍ଧ କରିବା ଅବସ୍ଥାରେ ଯୋଗ ଦେଇଛନ୍ତି ତାକୁ ଗଜ୍‌ୱା କୁହାଯାଏ ତାହା ଯଦିଚ ବିଶେଷ ରୂପେ ଲଢ଼େଇ କରିବା ଉଦ୍ଦେଶ୍ୟରେ ନ କରାଯାଇଥିବ । ଏବଂ ସେହିପରି ଏପରି ପ୍ରତ୍ୟେକ ଯାତ୍ରା ଯାହା ଆପଣ ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ କୌଣସି ଯମାତ୍ କରିଥିବ ଐତିହାସିକ ମାନଙ୍କ କହିବା ଅନୁସାରେ ତାହା ସରିୟା ବା ବାଆସ୍ ବୁଲାଇଥାଏ ଯଦିଚ ତାହାର ଉଦ୍ଦେଶ୍ୟ ଯୁଦ୍ଧ କରିବା ମଧ ନ ହୋଇଥିବ କିନ୍ତୁ କେତେକ ଲୋକେ ଅଜାଣତରେ ପ୍ରତ୍ୟେକ ଗଜ୍‌ୱା ଏବଂ ପ୍ରତ୍ୟେକ ସରିୟାକୁ ଯୁଦ୍ଧ କରିବାର ଅଭିଯାନ ବୋଲି ଭାବିନେଉଛନ୍ତି ତାହା ଠିକ୍ ନୁହେଁ ।

ଏହା ବର୍ଣ୍ଣନା ହୋଇସାରିଛି ଯେ, ତରବାରୀ ସାହାଯ୍ୟରେ ଯୁଦ୍ଧର ଅନୁମତି ହିଜ୍‌ରତ୍ର ଦ୍ୱିତୀୟ ବର୍ଷ ସଫର ମାସରେ ଅବତୀର୍ଣ୍ଣ ହୋଇଥିଲା । ଏହା ବିଗତ ଖୁତ୍‌ବା ଗୁଡ଼ିକରେ ପୂର୍ବରୁ ମଧ ବର୍ଣ୍ଣନା ହୋଇସାରିଛି । ଯେହେତୁ କୁରୈଶ୍‌ର ରକ୍ତପାତ କରିବାର ଇଛା ଓ ସେମାନଙ୍କର ଭୟଙ୍କର କାରବାହୀର

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahmadiyya, Pankal (Odisha)*

ମୁକାବିଲାରେ ମୁସଲମାନମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଯଥା ଶୀଘ୍ର ପଦକ୍ଷେପ ଉଠାଇବା ଜରୁରି ଥିଲା ତେଣୁ ଆପଣ ସ:ଆ:ସ ସେହି ମାସରେ ହିଁ ମୁହାଜୀରମାନଙ୍କର ଗୋଟିଏ ଦଳକୁ ସାଥିରେ ନେଇ ଈଶ୍ୱରଙ୍କ ନାମ ଉଚ୍ଚାରଣ କରି ମଦିନାରୁ ଅଭିଯାନ କରିବା ପାଇଁ ବାହାରିପଡ଼ିଲେ । ତା' ପୂର୍ବରୁ ଆପଣ ସ:ଆ:ସ ନିଜ ପଛରେ ମଦିନାରେ ସାଆଦ୍ ବିନ୍ ଉବାଦାଃ ର:ଅ ଖଜ୍‌ରଜ୍ ର ସର୍ଦ୍ଦାରଙ୍କୁ ଅମୀର ନିୟୋଜିତ କରିଲେ । ଓ ମଦିନାରୁ ଦକ୍ଷିଣପଶ୍ଚିମ ଆଡ଼କୁ ମକ୍କା ଆଡ଼କୁ ଯାଉଥିବା ରାସ୍ତାରେ ଯାତ୍ରା ଆରମ୍ଭ କଲେ । ଶେଷରେ ଯାଇ ୱ୍ଦାନ୍ ଠାରେ ପହଂଚିଗଲେ । ଏକଥା ପୂର୍ବରୁ ମଧ୍ୟ ବର୍ଣ୍ଣନା ହୋଇସାରିଛି । ଏ ଇଲାକାରେ ବନୁ ଯମ୍‌ରା କବିଲାର ଲୋକମାନେ ବସବାସ କରୁଥିଲେ ଏହି କବିଲା ବନୁ କନାନାର ଗୋଟିଏ ଶାଖା ଥିଲା ଏହି ଦୃଷ୍ଟିକୋଣରୁ ସେମାନେ କୁରୈଶ୍‌ର ଚାଚା ପୁଅ ଭାଇ ଥିଲେ । ସେଠାରେ ପହଂଚି ଆଁ ହଜରତ ସ:ଆ:ସ ବନୁ ଯମରା କବିଲାର ସର୍ଦ୍ଦାର ସହିତ କଥା ହେଲେ ଏବଂ ଆପୋଷ ବୁଝାମଣା କରି ନିଜ ଭିତରେ ଗୋଟିଏ ଚୁକ୍ତି କଲେ । ତାହାର ସର୍ତାବଳୀ ଗୁଡ଼ିକ ଏପରି ଥିଲା ଅର୍ଥାତ ବନୁ ଯମ୍‌ରା ମୁସଲମାନମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବେ ଏବଂ ମୁସଲମାନମାନଙ୍କ ବିରୋଧରେ କୌଣସି ଶତ୍ରୁଙ୍କୁ ସାହାଯ୍ୟ କରିବେ ନାହିଁ ଏବଂ ଯେତେବେଳେ ଆଁ ହଜରତ ସ:ଆ:ସ ବନୁ ଯମ୍‌ରାକୁ ମୁସଲମାନମାନଙ୍କ ସାହାଯ୍ୟ ପାଇଁ ଡ଼ାକିବେ ସେମାନେ ତତ୍‌କ୍ଷଣାତ ଚାଲି ଆସିବେ । ଅନ୍ୟପଟେ ଆପଣ ସ:ଆ:ସ ମୁସଲମାନମାନଙ୍କ ତରଫରୁ ଏ ପ୍ରତିଶ୍ରୁତି ଦେଲେ ଯେ, ସମସ୍ତ ମୁସଲମାନ ବନୁ ଯମ୍‌ରା କବିଲା ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବେ ଓ ଆବଶ୍ୟକ ପଡ଼ିଲେ ନିଶ୍ଚିତରୂପେ ସେମାନଙ୍କୁ ସାହାଯ୍ୟ କରିବେ । ଏହି ଚୁକ୍ତିକୁ ନିୟମିତ ରୂପେ ଲେଖା ଗଲା ଓ ଦୁଇପକ୍ଷଙ୍କ ଏଥିରେ ଦସ୍ତଖତ ହେଲା ଏବଂ ପନ୍ଦର ଦିନ ଅନୁପସ୍ଥିତ ରହିବାପରେ ଆଁ ହଜରତ ସ:ଆ:ସ ସେଠାରୁ ଲେଉଟି ଆସିଲେ । ୱ୍ଦାନ୍ ଯୁଦ୍ଧର ଦ୍ୱିତୀୟ ନାମ ଅବୱ୍ା ଯୁଦ୍ଧ ମଧ୍ୟ ଅଟେ । କାରଣ ୱ୍ଦାନ ନିକଟରେ ହିଁ ଅବୁୱ୍ାର ବସ୍ତି ମଧ୍ୟ ରହିଛି ଓ ଏହା ହେଉଛି ସେହି ସ୍ଥାନ ଯେଉଁଠି ଆଁ ହଜରତ ସ:ଆ:ସଙ୍କ ମାଆଙ୍କର ଦେହାନ୍ତ ହୋଇଥିଲା । ଐତିହାସିକ ମାନେ ଲେଖୁଛନ୍ତି ଯେ, ଆଁ ହଜରତ ସ:ଆ:ସଙ୍କୁ ଏହି ଯୁଦ୍ଧରେ ବନୁ ଯମ୍‌ରା ସହିତ ମକ୍କାର କୁରୈଶ୍‌ମାନଙ୍କ ପାଇଁ ମଧ୍ୟ ଧ୍ୟାନ ଥିଲା । ଏହାର ଅର୍ଥ ହେଉଛି ଏପରି କି, ବାସ୍ତବରେ ଆପଣ ସ:ଆ:ସଙ୍କର ଏହି ଅଭିଯାନ କୁରୈଶ୍‌ଙ୍କ ବିପଦପୂର୍ଣ୍ଣ ଭୟଙ୍କର ପଦକ୍ଷେପର ମୂଳପାଟନ ପାଇଁ ଥିଲା । ଏବଂ ଏହି ଅଭିଯାନରେ ସେହି ବିପଦପୂର୍ଣ୍ଣ ବିଷଭରା ପ୍ରଭାବକୁ ନଷ୍ଟ କରିଦେବାର ଉଦ୍ଦେଶ୍ୟ ଥିଲା ଯାହା କୁରୈଶ୍‌ର କାଫିଲାମାନେ ମୁସଲମାନମାନଙ୍କ ବିରୋଧରେ ଆରବର କବିଲାମାନଙ୍କ ମଧ୍ୟରେ ସୃଷ୍ଟି କରୁଥିଲେ । କୁରୈଶ୍ ମୁସଲମାନମାନଙ୍କ ବିରୋଧରେ କବିଲା ଗୁଡ଼ିକରେ ଯାଇ ପ୍ରପଗଣ୍ଡା କରୁଥିଲେ । ସେଥିଯୋଗୁଁ ସେ ସମୟରେ ମୁସଲମାନମାନଙ୍କର ଅବସ୍ଥା ବହୁତ ଦୁର୍ବଳ ହୋଇଯାଇଥିଲା । *(ସିରତ୍ ଖାତ୍‌ମୁନ୍ ନବୱ୍ନ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ପୃ-୩୨୭ ରୁ ୩୨୮)* ।

ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ବଦର ଯୁଦ୍ଧରେ ସାମିଲ ହୋଇଥିବା ସମ୍ବନ୍ଧରେ ଦୁଇଟି ମତ ବର୍ଣ୍ଣନା ରହିଛି । ୱ୍ାକ୍‌ଦି ମଦାଇନି ଏବଂ ଇବ୍‌ନେ କଲ୍‌ବିଙ୍କ ମତରେ ସେ ବଦର୍ ଯୁଦ୍ଧରେ ସାମିଲ ହୋଇଥିଲେ ଯେବେ କି, ଇବ୍‌ନେ ଇସ୍‌ହାକ ଏବଂ ଇବ୍‌ନେ ଉକ୍‌ବା ଏବଂ ଇବ୍‌ନେ ସାଆଦ୍‌ଙ୍କ ମତରେ ସେ ବଦର୍ ଯୁଦ୍ଧରେ ସାମିଲ ହୋଇନଥିଲେ ।

ସେ ଯାହା ହେଉ ତାହାର ଗୋଟିଏ ସ୍ପଷ୍ଟିକରଣ ତବ୍‌କାତୁଲ୍ କୁବ୍‌ରା ର ଗୋଟିଏ ରିୱ୍ାୟତ ମୁତାବକ ଏପରି ରହିଛି । ଅର୍ଥାତ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ବଦର୍ ଯୁଦ୍ଧରେ ହାଜିର ହୋଇନଥିଲେ ସେ ଏହି ଅଭିଯାନରେ ବାହାରିବା ପାଇଁ ପ୍ରସ୍ତୁତି ଚଳାଇଥିଲେ ଏବଂ ଅନ୍‌ସାରମାନଙ୍କ ଘରେ ଘରେ ଯାଇ ସେମାନଙ୍କୁ ବାହାରିବା ପାଇଁ ପ୍ରସ୍ତୁତ କରାଉଥିଲେ ଏହି ସମୟରେ ଯିବା ପୂର୍ବରୁ ହିଁ ତାଙ୍କୁ କୁକୁର କାମୁଡ଼ି ଦେଲା ସେଥିଯୋଗୁଁ ସେ ବଦର୍ ଯୁଦ୍ଧରେ ସାମିଲ ହୋଇପାରିଲେ ନାହିଁ । ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ, ଯଦିଚ ସାଆଦ୍ ର:ଅ ଯୋଗଦେଇ ପାରିନାହାନ୍ତି କିନ୍ତୁ ସେ ଏଥିପାଇଁ ଇଚ୍ଛା ରଖିଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜରତ ସାଆଦ୍ ର:ଅଙ୍କୁ ବଦର୍ ଯୁଦ୍ଧରେ ମିଳିଥିବା ମାଲେ ଗନିମତ୍ (ଅର୍ଥାତ ଯୁଦ୍ଧ ବିଜୟ କରିବା ପରେ ଯେଉଁ ଧନସମ୍ପତି ମିଳିଥାଏ) ସେଥିରୁ ଭାଗ ପ୍ରଦାନ କରିଥିଲେ । ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ୱ୍ହଦ୍ ଯୁଦ୍ଧ ଏବଂ ଖନ୍ଦକ ଯୁଦ୍ଧ ସମେତ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ *(ଅଲ୍ ଇସ୍‌ତିଆବ୍ ଖଣ୍ଡ-୨, ପୃ-୫୯୪, ସାଆଦ୍ ବିନ୍ ଉବାଦାଃ ମୁଦ୍ରଣ ଦାରୁଲ୍ ଜଏଲ୍ ବେରୁତ ୧୯୯୨) (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୪୬୧........ ବେରୁତ ୧୯୯୦) (ସିରସ୍ ସାହାବା ଖଣ୍ଡ-୩, ପୃ-୩୭୭......କରାଚୀ ୨୦୦୪)*

ଆଉ ଗୋଟିଏ ରିୱ୍ାୟତ ମଧ୍ୟ ଏପରି ଅଛି କି, ଅନ୍‌ସାରଙ୍କ ଧ୍ୱଜା ବଦର ଯୁଦ୍ଧଦିନ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ନିକଟରେ ଥିଲା । *(ଅଲ୍‌ମୁସ୍‌ତଦ୍‌ରକ୍.........ଖଣ୍ଡ-୩, ପୃ-୨୮୨......... ଜିକ୍‌ର୍ ମନାକିବେ ସାଆଦ୍ ବିନ୍ ଉବାଦାଃ ହଦିସ ନଂ ୫୦୯୬ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୨)*

ବଦର୍ ଯୁଦ୍ଧ ବେଳେ ବାହାରିବା ସମୟରେ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଗଜବ୍ ନାମକ ତରବାରୀଟିକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପହାର ସଦୃଶ ପେଷ୍ କଲେ । ଆଁ ହଜରତ ସ:ଆ:ସ ବଦର ଯୁଦ୍ଧରେ ସେହି ତରବାରୀଟିକୁ ସାଥିରେ ନେଇ ସାମିଲ ହୋଇଥିଲେ । *(ସୁବ୍‌ଲୁଲ୍ ହୁଦା......... ଖଣ୍ଡ-୪, ପୃ-୨୪.......... ବେରୁତ ୧୯୯୩)*

ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ଗୋଟିଏ ଗଧ ମଧ୍ୟ ଉପହାର ସଦୃଶ ପ୍ରଦାନ କରିଥିଲେ । *(ସୁବ୍‌ଲୁଲ୍ ହୁଦା......... ଖଣ୍ଡ-୭, ପୃ-୪୦୬.......... ବେରୁତ ୧୯୯୩)* ।

ନବୀ କରିମ୍ ସ:ଆ:ସଙ୍କ ନିକଟରେ ସାତଗୋଟି ଜର୍‌ହା ଥିଲା ସେଥି ମଧ୍ୟରୁ ଗୋଟିକର ନାମ ଜାଆତୁଲ୍ ଫୁଜୁଲ୍ ଥିଲା ଏହି ନାମଟି ତା' ଲମ୍ବା ଯୋଗୁଁ ଦିଆଯାଇଥିଲା ଓ ଏହି ଜର୍‌ହାଟିକୁ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ସେ ସମୟରେ ପଠାଇଥିଲେ ଯେତେବେଳେ ଆପଣ ସ:ଆ:ସ ବଦର ଆଡ଼କୁ ବାହାରି ପଡ଼ିଥିଲେ । ଏବଂ ଏହି ଜର୍‌ହାଟି ଲୁହାର ଥିଲା । ଏହା ସେହି ଜର୍‌ହା ଥିଲା ଯାହାକୁ ଆଁ ହଜରତ ସ:ଆ:ସ ଅବୁ ଶହମ୍ ଇହୁଦୀଙ୍କ ନିକଟରେ ଯ'ଅ ବଦଳରେ ବନ୍ଧକରୂପେ ରଖାଇଥିଲେ ଏବଂ ଯ'ଅ ର ଓଜନ ତିରିଶ ସାଆ ଥିଲା ଓ ଏହାକୁ ଏକବର୍ଷ ପାଇଁ କରଜ ରୂପେ ନିଆଯାଇଥିଲା । *(ସୁବ୍‌ଲୁଲ୍ ହୁଦା......... ଖଣ୍ଡ-୭, ପୃ-୩୬୮.......... ବେରୁତ ୧୯୯୩)* ।

ହଜରତ ଇବ୍‌ନେ ଅବାସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ନବୀ କରିମ୍ ସ:ଆ:ସଙ୍କ ଧ୍ୱଜା ହଜରତ ଅଲୀ ର:ଅଙ୍କ ନିକଟରେ ରହିଥାଏ ଏବଂ ଅନ୍‌ସାରଙ୍କ ଧ୍ୱଜାଟି ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ନିକଟରେ ଥାଏ । ଯେତେବେଳେ ଯୁଦ୍ଧ ଘମାସାନ ହୋଇଯାଏ ସେତେବେଳେ ନବୀ କରିମ୍ ସ:ଆ:ସ ଅନ୍‌ସାରଙ୍କ ଧ୍ୱଜା ତଳେ ରହିଥାନ୍ତି । *(ମସନ୍‌ଦ୍ ଅହେମଦ୍ ବିନ୍ ହମ୍ବଲ୍ ଖଣ୍ଡ-୧, ପୃ-୯୧୭........ ହଦିସ୍ ୩୪୮୬........ ବେରୁତ ୧୯୯୮)*

ଅର୍ଥାତ ଶତ୍ରୁମାନଙ୍କର ଭୀଷଣ ଆକ୍ରମଣ ଅନ୍‌ସାରଙ୍କ ଆଡ଼କୁ ହେଉଥିଲା କାରଣ ଆଁ ହଜରତ ସ:ଆ:ସ ମଧ୍ୟ ସେଠାରେ ରହୁଥିଲେ ।

ହଜରତ ଉସାମା ବିନ୍ ଜୈଦ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ:ଆ:ସ ଗୋଟିଏ ଗଧ ଉପରେ ଆରୋହଣ କଲେ ତା' ପିଠି ଉପରେ ବସିବାପାଇଁ ସ୍ଥାନ ତିଆରି ହୋଇଥିଲା ଓ ସେଥିରେ କମ୍ବଳ ପଡ଼ିଥିଲା । ଆପଣ ସ:ଆ:ସ ହଜରତ ଉସାମା ବିନ୍ ଜୈଦ୍‌ଙ୍କୁ ନିଜ ପଛରେ ବସାଇଥିଲେ । ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ଇୟାଦତ୍ (ବେମାର ଅବସ୍ଥାରେ ଦେଖିବା ପାଇଁ) ଯାଉଥିଲେ କାରଣ ହଜରତ ସାଆଦ୍ ବିନ୍ ଉବାଦାଃ ସେ ସମୟରେ ବହୁତ ବିମାର ଥିଲେ ଓ ସେ ବନୁ ହାରିସ୍ ବିନ୍ ଖଜ୍‌ରଜ୍‌ଙ୍କ ମହଲରେ ରହୁଥିଲେ । ଏହି ଘଟଣା ଟି ବଦର ଯୁଦ୍ଧ ପୂର୍ବର ଅଟେ । ହଜରତ ଉସାମା ର:ଅ କହୁଥିଲେ ଯେ, ଯାଉ ଯାଉ ଆପଣ ସ:ଆ:ସ ଏପରି ଏକ ମଜ୍‌ଲିସ୍ ନିକଟ ଦେଇ ଗଲେ ଯେଉଁଠି ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ବସିଥିଲା । ଏହା ସେ ସମୟର ଘଟଣା ଯେତେବେଳେ ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଏବେ ମୁସଲମାନ ହୋଇନଥିଲା । ଏହା ହେଉଛି ସେହି ଘଟଣା ଯେଉଁଥିରେ ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଆଁ ହଜରତ ସ:ଆ:ସଙ୍କ ସହିତ କୁବ୍ୟବହାର ଦେଖାଇଥିଲା । ସେ ଯାହା ହେଉ ଯେତେବେଳେ ଆପଣ ସ:ଆ:ସ ସେହି ପଶୁ ଉପରେ ଅରୋହଣ କରି ବସି ଯାଉଥିଲେ ସେତେବେଳେ ଯେଉଁ ଧୂଳି ମାଟି ଉଡୁଥିଲା ତାହା ଯାଇ ଉକ୍ତ ମଜ୍‌ଲିସ୍ ଉପରେ ପଡୁଥିଲା । ହଜୁର ଅନୱ୍ର କହୁଛନ୍ତି ସେହି ଲୋକମାନେ ସଡ଼କ କଡ଼ରେ ବସିଥିବେ । ଏଥିରେ ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ନିଜ ଚାଦର ଦ୍ୱାରା ନାକକୁ ଢ଼ାଙ୍କିଦେଲା ଓ କହିଲା ଯେ, ଆମ ଉପରକୁ ଧୂଳିମାଟି ଉଡ଼ାଅ ନାହିଁ । ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ ଓ ସେଠାରେ ରହିଗଲେ । ଯେତେବେଳେ ସେ ଏପରି କଥା କହିଲା ସେତେବେଳେ ଆଁ ହଜରତ ସ:ଆ:ସ ନିଜ ବାହନକୁ ଛିଡ଼ା କରାଇନେଲେ ଏବଂ ଅସ୍‌ସଲାମୁ ଆଲୈକୁମ୍ କହି ଗଧ ଉପରୁ ଓହ୍ଲାଇ ପଡ଼ିଲେ । ଆପଣ ସ:ଆ:ସ ତାକୁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଡ଼ାକିଲେ ଏବଂ ତାକୁ ପବିତ୍ର କୋରାନ୍ ପଢ଼ାଇ ଶୁଣାଇଲେ । ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ କହିଲା ହେ ପୁରୁଷ ! ଯେଉଁ କଥା ତୁମେ କହୁଅଛ ତାହାଠାରୁ ଭଲ କଥା ଆଉ କିଛି ନାହିଁ ଯଦି ଏକଥା ସତ୍ୟ ଅଟେ ତେବେ ଆମ ମଜ୍‌ଲିସ୍‌ରେ ଆସି ଏଭଳି କଷ୍ଟ ଦିଅ ନାହିଁ ଅର୍ଥାତ ଆମ ମଜ୍‌ଲିସ୍ ରେ ଆସି ଏପରି କଥା କହିବାର କୌଣସି ଆବଶ୍ୟକତା ନାହିଁ । ହଜୁର ଅନୱ୍ର କହୁଛନ୍ତି ମୁଁ ପୂର୍ବରୁ ମଧ୍ୟ ସଂକ୍ଷିପ୍ତରେ ଥରେ ଏ ବିଷୟ ବର୍ଣ୍ଣନା କରିସାରିଛି । ନିଜ ଲକ୍ଷ୍ୟ ସ୍ଥଳକୁ ଫେରିଯାଅ ପୁଣି ତୁମ ନିକଟକୁ ଯିଏ ଆସିବ ତାକୁ ଏକଥା ବର୍ଣ୍ଣନା କର । ହଜରତ ଅବଦୁଲ୍ଲାଃ ବିନ୍ ରୱ୍ାହା ର:ଅ ମଧ୍ୟ ସେଠାରେ ବସି ଥିଲେ ସେ ମୁସଲମାନ ହୋଇସାରିଥିଲେ ଓ ସାହାବି ଥିଲେ । ସେ ଏକଥା ଶୁଣି କହିଲେ ଯେ, ନୁହେଁ ହେ ଅଲ୍ଲାଃଙ୍କ ରସୁଲ ! ଆପଣ ସ:ଆ:ସ ଆମର ସେହି ମଜଲିସ୍ ଗୁଡ଼ିକରେ ହିଁ ଆସି ଆମକୁ ପଢ଼ି ଶୁଣାନ୍ତୁ । ଆମକୁ ତ ଏକଥା ପସନ୍ଦ ନୁହେଁ । ଏଥିରେ ମୁସଲମାନ, ମୁସରିକ୍ ଏବଂ ଇହୁଦୀମାନେ ଜଣେ ଅନ୍ୟଜଣଙ୍କୁ ଏଣୁ ତେଣୁ କହିବାକୁ ଲାଗିଲେ ସମ୍ଭବତଃ ଜଣେ ଅନ୍ୟ ଜଣକ ଉପରେ ଆକ୍ରମଣ କରିଦେଇଥାନ୍ତେ କିନ୍ତୁ ନବି କରିମ୍ ସ:ଆ:ସ ସେମାନଙ୍କର ଜୋଷକୁ ଦବାଇଦେଲେ ଫଳତଃ ସେମାନେ ସେହିଠାରେ ହିଁ ରହିଗଲେ । ତା'ପରେ ପୁଣି ନବୀ କରିମ୍ ସ:ଆ:ସ ନିଜ ପଶୁ ଉପରେ ଅରୋହଣ କରି ଚାଲିଗଲେ । ଏପରି କି, ସେ ହଜରତ ସାଆଦ୍ ବିନ୍ ଉବାଦାଃଙ୍କ ନିକଟରେ ପହଂଚିଗଲେ । ନବି କରିମ୍ ସ:ଆ:ସ ତାଙ୍କୁ କହିଲେ ସାଆଦ୍ ! କ'ଣ ତୁମେ ଶୁଣିପାରିଲ ଯେଉଁ କଥା ଅବୁ ହୁବାବ୍ କହିଲା ଏଥିରୁ ଆପଣ ସ:ଆ:ସଙ୍କର କହିବାର ଅର୍ଥ ଥିଲା ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କ କଥା । ଆଁ ହଜରତ ସ:ଆ:ସ କହିଲେ ଯେ, ସେ ମତେ ଏହିଭଳିଆ କଥା କହିଛି । ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣ ତାଙ୍କୁ କ୍ଷମା କରିଦିଅନ୍ତୁ ଓ ତାଙ୍କ କଥାକୁ ଧରନ୍ତୁ ନାହିଁ । ମତେ ସେହି ଅସ୍ତିତ୍ୱର ରାଣ ଯିଏ ଆପଣଙ୍କ ଉପରେ ପୁସ୍ତକ (ଅର୍ଥାତ ପବିତ୍ର କୋରାନ୍) ଅବତୀର୍ଣ୍ଣ କରିଛନ୍ତି । ଅର୍ଥାତ ଅଲ୍ଲାଃ ସେହି ସତ୍ୟକୁ ଏବେ ଏଠାକୁ ନେଇ ଅସିଛନ୍ତି ଯାହାକୁ ସେ ଆପଣଙ୍କ ଉପରେ ଅବତୀର୍ଣ୍ଣ କରିଛନ୍ତି । ଏହି ବସ୍ତିର ଲୋକମାନେ ତ ଏ ନିଷ୍ପତି କରିନେଇଥିଲେ ଯେ, ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲଙ୍କୁ ସର୍ଦ୍ଦାରର ମୁକୁଟ ପିନ୍ଧାଇ ପଗଡ଼ି ତା ମୁଣ୍ଡ ଉପରେ ବାନ୍ଧିବେ ବୋଲି । କିନ୍ତୁ ଯେତେବେଳେ ଅଲ୍ଲାଃ ତାଲା ଯେଉଁ ସତ୍ୟକୁ ଆପଣଙ୍କୁ ପ୍ରଦାନ କରିଛନ୍ତି ସେ ତାକୁ ଗ୍ରହଣ କଲା ନାହିଁ ଫଳତଃ ସେ ଈର୍ଷାର ଅଗ୍ନିରେ ଜଳିଗଲା । ସେଥିଯୋଗୁଁ ସେ ଏପରି କହିଦେଇଛି । ଅର୍ଥାତ ସେ ସର୍ଦ୍ଦାର ହୋଇଥାନ୍ତା କିନ୍ତୁ ଆପଣଙ୍କ ଆସିବାରେ ତା' ସର୍ଦ୍ଦାରୀ ଶେଷ ହୋଇଗଲା । ସେଥିଯୋଗୁଁ ସେ ଈର୍ଷା କରୁଛି ତେଣୁ ସେ ଏହିଭଳି କହିଲା । ଏକଥା ଶୁଣି ନବୀ କରିମ୍

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ସ:ଆ:ସ ତାକୁ କ୍ଷମା କରିଦେଲେ । ନବି କରିମ୍ ସ:ଆ:ସ ଏବଂ ଆପଣଙ୍କ ସାହାବାମାନେ ମୁଶରିକ୍ ଏବଂ ଅହଲେ କିତାବ୍‌ଙ୍କୁ କ୍ଷମା କରିଦେଉଥିଲେ । ଯେପରି କି ଅଲ୍ଲାଃ ତାଲା ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଓ ସେମାନଙ୍କର ଅତ୍ୟାଚାରକୁ ଧୈର୍ଯ୍ୟର ସହିତ ସହି ନଉଥିଲେ । ଅଲ୍ଲାଃ ତାଲା ଏ ସମ୍ବନ୍ଧରେ କହୁଛନ୍ତି:

**ଲତୁବ୍‌ଲଉନ୍ନା ଫି ଅମୁଆଲେକୁମ୍ ଓ୍ୱ ଅନ୍‌ଫୁସିକୁମ୍........ ଫଇନ୍ନା ଜାଲିକା ମିନ୍ ଅଜ୍‌ମିଲ୍ ଉମୁର୍ (ଆଲେ ଇମ୍‌ରାନ : ୧୮୭)** ଅର୍ଥାତ ତୁମମାନଙ୍କୁ ତୁମମାନଙ୍କର ଧନ ଓ ତୁମମାନଙ୍କର ଜୀବନ ସମ୍ବନ୍ଧରେ ନିଶ୍ଚୟ ପରୀକ୍ଷା କରାଯିବ, ଏବଂ ତୁମମାନଙ୍କ ପୂର୍ବରୁ ଯାହାକୁ ଗ୍ରନ୍ଥ ଦିଆଯାଇଅଛି, ଓ ଯେଉଁମାନେ ମୁସରିକ୍, ତୁମେମାନେ ନିଶ୍ଚୟ ସେମାନଙ୍କଠାରୁ ଅନେକ ଦୁଃଖ ଦାୟକ କଥା ଶୁଣିବ, ଏବଂ ଯଦି ତୁମେମାନେ ଧୈର୍ଯ୍ୟ ଧରିବ ଓ ଧର୍ମପରାୟଣତା ଅବଲମ୍ବନ କରିବ ଏହା ନିଶ୍ଚିତ ସାହାସିକତା ର କାର୍ଯ୍ୟ ହେବ ।

ଏବଂ ପୁଣି ଅଲ୍ଲାଃ ତାଲା କହୁଛନ୍ତି ଯେ: **ଓ୍ୱଦ୍ଦା କସିରୁମ୍ ମିନ୍ ଅହଲିଲ୍ କିତାବି....... ଇନ୍ନଲାହା ଆଲା କୁଲ୍ଲେ ଶୈଇନ୍ କଦିର୍ (ବକ୍‌ରାଃ: ୧୧୦)** ଅର୍ଥାତ ଗ୍ରନ୍ଥଧାରୀମାନଙ୍କ ମଧ୍ୟରୁ ଅନେକ ଲୋକଙ୍କ ନିକଟରେ ସତ୍ୟ ଭଲ ରୂପେ ପ୍ରକାଶିତ ହୋଇଯିବା ପରେ ସେମାନଙ୍କ ହୃଦୟରେ (ଜାତ ହୋଇଥିବା) ଈର୍ଷା ଯୋଗୁଁ ସେମାନେ ଇଛା କରୁଛନ୍ତି ଯେ, ତୁମେମାନେ ବିଶ୍ୱାସସ୍ଥାପନ କରିବାପରେ ତୁମମାନଙ୍କୁ ପୂନରାୟ ଅବିଶ୍ୱାସକାରୀ କରିଦେବେ ; ସୁତରାଂ ଅଲ୍ଲାଃ ନିଜର ଆଦେଶ ପ୍ରେରଣ ନ କରିବା ପର୍ଯ୍ୟନ୍ତ ତୁମେମାନେ ସେମାନଙ୍କୁ କ୍ଷମା କର ଓ ଉପେକ୍ଷା କର; ଅଲ୍ଲାଃ ନିଶ୍ଚୟ ସବୁକିଛି କରିବାକୁ ସମ୍ପୂର୍ଣ୍ଣରୂପେ ସକ୍ଷମ ।

ଏବଂ ନବୀ କରିମ୍ ସ:ଆ:ସ କ୍ଷମା କରିବାକୁ ହିଁ ଉଚିତ କାର୍ଯ୍ୟବୋଲି ମଣୁଥିଲେ ଯେପରିକି ଅଲ୍ଲାଃ ତାଲା ଆପଣଙ୍କୁ ଏ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ ଶେଷରେ ଅଲ୍ଲାଃ ତାଲା ତାଙ୍କୁ ଅନୁମତି ମଧ୍ୟ ଦେଇଦେଲେ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ବଦର୍‌ଠାରେ ଅମାନ୍ୟକାରୀଙ୍କ ସହିତ ଯୁଦ୍ଧ କଲେ ଏବଂ ଅଲ୍ଲାଃ ତାଲା ସେହି ଯୁଦ୍ଧରେ କୁଫାରଙ୍କର, କୁରୈଶ୍‌ଙ୍କର ବଡ଼ବଡ଼ ନେତାଙ୍କୁ ମାରିଦେଲେ ସେତେବେଳେ ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଓ ତା' ସହିତ ଯେଉଁ ମୁସରିକମାନେ ଥିଲେ ଓ ପିତୁଳା ପୁଜକମାନେ ଥିଲେ, ସେମାନେ କହିବାକୁ ଲାଗିଲେ ଯେ, ଏବେ ତ ଏ ସମ୍ପ୍ରଦାୟ ବହୁତ ବୈଭବ ପୂର୍ଣ ହୋଇଗଲା । କାଫିରଙ୍କ ପରାଜୟକୁ ଦେଖିବା ପରେ ସେମାନଙ୍କୁ ଏ ବିଶ୍ୱାସ ହୋଇଗଲା ତେଣୁ ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଇସ୍‌ଲାମ୍‌ରେ ପ୍ରତିଷ୍ଠିତ ରହିବାପାଇଁ ବୟତ କରିନେଲେ ଓ ମୁସଲମାନ ହୋଇଗଲେ । *(ସହି ବୁଖାରୀ କିତାବୁଲ୍ ତଫସିର୍, ତଫସିର ଆଲେ ଇମ୍‌ରାନ୍ ହଦିସ୍ ୪୫୬୬)* ।

ବଦର ଯୁଦ୍ଧ ସମୟରେ ନବୀ କରିମ୍ ସ:ଆ:ସ ଯେତେବେଳେ ସାହାବାମାନଙ୍କ ସହିତ ପରାମର୍ଶ କଲେ ସେତେବେଳେ ହଜରତ ସାଆଦ୍ ବିନ୍ ଉବାଦାଃ ଯାହା କିଛି କହିଥିଲେ ସେ ସମ୍ବନ୍ଧରେ ଗୋଟିଏ ରିଓ୍ୱାୟତରେ ଏପରି ବର୍ଣ୍ଣନା ମିଳୁଛି । ହଜରତ ଅନସ୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କୁ ଯେତେବେଳେ ଅବୁ ସୁଫିୟାନ୍ ର:ଅଙ୍କ ଆସିବାର ଖବର ମିଳିଲା ସେତେବେଳେ ଆପଣ ସ:ଆ:ସ ପରାମର୍ଶ କଲେ । ରାଓ୍ୱି କହୁଛନ୍ତି ଯେ, ହଜରତ ଅବୁବକର ର:ଅ କଥା ହେଲେ ଏଥିରେ ଆଁ ହଜରତ ସ:ଆ:ସ ତାଙ୍କଠାରୁ ଦୁରେଇ ଗଲେ । ପୁଣି ହଜରତ ଉମର୍ ର:ଅ କଥା ହେଲେ ଅର୍ଥାତ ସେ ପରାମର୍ଶ ଦେବାକୁ ଚାହିଁଲେ । ଆପଣ ସ:ଆ:ସ ତାଙ୍କଠାରୁ ମଧ୍ୟ ମୁହଁ ଫେରାଇ ନେଲେ ପୁଣି ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଛିଡ଼ା ହୋଇ କହିବାକୁ ଲାଗିଲେ । ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆପଣ ଆମଠାରୁ ପରାମର୍ଶ ମାଗୁଛନ୍ତି ମତେ ତା' ରାଣ ଯାହାଙ୍କ ହାତରେ ମୋ ଜୀବନ ରହିଛି ଯଦି ଆପଣ ସ:ଆ:ସ ଆମକୁ ସମୁଦ୍ର ଭିତରେ ଘୋଡ଼ା ଦଉଡ଼ାଇବା ପାଇଁ ନିର୍ଦ୍ଦେଶ ଦେବେ ତେବେ ଆମେ ତାକୁ ଦଉଡ଼ାଇଦେବୁ । ଯଦି ଆପଣ ଆମକୁ ବର୍‌କୁଲ୍ ଗିମାଦ୍ ପର୍ଯ୍ୟନ୍ତ ଘୋଡ଼ା ଦଉଡ଼ାଇବା ପାଇଁ ନିର୍ଦ୍ଦେଶ ଦେବେ ତେବେ ଆମେ ଏପରି ନିଶ୍ଚିତରୂପେ କରିବୁ ସେହି ବର୍‌କୁଲ୍ ଗିମାଦ୍ ହେଉଛି ୟମନ୍ ଦେଶର ଗୋଟିଏ ସହର ଯାହା ମକ୍କାଠାରୁ ୫ ରାତ୍ରିର ଯାତ୍ରାର ଦୁରତାରେ ସମୁଦ୍ର କୁଳରେ ଅବସ୍ଥିତ । ରାଓ୍ୱି କହୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ ଲୋକମାନଙ୍କୁ ଡ଼କାଇଲେ ସେମାନେ ଚାଲିଲେ ଏପରି କି, ବଦର୍‌ଠାରେ ଅବତୀର୍ଣ୍ଣ କଲେ । ଏକଥା ଶୁଣି ଆପଣ ସ:ଆ:ସ ନିଜ ସାଥିମାନଙ୍କୁ ସାଙ୍ଗରେ ନେଇ ବାହାରିପଡ଼ିଲେ ଓ ବଦରଠାରେ ପହଂଚିଗଲେ । ସେଠାରେ କୁରୈଶ୍‌ର ପାଣି ବୁହାଉଥିବା ଲୋକେ ଆସିଲେ ସେମାନଙ୍କ ମଧ୍ୟରେ ବନୁ ହଜାଜ୍ ର ଗୋଟିଏ କଳାରଙ୍ଗର ଯୁବକ ମଧ୍ୟ ଥିଲା । ମୁସଲମାନମାନେ ତାକୁ ଧରି ନେଲେ । ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବା ତା'ଠାରୁ ଅବୁ ସୁଫିୟାନ ଓ ତା ସାଥିମାନଙ୍କ ସମ୍ବନ୍ଧରେ ପଚାରି ବୁଝିଲେ କାରଣ ପୂର୍ବରୁ ଏହା ଜଣାପଡ଼ିଯାଇଥିଲା ଯେ, ଅବୁ ସୁଫିୟାନ ନିଜର ଗୋଟିଏ ବଡ଼ ସେନାଦଳକୁ ସାଥିରେ ନେଇ ଆସୁଅଛି କିନ୍ତୁ ଯାହା ହେଉ ସେହି ଯୁବକଠାରୁ ଅବୁ ସୁଫିୟାନ୍ ସମ୍ବନ୍ଧରେ ପଚାରି ବୁଝିଲେ କିନ୍ତୁ ସେ ଏକଥା କହୁଥିଲା ଯେ, ମତେ ଅବୁ ସୁଫିୟାନଙ୍କ ବିଷୟରେ କିଛି ଜଣା ନାହିଁ କିନ୍ତୁ ଅବୁ ଜହଲ୍, ଉତ୍‌ବା ଏବଂ ଶୈବା ଓ ଉମୈୟା ବିନ୍ ଖଲଫ୍ ନିଶ୍ଚିତରୂପେ ଏଠାରେ ବସିଛନ୍ତି । ଯେତେବେଳେ ସେ ଏକଥା କହିଲା ମୁସଲମାନମାନେ ତାକୁ ମାରିବାକୁ ଲାଗିଲେ ଏଥିରେ ସେ କହିଲା ଠିକ୍ ଅଛି ମୁଁ ବତାଇଦେଉଛି । ଯେ ରହିଲା ଅବୁ ସୁଫିୟାନ୍ ଅର୍ଥାତ ଅବୁ ସୁଫିୟାନ ମଧ୍ୟ ତାଙ୍କ ଭିତରେ ସାମିଲ ଅଛି । ଯେତେବେଳେ ସେମାନେ ତାକୁ ଛାଡ଼ିଦେଲେ ତା'ପରେ ତାକୁ ପଚାରିଲେ ଏଥିରେ ସେ କହିଲା ମତେ ଅବୁ ସୁଫିୟାନ ବିଷୟରେ କିଛି ଜଣା ନାହିଁ କିନ୍ତୁ ଅବୁ ଜହଲ୍, ଉତ୍‌ବା, ଶୈବା ଏବଂ ଉମୈୟା ବିନ୍ ଖଲଫ୍ ସେହି ଦଳରେ ସାମିଲ ଅଛନ୍ତି । ଅର୍ଥାତ ଯେଉଁ ଦଳଟି ଆସିଛି ବା ଗୋଟିଏ ସେନାଦଳ ବଦର ନିକଟରେ ଡ଼େରା ପକାଇଛି ସେଥିରେ ଏ ଲୋକମାନେ ଉପସ୍ଥିତ ଅଛନ୍ତି । କିନ୍ତୁ ଅବୁ ସୁଫିୟାନ ନାହିଁ । ଯେତେବେଳେ ସେ ଏପରି କହିଲା ସେମାନେ ତାକୁ ପୁଣି ମାରିଲେ । ରସୁଲୁଲ୍ଲାଃ ସ:ଆ:ସ ସେତେବେଳେ ଛିଡ଼ା ହୋଇ ନମାଜ ପଢୁଥିଲେ । ଯେତେବେଳେ ଆପଣ ସ:ଆ:ସ ଏପରି ପରିସ୍ଥିତିକୁ ଦେଖିନେଲେ ସେତେବେଳେ ସଲାମ ଫେରାଇ କହିଲେ ଯେ, ମତେ ତା' ରାଣ ଯାହାର ହାତରେ ମୋର ଜୀବନ ନାଟିକା ରହିଛି ! ଯେତେବେଳେ ସେ ତୁମକୁ ସତ୍ୟ କହୁଛି ତୁମେ ତାକୁ ମାରୁଛ ଏବଂ ଯେତେବେଳେ ସେ ତୁମକୁ ମିଛ କହୁଛି ସେତେବେଳେ ତୁମେ ତାକୁ ଛାଡ଼ିଦେଉଛ । ରାଓ୍ୱି କହୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ କହିଲେ କି, ଏ ଯୁବକ ଜଣକ ଯାହା କହୁଛନ୍ତି ଠିକ୍ କହୁଛନ୍ତି ପୁଣି କହିଲେ ଯେ, ଏହା ଅମୁକ ବ୍ୟକ୍ତିଙ୍କ ପଡ଼ିବାର ସ୍ଥାନ ଅଟେ । ଅର୍ଥାତ ଯେଉଁ ଶତ୍ରୁମାନଙ୍କ ସ୍ଥାନ ନେଇଥିଲେ ଏବଂ ବତାଇଲେ ଯେ, ଏହା ବଦର୍ ର ରଣ କ୍ଷେତ୍ର ଏଠାରେ ଅମୁକ ଲୋକ ପଡ଼ିବେ । ରାଓ୍ୱି କହୁଛନ୍ତି ଆପଣ ସ:ଆ:ସ ନିଜର ହାତକୁ ଭୁମି ଉପରେ ରଖୁଥିଲେ ଏବଂ କହୁଥିଲେ ଏ ସ୍ଥାନରେ ସ୍ଥାନରେ (ଲୋକମାନେ ପଡ଼ିଚାଲିବେ) ରାଓ୍ୱି କହୁଛନ୍ତି (ଯେଉଁମାନଙ୍କର ନାମ ଆପଣ ସ:ଆ:ସ ନେଇଥିଲେ) ସେମାନଙ୍କ ମଧ୍ୟରୁ କେହି ହେଲେ ବି ନିଜ ସ୍ଥାନରୁ ଏପଟ ସେପଟ ହୋଇନାହାନ୍ତି ଅର୍ଥାତ ଯେଉଁ ଶତ୍ରୁମାନେ ଥିଲେ ସେହିସ୍ଥାନରେ ତଳେ ପଡ଼ିଯାଇ ମଲେ । ଯେଉଁ ସ୍ଥାନରେ ରସୁଲୁଲ୍ଲାଃ ସ:ଆ:ସ ହାତ ଦ୍ୱାରା ନିସାନ୍ ଲଗାଇଥିଲେ । *(ସହି ମୁସଲିମ୍ କିତାବୁଲ୍ ଯିହାଦ୍....... ଗଜୁଓ୍ୱା ବଦର୍ ହଦିସ୍ ୧୭୭୯) (ଫରହଙ୍ଗ ସିରତ୍ ପୃ-୫୭........ କରାଚୀ ୨୦୦୩)*

ଓ୍ୱହଦ୍ ଯୁଦ୍ଧ ପୂର୍ବରୁ ଗୋଟିଏ ଜୁମାର ସଂଧ୍ୟା ସମୟରେ ହଜରତ ସାଆଦ୍ ବିନ୍ ମୁଆଜ୍, ହଜରତ ଉସୈଦ୍ ବିନ୍ ହୁଜୈର୍ ଏବଂ ହଜରତ ସାଆଦ୍ ବିନ୍ ଉବାଦାଃ ମସଜିଦ୍ ନବଓ୍ୱିଠାରେ ହତିୟାର ଅର୍ଥାତ ଅସ୍ତ୍ରଶସ୍ତ୍ର ଧରି ରସୁଲୁଲ୍ଲାଃ ସ:ଆ:ସଙ୍କ ଦ୍ୱାର ଦେଶରେ ସକାଳ ପର୍ଯ୍ୟନ୍ତ ପହରା ଦେଉଥିଲେ । ଓ୍ୱହଦ୍ ଯୁଦ୍ଧ ନିମନ୍ତେ ଯେତେବେଳେ ନବି କରିମ୍ ସ:ଆ:ସ ମଦିନାରୁ ବାହାରିଲେ ଓ ନିଜ ଘୋଡ଼ା ଉପରେ ଆରୋହଣ କଲେ ଏବଂ କମାଣକୁ କାନ୍ଧ ଉପରେ ରଖିଲେ ଓ କନ୍ତକୁ ନିଜ ହାତରେ ଧରି ନେଲେ । ସେତେବେଳେ ଦୁଇଜଣଯାକ ସାଆଦ୍ ଅର୍ଥାତ ହଜରତ ସାଆଦ୍ ବିନ୍ ମୁଆଜ୍ ର:ଅ ଏବଂ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଆପଣ ସ:ଆ:ସଙ୍କ ଆଗରେ ଦଉଡ଼ିବାକୁ ଲାଗିଲେ । ଏହି ଦୁଇଜଣ ସାହାବା ଜରାଃ ପିନ୍ଧିଥିଲେ ବାକି ଲୋକମାନେ ଆଁ ହଜରତ ସ:ଆ:ସଙ୍କ ଡ଼ାହାଣ ଓ ବାମ ପାର୍ଶ୍ୱରେ ଥିଲେ । *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୨, ପୃ- ୨୮ ରୁ ୩୦...... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦)*

ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଓ୍ୱହଦ୍ ଯୁଦ୍ଧ ସମ୍ବନ୍ଧରେ ବର୍ଣ୍ଣନା କରି ଲେଖୁଛନ୍ତି ଯେ, "ଆଁ ହଜରତ ସ:ଆ:ସ ସାହାବାମାନଙ୍କର ଗୋଟିଏ ବଡ଼ ଯମାତ୍ ସହିତ ଅସର୍ ନାମଜ ପରେ ମଦିନାରୁ ବାହାରିଲେ । ଅଓ୍ୱସ୍ ଏବଂ ଖଜ୍‌ରଜ୍ କବିଲାର ସର୍ଦ୍ଦାର ସାଆଦ୍ ବିନ୍ ମୁଆଜ୍ ର:ଅ ଏବଂ ସାଆଦ୍ ବିନ୍ ଉବାଦାଃ ର:ଅ ଆପଣ ସ:ଆ:ସଙ୍କ ବାହନ ସମ୍ମୁଖରେ ଧିରେ ଧିରେ ଦଉଡ଼ି ଦଉଡ଼ି ଯାଉଥିଲେ ଏବଂ ବାକି ସାହାବାମାନେ ଆପଣ ସ:ଆ:ସଙ୍କ ଡ଼ାହାଣ ଓ ବାମପଟେ ଏବଂ ପଛପଟେ ଚାଲୁଥିଲେ" *(ସିରତ୍ ଖାତ୍‌ମୁନ୍ ନବଇନ୍ ସାଆସ୍ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ପୃ-୪୮୬)*

ଓ୍ୱହଦ୍ ଯୁଦ୍ଧ ଅବସରରେ ଯେଉଁ ସାହାବାମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଦୃଢ଼ ପଦରେ ଛିଡ଼ା ହୋଇଥିଲେ ସେମାନଙ୍କ ମଧ୍ୟରେ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ମଧ୍ୟ ଥିଲେ । *(ସୁବ୍‌ଲୁଲ୍ ହୁଦା ଖଣ୍ଡ-୪, ପୃ-୧୯୭........ ବେରୁତ ୧୯୯୩)*

ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଓ୍ୱହଦ୍ ଯୁଦ୍ଧରୁ ଲେଉଟି ଆସିଲେ ଏବଂ ନିଜ ଘୋଡ଼ା ପିଠିରୁ ଓହ୍ଲାଉଥିଲେ ସେତେବେଳେ ଆପଣ ସ:ଆ:ସ ହଜରତ ସାଆଦ୍ ବିନ୍ ମୁଆଜ୍ ର:ଅ ଏବଂ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ସାହାଯ୍ୟ ନେଇ ନିଜ ଘର ଭିତରକୁ ପ୍ରବେଶ କଲେ । *(ସୁବ୍‌ଲୁଲ୍ ହୁଦା....... ଖଣ୍ଡ-୪, ପୃ-୨୨୯..... ବେରୁତ ୧୯୯୩)* କ୍ଷତାକ୍ତ ଥିଲେ ତେଣୁ ଏହିପରି ଅବସ୍ଥାରେ ଯେତେବେଳେ ସେ ଉପରୁ ତଳକୁ ଓହ୍ଲାଇଲେ ସେ ସମୟରେ ଆପଣ ସ:ଆ:ସ ଉକ୍ତ ଦୁଇଜଣଙ୍କ ସାହାଯ୍ୟ ନେଇ ଓହ୍ଲାଇଲେ ।

ହଜରତ ଜାବିର୍ ବିନ୍ ଅବଦୁଲ୍ଲାଃ ବର୍ଣ୍ଣନା କରୁଛନ୍ତି ଯେ, ହମ୍‌ରାଉଲ୍ ଅସଦ୍ ଯୁଦ୍ଧରେ ଆମର ସାଧାରଣ ଖାଦ୍ୟ ଖଜୁର ଥିଲା, ହମ୍‌ରାଉଲ୍ ଅସଦ୍ ଯୁଦ୍ଧ ତିନି ହିଜ୍‌ରୀ ଶଓ୍ୱାଲ୍ ମାସରେ ଅନୁଷ୍ଠିତ ହୋଇଥିଲା । ଓ୍ୱହଦ୍ ଯୁଦ୍ଧରୁ ଫେରିବା ସମୟରେ କୁରୈଶ୍‌ର ଲୋକମାନେ ରଉହା ନାମକ ସ୍ଥାନରେ ରହିଲେ ତାହା ମଦିନାରୁ ୩୬ ମାଇଲ ଦୁରତାରେ ଅବସ୍ଥିତ ସେଠାରେ କୁରୈଶ୍‌ମାନେ ଏକଥା ଭାବିଲେ ଯେ, ମୁସଲମାନମାନଙ୍କୁ ବହୁତ କ୍ଷତି ପହଂଚିଛି ତେଣୁ ଏଠାରୁ ଫେରିଯାଇ ମଦିନା ଉପରେ ଅଚାନକ ଆକ୍ରମଣ କରିଦେବା ଉଚିତ ମୁସଲମାନମାନେ ଏହାର ମୁକାବିଲା କରିପାରିବେ ନାହିଁ କାରଣ ସେମାନଙ୍କୁ ବହୁତ କ୍ଷତି ପହଂଚି ସାରିଛି । ଏପଟେ ରସୁଲୁଲ୍ଲାଃ ସ:ଆ:ସ କୁରୈଶ୍‌ମାନଙ୍କ ଅନୁଧାବନ କରି ବାହାରିଲେ ଏବଂ ହମ୍‌ରାଉଲ୍ ଅସଦ୍ ସ୍ଥାନରେ ପହଂଚିଗଲେ । ହଜୁର ଅନଓ୍ୱର କହୁଛନ୍ତି ଆଁ ହଜରତ ସ:ଆ:ସଙ୍କୁ ମଧ୍ୟ ସେମାନଙ୍କର ମନବାଂଛା ବିଷୟରେ ଜଣାପଡ଼ିଗଲା ତେଣୁ ଆପଣ ସ:ଆ:ସ କହିଲେ ଚାଲ ଆମେ ସେମାନଙ୍କ ଅନୁଧାବନ କରିବା । ହମ୍‌ରାଉଲ୍ ଅସଦ୍ ମଦିନାଠାରୁ ଜୁଲ୍ ହଲିଫା ଆଡ଼କୁ ୮ ମାଇଲ୍ ଦୁରତାରେ ଅବସ୍ଥିତ । କୁରୈଶି ସେନାଙ୍କୁ ଯେତେବେଳେ ନବି କରିମ୍ ସ:ଆ:ସଙ୍କ ଏ ଖବର ମିଳିଲା ସେତେବେଳେ ସେମାନେ ମକ୍କାଆଡ଼କୁ ପଳାୟନ କଲେ । ଯେତେବେଳେ ସେମାନେ ଏକଥାକୁ ଦେଖିଲେ ଯେ, ମୁସଲମାନମାନେ ଦୁର୍ବଳ ହେବା ପରିବର୍ତେ ଆମ ଉପରେ ଆକ୍ରମଣ କରିବାକୁ ଆସୁଛନ୍ତି ବୋଲି ସେତେବେଳେ ସେମାନେ ପଳାୟନ କଲେ । ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ତିରିଶ୍‌ଟି ଓଟ ଏବଂ କିଛି ଖଜୁର ଆଣିଲେ ତାହା ସବୁ ହମ୍‌ରାଉଲ୍ ଅସଦ୍ ସ୍ଥାନ ପର୍ଯ୍ୟନ୍ତ ଆମପାଇଁ ଯଥେଷ୍ଟ ଥିଲା । ରାଓ୍ୱି ଏକଥା ଲେଖିଛନ୍ତି ସେ ଯେଉଁ ଓଟ ନେଇ ଆସିଥିଲେ ସେ ସବୁକୁ ପ୍ରତ୍ୟେକ ଦିନ ଦୁଇଟି ବା ତିନିଟି କରି ହତ୍ୟା କରାଯାଉଥିଲେ । *(ସୁବ୍‌ଲୁଲ୍ ହୁଦା....... ଖଣ୍ଡ-୪, ପୃ-୩୧୦....... ବେରୁତ ୧୯୯୩) (ଫରହଙ୍ଗ ସିରତ୍ ପୃ-୧୦୬........ କରାଚି ୨୦୦୩) (ସିରତ୍ ଖାତ୍‌ମୁନ୍ ନବିଇନ୍*

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

*ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ପୃ-୩୫୪) (ଶରହ ଜର୍କାନି ଖଣ୍ଡ-୨, ପୃ-୪୬୪........ ବେରୁତ ୧୯୯୬)* ଏବଂ ସେସବୁକୁ ଖାଦ୍ୟ ଭାବେ ବ୍ୟବହୃତ କରାଯାଉଥିଲା ।

ବନୁ ନଜିର୍ ଯୁଦ୍ଧ ରବିଉଲ୍ ଅୱ୍ୱଲ୍ ୪ ହିଜ୍‌ରୀରେ ଅନୁଷ୍ଠିତ ହୋଇଥିଲା । ନବୀ କରିମ୍ ସ:ଆ:ସ ଇହୁଦୀ ମାନଙ୍କ କବିଲା ବନୁ ନଜିର୍ ର କିଲାକୁ ୧୫ ଦିନ ପର୍ଯ୍ୟନ୍ତ ଘେରାଉ କରି ରଖିଥିଲେ । ନବି କରିମ୍ ସ:ଆ:ସ ସେହି ଲୋକମାନଙ୍କୁ ଖୈବର୍ ଆଡ଼କୁ ଦେଶାନ୍ତରଣ କରିଦେଇଥିଲେ । ଏହି ଅବସରରେ ମାଲେ ଗନିମତ୍ ପ୍ରାପ୍ତ ହେଲା ଏଥିରେ ଆପଣ ସ:ଆ:ସ ହଜରତ ସାବିତ୍ ବିନ୍ କୈସ୍‌ଙ୍କୁ ଡ଼କାଇ କହିଲେ ମୋ ନିକଟକୁ ମୋ ଜାତିର ଲୋକମାନଙ୍କୁ ଡ଼ାକିଆଣ ହଜରତ ସାବିତ୍ ବିନ୍ କୈସ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! କ'ଣ ଖଜ୍‌ରଜ୍‌କୁ? ଏଥିରେ ଆପଣ ସ:ଆ:ସ କହିଲେ ନୁହେଁ, ସମସ୍ତ ଅନ୍‌ସାରମାନଙ୍କୁ ଡ଼ାକି ଆଣ ସୁତରାଂ ସେ ଅଓ୍ୱସ୍ ଏବଂ ଖଜ୍‌ରଜ୍‌କୁ ଆପଣ ସ:ଆ:ସଙ୍କୁ ଡ଼ାକି ଆଣିଲେ । ରସୁଲୁଲ୍ଲାଃ ସ:ଆ:ସ ଅଲ୍ଲାଃ ତାଲାଙ୍କର ପ୍ରଶଂସା ଗାନ କଲେ ଯାହାର ସେ ହେଉଛନ୍ତି ଅଧିକାରି । ପୁଣି ଆପଣ ସ:ଆ:ସ ଅନ୍‌ସାରମାନଙ୍କର ସେହି ସବୁ ସୁଗୁଣ ବିଷୟରେ ଚର୍ଚ୍ଚା କଲେ ଯାହାକୁ ସେମାନେ ମୁହାଜିର୍‌ମାନଙ୍କ ପାଇଁ କରିଥିଲେ । ତୁମେ ମୁହାଜିର୍ ମାନଙ୍କ ଉପରେ କିଭଳି ପୂଣ୍ୟ କରିଥିଲ ଯେ, ସେମାନେ ନିଜ ଘରେ ରଖାଇଲେ ଓ ମୁହାଜିର୍‌ମାନଙ୍କୁ ନିଜଠାରୁ ଅଧିକା ଅଗ୍ରାଧିକାର ଦେଲେ । ପୁଣି ଆପଣ ସ:ଆ:ସ କହିଲେ ଯଦି ତୁମେ ପସନ୍ଦ କରିବ ତେବେ ମୁଁ ବନୁ ନଜିର୍‌ଠାରୁ ପ୍ରାପ୍ତ ହୋଇଥିବା ଧନ ମଧ୍ୟରୁ, ସେହି ମାଲେ ଗନିମତ୍ ଯାହା କୁଫାର୍‌ମାନଙ୍କ ସହିତ ବିନା ଯୁଦ୍ଧରେ ମୁସଲମାନମାନଙ୍କୁ ପ୍ରାପ୍ତ ହୋଇଥିଲା ସେଥିମଧ୍ୟରୁ ତୁମମାନଙ୍କ ମଧ୍ୟରେ ଓ ମୁହାଜିର୍‌ମାନଙ୍କ ମଧ୍ୟରେ ସମାନ ସମାନ ବାଂଟି ଦେବି । ଏହିପରି ଅବସ୍ଥାରେ ମୁହାଜିର୍‌ମାନେ ପୂର୍ବଭଳି ତୁମମାନଙ୍କ ଘରେ ରହିବେ ଓ ତୁମମାନଙ୍କ ସମ୍ପତିକୁ ଭୋଗ କରିବେ । ଏବଂ ଯଦି ତୁମେ ପସନ୍ଦ କର ତେବେ ଏହି ଧନସମ୍ପତିକୁ ମୁଁ ମୁହାଜିର୍‌ମାନଙ୍କ ମଧ୍ୟରେ ବାଂଟି ଦେବି ଅର୍ଥାତ ଅଧା ଅଧା ବାଂଟି ଦେବି ଠିକ୍ ଅଛି ଯେଉଁଭଳି ତୁମେ ପ୍ରଥମେ ସେମାନଙ୍କ ସହିତ ଉତମ ବ୍ୟବହାର କରିଅଛ ଅର୍ଥାତ ମୁହାଜର୍ ମାନଙ୍କ ସହିତ କରୁଅଛ ସେହିଭଳି କରିଚାଲ । ସେମାନେ ତୁମମାନଙ୍କ ଘରେ ମଧ୍ୟ ରହିବେ । ମୁଆଖାତ୍ କାୟମ୍ ରହିବ ଯେଉଁଭଳି ଏହି ସିଲ୍‌ସିଲା ଚାଲିଛି । କିନ୍ତୁ ଯଦି ତୁମେ ପସନ୍ଦ କର ତେବେ ଏହି ଧନସମ୍ପତିକୁ ମୁଁ ମୁହାଜିର୍ ମାନଙ୍କ ମଧ୍ୟରେ ବଂଟନ କରିଦିଏ । ଫଳତଃ ସେମାନେ ତୁମ ଘରୁ ବାହାରି ଯିବେ । ଧନ ସବୁ ତ ତାଙ୍କୁ ମିଳିଯିବ ତେଣୁ ସେତେବେଳେ ସେ ତୁମ ଘରୁ ବାହାରି ଚାଲିଯିବେ । ପୂର୍ବରୁ ଯେଉଁ ହକ୍ କାୟମ୍ କରାଯାଇଥିଲା ଏବେ ସେହିଭଳି କୌଣସି ଅଧିକାର ରହିବ ନାହିଁ । ଏଥିରେ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଏବଂ ହଜରତ୍ ସାଆଦ୍ ବିନ୍ ମୁଆଜ୍ ର:ଅ ଦୁଇଜଣ ଯାକ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆପଣ ଏହି ଧନକୁ ମୁହାଜିରମାନଙ୍କ ମଧ୍ୟରେ ବାଂଟି ଦିଅନ୍ତୁ । ଅନ୍‌ସାରମାନଙ୍କୁ ଦେବାପାଇଁ କୌଣସି ଆବଶ୍ୟକତା ନାହିଁ କିନ୍ତୁ ତାଙ୍କର ଯେଉଁ ହକ୍ ରହିଛି ଓ ଅନ୍‌ସାର ଓ ମୁହାଜରି ମାନଙ୍କ ମଧ୍ୟରେ ଯେଉଁ ଭାତୃଭାବ କାୟମ ରହିଛି ଓ ଆପୋଷରେ ଘରକୁ ଯାଆ ଆସ କରିବାର ଯେଉଁ ହକ୍ ରହିଛି ତା ମଧ୍ୟ ସେହି ଭଳି କାୟମ ରହିବ । ଏଥିରେ ଅନ୍‌ସାରମାନେ ଉଚ୍ଚ ସ୍ୱରରେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମକୁ ଏକଥା ବହୁତ ପସନ୍ଦ ଓ ଏହାକୁ ଆମେ ନତମସ୍ତକ ହୋଇ ସ୍ୱୀକାର କରୁଛୁ ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ହେ ଅଲ୍ଲାଃ ! ଅନ୍‌ସାର ଏବଂ ଅନ୍‌ସାରଙ୍କ ସନ୍ତାନମାନଙ୍କ ଉପରେ କରୁଣା କର ।

ଅଲ୍ଲାଃ ତାଲା ରସୁଲୁଲ୍ଲାଃ ସ:ଆ:ସଙ୍କୁ ଯେଉଁ ଧନ ସମ୍ପତି ପ୍ରଦାନ କରିଥିଲେ ସେ ସବୁକୁ ଆପଣ ମୁହାଜିର୍ ମାନଙ୍କ ମଧ୍ୟରେ ବଂଟନ କରିଦେଲେ ଓ ଅନ୍‌ସାରମାନଙ୍କ ମଧ୍ୟରୁ ଦୁଇଜଣ ସାହାବାଙ୍କ ବ୍ୟତିତ ଆଉ କାହାରିକୁ କିଛି ଦେଲେ ନାହିଁ । ସେହି ଦୁଇଜଣ ସାହାବାଙ୍କୁ ଏହାର ଆବଶ୍ୟକତା ଥିଲା ସେମାନେ ହେଉଛନ୍ତି ହଜରତ ସହଲ୍ ବିନ୍ ହୁନୈଫ୍ ର:ଅ ଏବଂ ହଜରତ ଅବୁ ଦୁଜ୍‌ନା ର:ଅ । ଏବଂ ଆପଣ ସ:ଆ:ସ ହଜରତ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କୁ ଇବ୍‌ନେ ଅବି ହକିକିଙ୍କ ତରବାରୀ ପ୍ରଦାନ କରିଥିଲେ *(ସୁବ୍‌ଲୁଲ୍ ହୁଦା ଖଣ୍ଡ-୪, ପୃ-୩୨୫....... ବେରୁତ ୧୯୯୩) (ଇତ୍‌ଲିସ୍ ସିରତ୍ ନବୱି ସ:ଆ:ସ ପୃ-୨୬୪ ରୁ ୨୬୫ ଦାରୁସ୍ ସଲାମ୍ ୧୪୪୨) (ଉମ୍‌ଦତୁଲ୍ କାରୀ ଶରହା ସହି ବୁଖାରୀ ଖଣ୍ଡ-୧୨, ପୃ-୨୦୪..... ବେରୁତ ୨୦୦୩) ।*

ହଜରତ ସାଆଦ୍ ର:ଅଙ୍କ ମାଆ ହଜ୍‌ରତ୍ ଅମ୍‌ରାଃ ବିନ୍‌ତେ ମସ୍‌ଉଦ୍ ର:ଅ ସାହାବିୟାତ୍ ମାନଙ୍କ ମଧ୍ୟରୁ ଥିଲେ । ତାଙ୍କର ଦେହାନ୍ତ ସେତେବେଳେ ହୋଇଥିଲା ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଦଉମତୁଲ୍ ଜନ୍ଦଲ୍ ଯୁଦ୍ଧପାଇଁ ଯାଇଥିଲେ । ଏହି ଯୁଦ୍ଧ ରବିଉଲ୍ ଅୱ୍ୱଲ୍ ୫ ହିଜ୍‌ରୀରେ ଅନୁଷ୍ଠିତ ହୋଇଥିଲା । ହଜରତ ସାଆଦ୍ ର:ଅ ସେହି ଯୁଦ୍ଧରେ ଆପଣ ସ:ଆ:ସଙ୍କ ସାଥିରେ ଥିଲେ ।

ସଇଦ୍ ବିନ୍ ମୁସୈବ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ମାଆଙ୍କ ଦେହାନ୍ତ ସେହି ସମୟରେ ହୋଇଛି ଯେତେବେଳେ ଆଁ ହଜରତ ସ:ଆ:ସ ମଦିନାରୁ ବାହାରେ ଥିଲେ । ସାଆଦ୍ ନିବେଦନ କଲେ ଯେ, ମୋ ମାଆଙ୍କର ଦେହାନ୍ତ ହୋଇଯାଇଛି ତେଣୁ ମୁଁ ଏହା ଚାହୁଁଛି ଯେ, ଆପଣ ସ:ଆ:ସ ତାଙ୍କର ନମାଜ ଯନାଜାଃ ପଢାନ୍ତୁ ଆପଣ ସ:ଆ:ସ ତାଙ୍କର ନାମଜ ଯାନାଜଃ ପଢ଼ାଇଲେ ଯେବେ କି, ତାଙ୍କ ମୃତ୍ୟୁକୁ ଏକମାସ ବିତିଯାଇଥିଲା । ହଜରତ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସାଆଦ୍ ବିନ୍ ଉବାଦାଃ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ଗୋଟିଏ ନଜର୍ ସମ୍ବନ୍ଧରେ ପଚାରିଲେ ଯାହା ତାଙ୍କ ମାଆଙ୍କ ଉପରେ ଥିଲା ଏବଂ ସେ ତାକୁ ପୁରଣ କରିବା ପୂର୍ବରୁ ହିଁ ମୃତ୍ୟୁବରଣ କରିସାରିଥିଲେ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ତୁମେ ତୁମ ମାଆଙ୍କ ତରଫରୁ ପୂରଣ କରିଦିଅ ।

ହଜରତ ସଇଦ୍ ବିନ୍ ମୁସୈବ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ନବୀ କରିମ୍ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇ ନିବେଦନ କଲେ ଯେ, ମୋ ମାଆଙ୍କର ଦେହାନ୍ତ ହୋଇଯାଇଛି ସେ କୌଣସି ଓ୍ୱସିଅତ୍ କରିନଥିଲେ ଯଦି ମୁଁ ତାଙ୍କ ତରଫରୁ ସଦ୍‌କା ଦେବି ତେବେ କଣ ତାହା ଲାଭପ୍ରଦ ହେବ? ଏଥିରେ ଆପଣ ସ:ଆ:ସ କହିଲେ ହଁ, । ଏଥିରେ ସେ କହିଲେ କେଉଁ ସଦ୍‌କା ଆପଣ ସ:ଆ:ସଙ୍କୁ ଅଧିକ ପସନ୍ଦ? ଆପଣ ସ:ଆ:ସ କହିଲେ ପାଣି ପିଆଓ *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩,ପୃ-୪୬୧ ରୁ ୪୬୨..... ବେରୁତ ୧୯୯୦) ।*

ହଜୁର ଅନୱର ଅ:ବ:ଅ କହୁଛନ୍ତି ଜଣାପଡୁଛି ଯେମିତି ସେତେବେଳେ ପାଣିର ସ୍ୱଳ୍ପତା ଥିଲା ତେଣୁ ତାହାର ଆବଶ୍ୟକତା ବହୁତ ଥିଲା । ସେ ଯାହା ହେଉ ଆଉ ଗୋଟିଏ ରିୱାୟତ ଏପରି ଆସୁଛି ଯେ, ଏକଥା ଶୁଣି ହଜରତ ସାଆଦ୍ ଗୋଟିଏ କୂଅ ଖୋଳାଇଲେ ଓ କହିଲେ ଯେ, ଏହା ଉମ୍ମେ ସାଆଦ୍‌ଙ୍କ ମାଆଙ୍କ ଖାତିର୍ ।

ଅଲ୍ଲାମା ଅବୁ ତୟବ୍ ଶମ୍‌ସୁଲ୍ ହକ୍ ଅଜିମାବାଦି ଯିଏ ଅବୁ ଦାଉଦ୍ ର ସର୍‌ହା ଲେଖିଛନ୍ତି ଯେ, ଆଁ ହଜରତ ସ:ଆ:ସ ଯେଉଁ କଥା କହିଛନ୍ତି କି, ସବୁଠାରୁ ବଡ଼ ସଦ୍‌କା ହେଉଛି ପାଣି ଅର୍ଥାତ ହଜରତ ସାଆଦ୍ ର:ଅଙ୍କୁ କହିଲେ ପାଣି ପିଆଓ, ଏହାର କାରଣ ଏହା ଥିଲା ଯେ, ସେ ସମୟରେ ପାଣି ବହୁତ କମ୍ ଉପଲବ୍ଧ ଥିଲା ଅଥବା ଏଥିପାଇଁ କହିଛନ୍ତି ଯେ, ସାଧାରଣତଃ ପାଣିର ଆବଶ୍ୟକତା ଅନ୍ୟ ସମସ୍ତ ବସ୍ତୁମାନଙ୍କ ତୁଳନାରେ ସବୁଠାରୁ ଅଧିକ ଥାଏ । ପୁଣି ଲେଖୁଛନ୍ତି ଯେ, ପାଣିର ସଦ୍‌କା କରିବାକୁ ଆପଣ ସ:ଆ:ସ ଏଥିପାଇଁ ମଧ୍ୟ ସର୍ବତମ ଅଭିହିତ କରିଛନ୍ତି କାରଣ ଏହା ଧାର୍ମିକ ଓ ସାଂସାରିକ ମାମଲାରେ ବିଶେଷରୂପେ ସେହି ଗରମ ଦେଶ ଗୁଡ଼ିକରେ ସବୁଠାରୁ ଅଧିକା ଲାଭପ୍ରଦ ବସ୍ତୁ ଅଟେ । ସେଥିପାଇଁ ଅଲ୍ଲାଃ ତାଲା ଏହି ଆୟତରେ ଉକ୍ତ ଏହ୍‌ସାନ୍‌ର କଥାକୁ ଚର୍ଚ୍ଚା କରିଛନ୍ତି ଅର୍ଥାତ୍ ***ୱ ଅନ୍‌ଜଲ୍‌ନା ମିନ୍‌ସ ସମାଇ ମାଅନ୍ ତହୁରା*** ଅର୍ଥାତ୍ ଏବଂ ଆମ୍ଭେ ଆକାଶରୁ ପବିତ୍ର ପାଣି ଅବତୀର୍ଣ୍ଣ କରିଛୁ । ସେଠି ମଦିନାରେ ପାଣି ସର୍ବୋତମ ବସ୍ତୁ ଥିଲା ଭୀଷଣ ଗରମ ଯୋଗୁଁ ସାଧାରଣତଃ ଏହାର ଆବଶ୍ୟକତା ଏବଂ ପାଣି କମ୍ ଉପଲବ୍ଧ ହୋବ ଯୋଗୁଁ ଏହାକୁ ବହୁତ ମୁଲ୍ୟବାନ ବିବେଚନା କରାଯାଉଥିଲା *(ଅଉନୁଲ୍ ମାମୁଦ୍ ଶରହା ସୁନନେ ଅବି ଦାଉଦ୍ ଖଣ୍ଡ-୩, ପୃ-୬୫ ରୂ ୬୬ କିତାବୁଲ୍ ଯକାତ୍........ ବେରୁତ ୨୦୦୨)*

ଏବଂ ପାଣିକୁ ଆଜି ମଧ୍ୟ ମୂଲ୍ୟବାନ ବୁଝାଯାଉଛି ତା'ପାଇଁ ସରକାର ମଧ୍ୟ କହିଚାଲିଛନ୍ତି ତେଣୁ ଏହାର ଧ୍ୟାନ ମଧ୍ୟ ରଖିବା ଉଚିତ । ସେ ଯାହା ହେଉ ସେ କେବଳ ଏତିକିରେ ହିଁ ଚୁପ୍ ବସିଲେ ନାହିଁ ଯେ ପାଣିର କୂଅ ଖୋଳି ଦେଲେ ବରଂ ହଜରତ ଇବ୍‌ନେ ଅବାସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଯିଏ ବନୁ ସାଇଦାର ଥିଲେ, ତାଙ୍କ ମାଆଙ୍କର ଦେହାନ୍ତ ହୋଇଗଲା ଓ ସେତେବେଳେ ସେ ଉପସ୍ଥିତ ନଥିଲେ । ସେ ନବି କରିମ୍ ସ:ଆ:ସଙ୍କ ନିକଟକୁ ଆସି କହିଲେ ହେ ଅଲ୍ଲାଃଙ୍କ ରସୁଲ ସ:ଆ:ସ ! ମୋ ମାଆଙ୍କର ଦେହାନ୍ତ ହୋଇଯାଇଛି ଓ ମୁଁ ସେତେବେଳେ ତାଙ୍କ ନିକଟରେ ଉପସ୍ଥିତ ନଥିଲି । ତେବେ କ'ଣ ତାଙ୍କ ତରଫରୁ ମୁଁ କୌଣସି ସଦ୍‌କା କରିବାଟା ଫଳପ୍ରଦ ହେବ କି? ଏଥିରେ ଆପଣ ସ:ଆ:ସ କହିଲେ ହଁ । ଏଥିରେ ପୁଣି ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ପୁଣି ମୁଁ ଆପଣ ସ:ଆ:ସଙ୍କୁ ସାକ୍ଷୀ ରଖୁଛି ଯେ, ମୋ ବଗିଚା ନିଖରାତ୍ ଟିକୁ ମୁଁ ତାଙ୍କ ତରଫରୁ ସଦ୍‌କା କଲି *(ସହୀ ବୁଖାରି କିତାବୁଲ୍ ୱସାୟା....... ହଦୀସ୍ ୨୭୬୨)*

ସଦ୍‌କା ଏବଂ ଖୈରାତ୍ ଓ ଗରିବମାନଙ୍କୁ ସାହାଯ୍ୟ କରିବାରେ ସେ ବିଶାଳ ହୃଦୟ ରଖିଥିଲେ ଏବଂ ତାଙ୍କର ହାତ ବହୁତ ଖୋଲା ଥିଲା ଏବେ ତାଙ୍କ ସମ୍ବନ୍ଧରେ ଚର୍ଚ୍ଚା ଚାଲିଛି ଇନ୍‌ଶାଅଲ୍ଲାଃ ଆସନ୍ତାକୁ ମଧ୍ୟ ବର୍ଣ୍ଣନା କରାଯିବ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୨ ର ଅବଶିଷ୍ଟାଂଶ ......*

ପାକିସ୍ତାନ ମଧ୍ୟରେ ଭିଡ଼ାଭିଡ଼ି ଚାଲିଛି । ଭାରତ ଆନ୍ତରିକ ପରିସ୍ଥିତି ମଧ୍ୟ ଖବର ମୁତାବକ ବହୁତ ଖରାପ ଚାଲିଛି ଓ ପୃଥିବୀର ସାଧାରଣ ଅବସ୍ଥା ମଧ୍ୟ ଠିକ୍ ନାହିଁ । ଏଥିରୁ ଜଣାପଡୁଛି ଯେ, ଏମାନେ ସମସ୍ତେ ଧ୍ୱଂସ ହେବାପାଇଁ ନିଜକୁ ଡ଼ାକୁଛନ୍ତି । ମିଡ଼ିଲ୍ ଇଷ୍ଟର ପରିସ୍ଥିତି ବି ଏବେ ଜଟିଳ, ଇରାନ୍, ଆମେରିକା ଏବଂ ଇସ୍ରାଏଲ୍‌ରେ ଯୁଦ୍ଧର ବିପଦ ବଢ଼ିଚାଲିଛି । ମୁସଲମାନ ଦେଶଗୁଡ଼ିକ ମଧ୍ୟରେ ଆପୋଷରେ ଏକତା ନାହିଁ ତେଣୁ ପୃଥିବୀର ଏହି ଧ୍ୱଂସ ଲିଳାରୁ ବଂଚିବାପାଇଁ ଏବଂ ଖୁଦାଙ୍କ ନିକଟକୁ ଆସିବାପାଇଁ ହେଲେ । ଆମକୁ ବହୁତ ଦୁଆ କରିବାକୁ ହେବ । ଅଲ୍ଲାଃ ତାଲା ନିଜର କୃପା କରନ୍ତୁ ଓ ସେମାନଙ୍କୁ ବୁଦ୍ଧି ଓ ଜ୍ଞାନ ଦିଅନ୍ତୁ ।

ନୂଆ ବର୍ଷ ଆରମ୍ଭ ହୋଇସାରିଛି ଆମେ ଜଣେ ଅନ୍ୟଜଣକୁ ଶୁଭେଚ୍ଛା ଦେଉଅଛେ କିନ୍ତୁ ଅନ୍ଧକାର ଘନିଭୂତ ହେଉଅଛି ତେଣୁ ଏବର୍ଷ ବାବର୍‌କତ୍ ହେବାପାଇଁ ଆମକୁ ଅଲ୍ଲାଃ ତାଲାଙ୍କ ନିକଟରେ ଦୂଆ କରିବା ଜରୁରୀ ଅଟେ ଯେ, ଅଲ୍ଲାଃ ତାଲା ଏ ବର୍ଷ ମଧ୍ୟ ସେହିଭଳି ବାବର୍‌କତ୍ କରନ୍ତୁ ଯେ, ପୃଥିବୀର ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ନିଜର ପ୍ରଭୁତ୍ୱକୁ ପ୍ରମାଣିତ କରିବାପାଇଁ ଏ ପୃଥିବୀକୁ ଧ୍ୱଂସ ମୁହଁକୁ ନ ନେଇଯାଆନ୍ତୁ । ବରଂ ପୃଥିବୀରେ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ହେଉ । ନିଜର ଗର୍ବ ଓ ଅହଂକାର ଓ ନିଜ ଦେଶର ହିତ ସାଧନ ପାଇଁ ଏମାନେ ମନୁଷ୍ୟ ଜାତିକୁ ଧ୍ୱଂସ ନ କରିଦିଅନ୍ତୁ । ଅଲ୍ଲାଃ ତାଲା ଏମାନଙ୍କୁ ବୁଦ୍ଧି ଦିଅନ୍ତୁ ଯେଉଁ ମୁସଲମାନ ରାଷ୍ଟ୍ରଗୁଡ଼ିକ ଅଛନ୍ତି ସେମାନେ ଆଁ ହଜରତ ସ:ଆ:ସଙ୍କ ସଚ୍ଚା ଦାସ ମସିହ ମଉଦ ଏବଂ ମେହେଦୀ ମାଉଦ୍‌ଙ୍କ ସହିତ ଯୋଡ଼ି ହୋଇ ଆଁ ହଜରତ ସ:ଆ:ସଙ୍କ ଧ୍ୱଜାକୁ ଏ ପୃଥିବୀରେ ଲହରେଇବା ପାଇଁ ସାହାଯ୍ୟକାରୀ ହୁଅନ୍ତୁ ଏବଂ ଏମାନେ ଏକେଶ୍ୱରବାଦକୁ ପୃଥିବୀରେ ପ୍ରତିଷ୍ଠା କରିବାବାଲା ହୁଅନ୍ତୁ । ନା କି ମସିହ ମଉଦଙ୍କ ବିରୋଧ କରି ଏଥିରେ ଏତେ ଆଗକୁ ବଢ଼ିଯାଆନ୍ତୁ । ଏଥିରେ ତ ସେମାନେ ଶେଷ ସିମା ଲଂଘି ଗଲେଣି । ଅଲ୍ଲାଃ ତାଲା ଆମକୁ ଏ ସୌଭାଗ୍ୟ ଦିଅନ୍ତୁ ଯେ, ଆମେ ପୂର୍ବଠାରୁ ବଳି ଏ ଯୁଗର ଇମାମ୍‌ଙ୍କୁ ମାନିବାର ହକ୍‌କୁ ପ୍ରଦାନ କରିପାରିବା ଏବଂ ଏହାକୁ ପ୍ରଦାନ କରି ଏ ପୃଥିବୀରେ ଏକଶ୍ୱରବାଦର ଧ୍ୱଜାକୁ ଉତଳନ କରିବା ଓ ଏ ପୃଥିବୀ ବାସୀଙ୍କୁ ଆଁ ହଜରତ ସ:ଆ:ସଙ୍କ ଧ୍ୱଜା ତଳକୁ ନେଇ ଆସିବା ଏଥିପାଇଁ ନିଜର ସମସ୍ତ ସାମର୍ଥ୍ୟ ଓ ସାଧନକୁ ବ୍ୟବହାର କରିବା । ଯଦି ଆମେ ଏପରି ଚିନ୍ତାଧାରା ରଖିନାହୁ ଓ ଏଥିପାଇଁ ଦୁଆ କରୁନାହୁଁ ଓ ଦୁଆ ସହିତ ନୂଆ ବର୍ଷରେ ପ୍ରବେଶ କରୁନାହୁଁ ତେବେ ଆମର ନୂଆ ବର୍ଷର ମୁବାରକ୍ କଥା (ଶୁଭେଚ୍ଛା) କିଛି ଫଳପ୍ରଦକାରୀ ହେବନାହିଁ । ଯାହାର କିଛି ଲାଭ ହେବ ନାହିଁ ।

ସୁତରାଂ ନୂଆବର୍ଷର ପ୍ରକୃତ ମୁବାରକ୍ ବାତ୍ ଆମ ଉପରେ ଯେଉଁ ଦାୟିତ୍ୱ ପକାଇଛି ପ୍ରତ୍ୟେକ ଅହେମଦୀ ଛୋଟବଡ଼ ପୁରୁଷ ମହିଳା ସମସ୍ତଙ୍କୁ ଏହାର ଅନୁଭବ ହେବା ଉଚିତ ଓ ସେଥିପାଇଁ ନିଜର ସମସ୍ତ ଚେଷ୍ଟା ଓ ସାମର୍ଥ୍ୟକୁ ବ୍ୟବହାର କରିବା ଉଚିତ ଏବଂ ନିଜର ପ୍ରାର୍ଥନାରେ ଏବଂ ଖୁଦାତାଲାଙ୍କ ସହିତ ସମ୍ପର୍କ ଯୋଡ଼ିବାରେ ଏକ ବିଶେଷ ଅବସ୍ଥା ସୃଷ୍ଟି କରିବା ପାଇଁ ଆମକୁ ଚେଷ୍ଟା କରିବା ଉଚିତ ତେବେ ଯାଇ ଆମେ ଏ ବର୍ଷର ବାସ୍ତବିକ ବର୍‌କତ୍‌ଗୁଡ଼ିକୁ ହାସଲ କରିପାରିବା ଅଲ୍ଲାଃ ତାଲା ଏହାକୁ ଆମର ସୌଭାଗ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ସୌଭାଗ୍ୟଶାଳୀ ବ୍ୟକ୍ତି ହେଉଛି ସେ ଯିଏ ଖୁଦାଙ୍କୁ ପ୍ରେମ କରୁଅଛି ।**
**ତହ୍‌ରିକ୍ ୱ୍‌କ୍‌ଫେ ଯଦିଦ୍‌ର ୬୨ତମ ବର୍ଷରେ ପୃଥିବୀର ସମସ୍ତ ଯମାତ୍ ଅହେମଦୀୟା ତରଫରୁ**
**୯୬ଲକ୍ଷ ୪୩ ହଜାର ପାଉଣ୍ଡର ଅନୁପମ କୁର୍ବାନୀ ।**
**କେବଳ ଧନ ଏକାଠୀ କରିବା ଉଦ୍ଦେଶ୍ୟ ନୁହେଁ ବରଂ ଖୁଦାତାଲାଙ୍କ ପ୍ରେମ ପାଇଁ ତା ଦୀନ୍ ପାଇଁ କୁର୍ବାନୀ କରିବା ହେଉଛି ଉଦ୍ଦେଶ୍ୟ ।**
**ନୁଆ ଅହେମଦୀମାନଙ୍କୁ ମାଲିନିଜାମ୍ ବା ମାଲିକୁର୍ବାନୀର ନିଜାମ୍‌ରେ ନିଶ୍ଚିତରୂପେ ସାମିଲ କରାଇବା ଉଚିତ ।**
**ସଂକଟପୂର୍ଣ୍ଣ ପରିସ୍ଥିତି ହେଉ, ଗରିବ ଅବସ୍ଥା ହେଉ ଏହା ସତ୍ୱେ ମଧ୍ୟ ଖୁଦାତାଲାଙ୍କ ପ୍ରେମକୁ ହାସଲ କରିବାପାଇଁ**
**ଖୁଦାତାଲାଙ୍କ ଦୀନ୍ ନିମନ୍ତେ ଯଦି ମାଲିକୁର୍ବାନୀ କରାଯାଏ ତେବେ ତାହା ଅସଲ କୁର୍ବାନୀ ଓ**
**ତାହା ଅଲ୍ଲାଃ ତାଲାଙ୍କ ସାନ୍ନିଧ୍ୟକୁ ହାସଲ କରିବାର ମାଧ୍ୟମ ହୋଇଥାଏ ।**
**ଅଲ୍ଲାଃ ତାଲା ହଜରତ ମସିହ ମଉଦ ଆ:ସଙ୍କୁ ଏପରି ଲୋକ ପ୍ରଦାନ କରିଛନ୍ତି ଯେଉଁମାନେ**
**ଖୁଦାତାଲାଙ୍କ ପ୍ରେମକୁ ହାସଲ କରିବାପାଇଁ ସବୁ ପ୍ରକାରର କୁର୍ବାନୀ ନିମନ୍ତେ ପ୍ରସ୍ତୁତ ରହିଥିବେ ।**
**ନିଷ୍ଠାର ସହିତ ଦିଆଯାଇଥିବା ଅଳ୍ପକିଛି ମଧ୍ୟ ଅଲ୍ଲାଃ ତାଲାଙ୍କ ନିକଟରେ ଏପରି ଗ୍ରହଣୀୟ ହୋଇଥାଏ ଯେ, ସେ ତାକୁ ଆହୁରି**
**କେତେଗୁଣା ବଢାଇ ଫେରାଇ ଦେଇଥାଏ ।**
**ଏହି ଘଟଣାବଳିଗୁଡ଼ିକ ଭିନ୍ନଭିନ୍ନ ସ୍ଥାନରେ ହୋଇଛି କିଛି ଆଫ୍ରିକାରେ, କିଛି ଆମେରିକାରେ, କିଛି ୟୁରୋପରେ, କିଛି ଉତରରେ ଓ କିଛି**
**ଦକ୍ଷିଣରେ ଏବଂ ଏଗୁଡ଼ିକ ଆପୋଷରେ କୌଣସି ପ୍ରକାଶ୍ୟ ସମ୍ପର୍କ ମଧ୍ୟ ନାହିଁ କିନ୍ତୁ ଦେଖିବାକୁ ଏକାପରି ।**
**ଏହା କୌଣସି ସଂଯୋଗବଶତଃ କଥା ନୁହେଁ ଏହା ସେହି ଲୋକମାନଙ୍କ ଉପରେ ଯେଉଁମାନେ ଅଲ୍ଲାଃଙ୍କ**
**ଉପରେ ଭରଷା କରିଥାନ୍ତି ସେମାନଙ୍କ ଇମାନ୍‌କୁ ଦୃଢ଼ କରିବାପାଇଁ ଅଲ୍ଲାଃ ତାଲାଙ୍କ ବ୍ୟବହାର ଅଟେ ଓ**
**ଏଥିରୁ ହଜରତ ମସିହ ମଉଦ ଆ:ସଙ୍କର ସତ୍ୟତାର ପ୍ରମାଣ ମଧ୍ୟ ମିଳୁଛି ।**

**ୱ୍‌କ୍‌ଫେ ଯଦିଦ୍‌ର ନୁତନ ବର୍ଷର ସୁଭାରମ୍ଭର ଅବସରରେ ପୃଥିବୀରେ ବସବାସ କରୁଥିବା ଅହେମଦୀମାନଙ୍କର କୁର୍ବାନୀ କରିଥିବା ଘଟଣାବଳୀ ଗୁଡ଼ିକର ସାଧାରଣ ଚର୍ଚ୍ଚା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୩ ଜାନୁୟାରୀ ୨୦୨୦ ଅନୁଯାୟୀ ୦୩ ସୁଲାହ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜରତ ମସିହ ମଉଦ ଆ:ସ ନିଜର ଯୁଗାନ୍ତକାରୀ ପୁସ୍ତକ "ଇସ୍‌ଲାମି ଉସୁଲ୍ କି ଫଲାସଫି" ରେ ଖୁଦାତାଲାଙ୍କୁ ପାଇବାପାଇଁ, ଚିହ୍ନିବାପାଇଁ ଏବଂ ତାହାଙ୍କ ଉପରେ ଦୃଢ଼ ବିଶ୍ୱାସ ଆଣିବା ପାଇଁ ଯେଉଁ ସାଧନଗୁଡ଼ିକ ଓ ଉପାୟ ଗୁଡ଼ିକ ଅଲ୍ଲାଃ ତାଲା ରଖିଛନ୍ତି ସେ ସବୁର ଚର୍ଚ୍ଚା କରି ଆଠଟି ଉପାୟ ବର୍ଣ୍ଣନା କରିଛନ୍ତି ଯାହା ମନୁଷ୍ୟର ଜନ୍ମର ଉଦ୍ଦେଶ୍ୟକୁ ପୂରଣ କରୁଅଛି । ବର୍ତମାନ ମୁଁ ଏ ବିଷୟବସ୍ତୁ ଆଧାରରେ ଗୋଟିଏ ସାଧନ ସମ୍ବନ୍ଧରେ ହଜରତ ମସିହ ମଉଦ ଆ:ସଙ୍କର ଗୋଟିଏ ପାରାକୁ ଉପସ୍ଥାପନ କରିବି ଯାହାକୁ ଆପଣ ଆ:ସ ପଂଚମ ସାଧନରୂପେ ବର୍ଣ୍ଣନା କରିଛନ୍ତି । ଆପଣ ଆ:ସ କହୁଛନ୍ତି ଯେ,

"ପଂଚମ ୱ୍‌ସିଲା (ସାଧନ) ଅସଲ ଉଦ୍ଦେଶ୍ୟକୁ ପାଇବାପାଇଁ ଖୁଦାତାଲା ମୁଜାହିଦା ଅର୍ଥାତ୍ ପ୍ରବଳ ଚେଷ୍ଟା କରିବାକୁ ଅଭିହିତ କରିଛନ୍ତି ଅର୍ଥାତ୍ ନିଜର ଧନକୁ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା ଦ୍ୱାରା ଏବଂ ନିଜ ଶକ୍ତିକୁ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବାଦ୍ୱାରା ଏବଂ ନିଜ ଜୀବନକୁ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବାର ସାଧନ ଦ୍ୱାରା, ନିଜର ବୁଦ୍ଧିକୁ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କରି ତା'ର ସନ୍ଧାନ କରାଯାଉ ଯେମିତି ଅଲ୍ଲାଃ ତାଲା କହୁଛନ୍ତି ***ଯାହିଦୁ ବି ଅମୁୱ୍‌ାଲିକୁମ୍ ୱ୍ ଅନ୍‌ଫୁସିକୁମ୍ ଫି ସବିଲିଲ୍ଲାହି (ତୌବା : ୪୧) ୱ୍‌ମିମ୍ମା ରଜକ୍‌ନାହୁମ୍ ୟୁନ୍‌ଫିକୁନ୍ (ବକ୍‌ରା : ୪) ୱ୍‌ଲ୍‌ଲଜ୍ଜିନା ଯାହ୍‌ଦୁ ଫିନା ଲନହଦିୟନ୍‌ହୁମ୍ ସୁବୁଲ୍‌ନା (ଅନ୍‌କବୁତ୍ : ୭୦)*** ଅର୍ଥାତ ନିଜର ଧନ, ନିଜର ଜୀବନ ଓ ନିଜର ମନକୁ ତା'ର ସମସ୍ତ ଶକ୍ତି ସହିତ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କର ଏବଂ ଯାହା କିଛି ଆମେ ବୁଦ୍ଧି, ଜ୍ଞାନ, ବିବେକ ଏବଂ କୌଶଳ ଇତ୍ୟାଦି ତୁମକୁ ଦେଇଅଛୁ ତାହା ସବୁ କିଛି ଖୁଦାତାଲାଙ୍କ ମାର୍ଗରେ ଲଗାଇଦିଅ । ଯେଉଁ ଲୋକ ଆମ ମାର୍ଗରେ ପ୍ରତି କ୍ଷେତ୍ରରୁ ଅହ୍‌ରହ ଚେଷ୍ଟା ଚଳାଇଥାନ୍ତି ଆମେ ତାକୁ ନିଜର ମାର୍ଗ ଦେଖାଇଦେଇଥାଉ ***(ଇସ୍‌ଲାମି ଉସୁଲ୍ କି ଫଲାସଫି, ରୁହାନି ଖଜାଏନ୍ ଖଣ୍ଡ-୧୦, ପୃ-୪୧୮ ରୁ ୪୧୯) ।***

ପୁଣି ଖୁଦାତାଲାଙ୍କ ପ୍ରେମ ହାସଲ କରିବାପାଇଁ ହଜରତ ମସିହ ମଉଦ ଆ:ସ ଗୋଟିଏ ଅବସରରେ କହୁଛନ୍ତି ଯେ,

"ତୁମ ପାଇଁ ଏହା ସମ୍ଭବ ନୁହେଁ ଯେ, ଧନସମ୍ପତି ସହିତ ମଧ୍ୟ ପ୍ରେମ କର ଓ ପୁଣି ଖୁଦାତାଲାଙ୍କ ସହିତ ମଧ୍ୟ । କେବଳ ଜଣକ ସହିତ ପ୍ରେମ କରିପାରିବ ଅତଃ ସୌଭାଗ୍ୟବାନ ହେଉଛି ସେହି ବ୍ୟକ୍ତି ଯିଏ ଖୁଦାଙ୍କ ସହିତ ପ୍ରେମ କରିଥାଏ । ଏବଂ ଯଦି କେହି ତୁମମାନଙ୍କ ମଧ୍ୟରୁ ଖୁଦାଙ୍କ ସହିତ ପ୍ରେମ କରିବା ସଙ୍ଗେ ପୁଣି ତା' ମାର୍ଗରେ ଧନ ଖର୍ଚ୍ଚ କରିବ ତେବେ ମୁଁ ଏ ବିଶ୍ୱାସ ରଖିଛି ଯେ, ତା' ଧନସମ୍ପତିରେ ମଧ୍ୟ ଅନ୍ୟମାନଙ୍କ ଅପେକ୍ଷା ଅଧିକ ବର୍‌କତ୍ ଦିଆଯିବ କାରଣ ଧନ ସ୍ୱତଃପ୍ରୃତ ଭାବେ ଆସିନଥାଏ ବରଂ ଖୁଦାଙ୍କ ଇଚ୍ଛାରେ ହିଁ ଆସିଥାଏ । ତେଣୁ ଯେଉଁବ୍ୟକ୍ତି ଖୁଦାତାଲାଙ୍କ ପାଇଁ ଧନସମ୍ପତି ମଧ୍ୟରୁ କିଛି ଭାଗ ଛାଡ଼ିଥାଏ ସେ ନିଶ୍ଚିତରୂପେ ତାହାକୁ ପାଇବ କିନ୍ତୁ ଯେଉଁ ବ୍ୟକ୍ତି ଧନସମ୍ପତି ସହିତ ପ୍ରେମ କରିବା ସହିତ ଖୁଦାତାଲାଙ୍କ ମାର୍ଗରେ ସେପରି ଖିଦ୍‌ମତ୍ କରୁନାହିଁ ଯେପରି କରିବା ଉଚିତ ତେବେ ସେ ନିଶ୍ଚିତରୂପେ ସେହି ଧନକୁ ହଜାଇ ଦେବ ।" *(ମଜ୍‌ମୁଆଁ ଇସ୍ତେହାରାତ୍ ଖଣ୍ଡ-୩, ପୃ-୪୯୭)*

ପୁଣି ଆପଣ ଆ:ସ କହୁଛନ୍ତି ଯେ, ଆମ ଯମାତ୍‌ର ପ୍ରତ୍ୟେକ ବ୍ୟକ୍ତି ଏ ପ୍ରତିଜ୍ଞା କରୁ ଯେ, ମୁଁ ଏତେମାତ୍ରାରେ ଚାନ୍ଦା ଦେବି ଯେଉଁ ବ୍ୟକ୍ତି ଖୁଦାତାଲାଙ୍କ ପାଇଁ ଅହଦ୍ (ପ୍ରତିଜ୍ଞା) କରିଥାଏ ଖୁଦାତାଲା ତାହାର ରୋଜଗାରରେ ବର୍‌କତ୍ ଦେଇଥାନ୍ତି । *(ମଲ୍‌ଫୁଜାତ୍ ଖଣ୍ଡ-୬, ପୃ-୪୧)*

ଆପଣ ଆ:ସ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ଯେ, ଯେଉଁମାନେ ଜାଣିନାହାନ୍ତି, ନୂଆ ନୂଆ ଆସିଥିବା ଲୋକେ, ଯେଉଁମାନେ ପରବାୟ କରୁନାହାନ୍ତି । ଅଥବା ଅବହେଳା କରୁନଥିଲେ ମଧ୍ୟ ବେଳେବେଳେ ମାଲି କୁର୍ବାନୀ କରିବାର ଭାବନା ତାଙ୍କ ମଧ୍ୟରେ ନଥାଏ ଏପରି ଲୋକମାନଙ୍କୁ ବୁଝାଇବା ଉଚିତ ଯେ, ଯଦି ତୁମେ ସଚ୍ଚା ସମ୍ବନ୍ଧ ରଖିଛ ତେବେ ଖୁଦାତାଲାଙ୍କ ସହିତ ପକ୍କା ଅହଦ୍ କରିନିଅ ଯେ, ଏତେମାତ୍ରାରେ ଚାନ୍ଦା ନିଶ୍ଚିତ ଦେବି । ଅଲ୍ଲାଃ ତାଲାଙ୍କ କୃପାରୁ ଲକ୍ଷ ଲକ୍ଷ ନିଷ୍ଠାବନ ଏପରି ଅଛନ୍ତି ସେମାନଙ୍କୁ ଯେତେବେଳେ ଚାନ୍ଦାର ଗୁରୁତ୍ୱପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି । ସେତେବେଳେ ସେମାନେ ଅଲ୍ଲା । ତାଲାଙ୍କ ପ୍ରେମକୁ ହାସଲ କରିବାପାଇଁ ମାଲି କୁର୍ବାନୀ କରିବାରେ ବହୁତ ଆଗକୁ ବଢ଼ି ଅହରହ ଚେଷ୍ଟା କରିଛନ୍ତି । ଏହି କାରଣ ଯୋଗୁଁ ମୁଁ ବିଗତ ଅନେକ ବର୍ଷ ହେବ ଯମାତି ନିଜାମ୍‌କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଛି ଯେ, ନୂଆ ଯୋଗ ଦେଇଥିବା ଲୋକମାନଙ୍କୁ ମାଲି ନିଜାମ୍ ଏବଂ ମାଲି କୁର୍ବାନୀ ଉପରେ ନିଶ୍ଚିତ ରୂପେ ସାମିଲ କରାଇବା ଉଚିତ । ଯଦି କିଏ ଏକ ପେନ୍‌ସ (Pence) ଦେବାର ସାମର୍ଥ୍ୟ ରଖିଛି ତେବେ ସେ, ନିଜ ସାମର୍ଥ୍ୟ ମୁତାବକ ଏକ ପେନ୍‌ସ ଦେଉ । କେତେକ ସ୍ଥାନରେ ଏହା ମଧ୍ୟ ଦେଖିବାକୁ ମିଳୁଛି ଯେ, ବେଳେବେଳେ ସ୍ୱଚ୍ଛଳ ବର୍ଗର ଲୋକମାନେ ନିଜ ଗରିବ ବନ୍ଧୁବାନ୍ଧବଙ୍କ ତରଫରୁ ଚାନ୍ଦା ପଇଠ କରିଦେଉଛନ୍ତି । ଏହା ତ ଠିକ୍ ଅଛି କାରଣ ଏହା ଏକ ପୂଣ୍ୟ କାର୍ଯ୍ୟ କିନ୍ତୁ ସେହି ଗରିବ ଲୋକମାନଙ୍କୁ ହିଁ ଆବଶ୍ୟକ ଯେ,ସେମାନେ ତାଙ୍କର ସାମର୍ଥ୍ୟ ମୁତାବକ ନିଜେ ହିଁ ଏଥିରେ ଭାଗ ନିଅନ୍ତୁ । କେବଳ ଧନ ଯମା କରିବା ଉଦ୍ଦେଶ୍ୟ ନୂହେଁ ବରଂ ଖୁଦାତାଲାଙ୍କ ପ୍ରେମ ଖାତିର୍ ଏବଂ ତା ଧର୍ମ ପାଇଁ କୁର୍ବାନୀ କରିବା ହେଉଛି ଉଦ୍ଦେଶ୍ୟ ସୁତରାଂ ଯେଉଁଠି ଯମାତ୍‌ର ବ୍ୟବସ୍ଥା ଏଭଳି ଚାନ୍ଦା ଅସୁଲ୍ କରିଥାଏ ଏବଂ ବେଳେବେଳେ ,ପରି କଥା ମୋ ଜ୍ଞାତସାରକୁ ଆସୁଛି ଯେ, ଲୋକଙ୍କୁ କହିଦେଲେ ଏବଂ କାହା ନାମରେ ଦେଇଦେଲି, ସେ ଭୁଲ୍ କରୁଛି ।

ସେ ଯାହେ ସାଧାରଣତଃ ମୁଁ ଦେଖିଛି ବରଂ ମାଲିକୁର୍ବାନୀର ଯେଉଁ ଫୁଟେଜ ଆସୁଛି ବିଶେଷ ରୂପେ ସେଥିରେ ଏକଥା ଦେଖିବାକୁ ମିଳୁଛି ଯେ, ଗରିବ ଲୋକଙ୍କର ମାଲିକୁର୍ବାନୀ କରିବା ସମ୍ବନ୍ଧରେ ଅଧିକଚର୍ଚ୍ଚା ହୋଇଥାଏ । ସେମାନଙ୍କୁ ଏ ସମ୍ବନ୍ଧରେ ଅଧିକ ଅନୁଭବ ହୋଇଥାଏ ଯେ, ଆମକୁ ମାଲି କୁର୍ବାନୀ କରିବାକୁ ହେବ ଓ ମୁଁ ଅଧିକାଂଶ ସମୟ ନିଜ ଖୁତ୍‌ବାତ୍‌ରେ ସେମାନଙ୍କ ସମ୍ବନ୍ଧରେ ଚର୍ଚ୍ଚା ମଧ୍ୟ

କରିଥାଏ । କେତେକଙ୍କ କୁର୍ବାନୀ ଦେଖି ଆଶ୍ଚର୍ଯ୍ୟ ମଧ୍ୟ ଲାଗିଥାଏ । ଯଦି କାହା ନିକଟରେ ବହୁତ ଧନସମ୍ପତି ଅଛି ଓ ତା ମଧ୍ୟରୁ କିଛି ଦେଇଦିଏ ତେବେ ଏହା କୌଣସି ଆସଧାରଣ କଥା ନୁହେଁ କିନ୍ତୁ ଯଦି ଅବସ୍ଥା ସୌଛଳ ନଥିବ ଓ ଗରିବି ହୋଇଥିବ ଏହା ସତ୍ୱେମଧ୍ୟ ଖୁଦାତାଲାଙ୍କ ପ୍ରେମକୁ ହାସଲ କରିବା ପାଇଁ ଏବଂ ଖୁଦାତାଲାଙ୍କ ଧର୍ମପାଇଁ ମାଲି କୁର୍ବାନୀ କରାଯାଉ ତେବେ ଏହା ଅସଲ କୁର୍ବାନୀ ହେବ । ଯାହା ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ କରିବାର ମାଧ୍ୟମ ମଧ୍ୟ ହୋଇଥାଏ । ହଜରତ ମସିହ ମଉଦ ଆ:ସଙ୍କ ଯୁଗରେ ଏହି ଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳୁଥିଲା ଥରେ ହଜରତ ମସିହ ମଉଦ ଆ:ସଙ୍କୁ କେତେକ ପୁସ୍ତକ ପ୍ରକାଶନ ନିମନ୍ତେ କିଛି ଅର୍ଥର ଆବଶ୍ୟକତା ପଡ଼ିଲା ତେଣୁ ଯେତେବେଳେ ଜଣେ ବନ୍ଧୁଙ୍କୁ ଏ ସମ୍ବନ୍ଧରେ କୁହାଗଲା ଯେ, ଏତିକି ଆବଶ୍ୟକତା ଅଛି ତେଣୁ ନିଜ ଯମାତ୍‌ରେ ଯାଇ ଏକଥା ତହ୍‌ରିକ୍ କରିଦିଅ ଯେ, ଏତେ ମାତ୍ରାରେ ଚାନ୍ଦା ସେ ଯମାତ୍ ପଇଠ କରିଦେବ କିନ୍ତୁ ସେ ଯମାତ୍ ରେ ଯାଇ ତହ୍‌ରିକ୍ କରିବା ପରିବର୍ତେ ସେ ନିଜେ ନିଜ ତରଫରୁ ଉକ୍ତ ଅର୍ଥକୁ ଯୋଗେଇ ଦେଲେ ଯେବେ କି, ତାଙ୍କ ନିଜର ଅବସ୍ଥା ମଧ୍ୟ ସ୍ୱଛଳ ନଥିଲା । ଏହା ସତ୍ୱେ ମଧ୍ୟ ସେ ଏକଥା ପ୍ରକାଶ କରିବାକୁ ଦେଲେ ନାହିଁ ଯେ, ସେ ନିଜ ତରଫରୁ ତାହା ଦେଇଛନ୍ତି ବୋଲି ବରଂ ଏମିତି ଅଭିନୟ କଲେ ଯେମିତି ସେ ଯମାତ୍ ତରଫରୁ ଦେଇଛନ୍ତି ଏକଥା ହଜରତ ମସିହ ମଉଦ ଆ:ସ ମଧ୍ୟ ଜାଣିପାରିଲେ ନାହିଁ । ଏବଂ ତାଙ୍କର ନିଜସ୍ୱ କୁର୍ବାନୀ ସେତେବେଳେ ପ୍ରକାଶ ହେଲା ଯେତେବେଳେ ହଜରତ ମସହି ମଉଦ ଆ:ସ ତାଙ୍କ ଯମାତ୍‌ର କୌଣସି ଜଣେ ବ୍ୟକ୍ତିକୁ ଧନ୍ୟବାଦ ଅର୍ପଣ କରି କହିଲେ ଯେ, ଆପଣଙ୍କ ଯମାତ୍ ଠିକ୍ ଆବଶ୍ୟକତା ସମୟରେ ବହୁତ ସାହାଯ୍ୟ କରିଛି । ଏବଂ ଯେତେବେଳେ ତାଙ୍କୁ ଜଣାପଡ଼ିଗଲା ଯେ, ଉକ୍ତ କୁର୍ବାନୀ ଜଣେ ବ୍ୟକ୍ତି କରିଥିଲେ ବୋଲି, ସେତେବେଳେ ଯମାତ୍‌ର ବାକି ସଦସ୍ୟମାନେ ସେହି କୁର୍ବାନୀ କରିଥିବା ବ୍ୟକ୍ତିଙ୍କ ଉପରେ ନାରାଜ ହୋଇଗଲେ ଯେ, ଆମକୁ କାହିଁକି ଏ ସେବା କରିବାର ଅବସର ଦିଆଗଲା ନାହିଁ । ଯେଉଁ ବ୍ୟକ୍ତି ଜଣକ ଏକୁଟିଆ ଉକ୍ତ ଚାନ୍ଦାକୁ ପଇଠ କରିଥିଲେ ସେ ଥିଲେ, ମୁନ୍‌ଶି ଜଫର ଅହେମଦ୍ ସାହେବ୍ ର:ଅ ଯିଏ ସେ ସମୟରେ ନିଜ ସ୍ତ୍ରୀଙ୍କର ଗହଣାଗାଣ୍ଠି ବିକ୍ରି କରି ଉକ୍ତ ଅର୍ଥକୁ ଯୋଗାଇଦେଇଥିଲେ । ଅବଶ୍ୟ ନିଶ୍ଚିତ ରୂପେ ତାଙ୍କ ସ୍ତ୍ରୀ ମଧ୍ୟ ଉକ୍ତ କୁର୍ବାନୀରେ ସାମିଲ ଥିଲେ । ମୁନ୍‌ଶି ଅରୋଡ଼ା ସାହେବ୍ ର:ଅ ମୁନ୍‌ଶି ଜଫର ସାହେବ ର:ଅଙ୍କ ବନ୍ଧୁ ଥିଲେ ଏବଂ ସେ ସେହି ଯମାତ୍‌ର ସଦସ୍ୟ ଥିଲେ ତାଙ୍କୁ ଯେତେବେଳେ ହଜରତ ମସିହ ମଉଦ ଆ:ସ ପଚାରିଲେ ଅର୍ଥାତ ଯେତେବେଳେ ଆପଣ ଆ:ସଙ୍କ ଜରିଆରେ ସେହି କୁର୍ବାନୀ ସମ୍ବନ୍ଧରେ ଜଣାପଡ଼ିଲା ସେତେବେଳେ ସେ, କେତେ ମାସ ପର୍ଯ୍ୟନ୍ତ ମୁନ୍‌ଶି ଜଫର ଅହେମଦ୍ ସାହେବ୍ ର:ଅଙ୍କଠାରୁ ନାରାଜ ହୋଇ ରହିଲେ ଯେ, କାହିଁକି ଆମକୁ ଏ ବିଷୟରେ ବତାଇଲ ନାହିଁ ଏବଂ କାହିଁକି ନିଜେ ଏ ଅର୍ଥକୁ ଯୋଗାଇ ଦେଲ *(ଅସ୍‌ହାବେ ଅହେମଦ୍ ଖଣ୍ଡ-୪,ପୃ-୯୭ ରୁ ୯୮ )*

ସୁତରାଂ ଏହି ପ୍ରକାରର ଲୋକମାନଙ୍କୁ ଅଲ୍ଲାଃ ତାଲା ହଜରତ ମସିହ ମଉଦ ଆ:ସଙ୍କୁ ପ୍ରଦାନ କରିଥିଲେ । ଯେଉଁମାନେ ଖୁଦାତାଲାଙ୍କ ପ୍ରେମକୁ ହାସଲ କରିବାପାଇଁ ପ୍ରତ୍ୟେକ ପ୍ରକାରର କୁର୍ବାନୀ କରିବାପାଇଁ ପ୍ରସ୍ତୁତ ରହୁଥିଲେ । ଏହା ହେଉଛି ସେହି ଦୃଷ୍ଟାନ୍ତ ଯାହାକୁ ଆଁ ହଜରତ ସ:ଆ:ସଙ୍କ ସାହାବାମାନେ ପ୍ରତିଷ୍ଠା କରିଛନ୍ତି ଯାହା ଆଜି ପର୍ଯ୍ୟନ୍ତ ଜାରି ରହିଛି । ଆମେ ଦେଖୁଛେ ଯେ, ଲୋକମାନେ କିଭଳି ବିଭିନ୍ନ ପ୍ରକାରର ତହ୍‌ରିକ୍‌ରେ ମାଲି କୁର୍ବାନି କରୁଛନ୍ତି ଓ ନିଜେ ଅସୁବିଧା ସହ୍ୟ କରି ମାଲି କୁର୍ବାନୀ କରୁଛନ୍ତି କିନ୍ତୁ ଅଲ୍ଲାଃ ତାଲା ମଧ୍ୟ କାହାର ଉଧାର ରଖନ୍ତି ନାହିଁ ସେ ତାହାକୁ କୌଣସି ପ୍ରକାର ମଧ୍ୟ ଲେଉଟାଇ ଦେଇଥାଏ । ମୁଁ ଏଠାରେ କିଛି ଘଟଣା ଓ କିଛି ଉଦାହରଣ ଉପସ୍ଥାପନ କରିବି । ଆଜି ଯେହେତୁ ୱ୍କଫେ ଯଦିଦ୍‌ର ନୁତନ ବର୍ଷର ଘୋଷଣା ମଧ୍ୟ କରାଯିବ । ସେଥିପାଇଁ ସାଧାରଣତଃ ଏହି ଘଟଣାଗୁଡ଼ିକ ୱ୍କଫେ ଯଦିଦ୍ ସହିତ ସମ୍ବନ୍ଧିତ ।

ଗାମ୍ବିୟାର ଜଣେ ଲୋକାଲ୍ ମେସିନାରୀ କେବା ଜାଲୁ (Kebba Jallow) ସାହେବ୍ ଗୋଟିଏ ଘଟଣା ବର୍ଣ୍ଣନା କରୁଛନ୍ତି ଓ ଏହି ଘଟଣାରୁ ଜଣାପଡୁଛି ଯେ, କିଭଳି ଅଲ୍ଲାଃ ତାଲାଙ୍କର ନିଜ ଭକ୍ତିଙ୍କ ସହିତ ବ୍ୟବହାର କରିଥାନ୍ତି ଅର୍ଥାତ ଯେଉଁମାନେ କୁର୍ବାନୀ କରିଥାନ୍ତି ସେହିମାନଙ୍କ ସହିତ । ସେ କହୁଛନ୍ତି ଯେ, ଜଣେ ନୌମୁବାଏ ଅହେମଦୀ ଅବଦୁଲ୍ଲାଃ ଇ ଜାଓ (Abdulllie Jawo) ସାହେବ ଯାହାଙ୍କର ସମ୍ବନ୍ଧ ଗୋଟିଏ ଗାଁ ସହିତ ଅଛି ସେ ମକ୍କା ଏବଂ ଚିନା ବାଦାମର ଫସଲ କରନ୍ତି କିନ୍ତୁ ବିଗତ କେତେ ବର୍ଷ ହେବ ବିଶେଷ ରୂପେ କୌଣସି ଭଲ ଫସଲ ସେଠାରେ ହଉନଥିଲା । ଏ ବର୍ଷ ସେ ଚିନା ବାଦାମ୍ ମଞ୍ଜି ବିକ୍ରି କରି ନିଜ ୱ୍କଫେ ଯଦିଦ୍‌ର ଚାନ୍ଦାକୁ ପଇଠ କରିଦେଲେ ତାହା ଉଣା ଅଧିକେ ସାତଶହ ଡ଼ଲାସି ଥିଲା । ଏହା ଦ୍ୱାରା ସେ ଏକଥା ଭାବିନେଲେ ଯେ, ଅଲ୍ଲାଃ ତାଲା ମୋ କ୍ଷେତରେ ବର୍‌କତ୍ ଦେବେ ସେ ପୁଣି ବର୍ଣ୍ଣନା କରୁଛନ୍ତି ଯେ, ଏହି ମାଲି କୁର୍ବାନୀ ଯୋଗୁଁ ଅଲ୍ଲାଃ ତାଲା ତାଙ୍କ ଫସଲରେ ଏତେ ବର୍‌କତ୍ ଦେଲେ ଯେ ବିଗତ ବର୍ଷ ତୁଳନାରେ ତାଙ୍କୁ ତିନିଗୁଣା ଲାଭ ହେଲା । ସୁତରାଂ ଫସଲ ଅମଳ କଲାପରେ ସେ ଆହୁରି ୧୦୦୦ ଡ଼ଲାସି ୱ୍କଫେ ଯଦିଦ୍ ରେ ପ୍ରଦାନ କରିଦେଲେ ।

ପୁଣି ଗାମ୍ବିୟା ଦେଶର ଉତରରେ ଗୋଟିଏ ଗାଁ ଅଛି ସେଠିକାର ଜଣେ ବନ୍ଧୁ ହେଉଛନ୍ତି ଉସ୍‌ମାନ ସାହେବ, ସେ କହୁଛନ୍ତି ଯେ, ସେ ଗତ ବର୍ଷ ୱ୍କଫେ ଯଦିଦ୍ ଚାନ୍ଦା ନିମନ୍ତେ ଏକ ବାଲ୍‌ଟି ମକ୍କା ଦେବା ପାଇଁ ପ୍ରତିଶୃତି କରିଥିଲେ । ହଜୁର ଅନୱ୍ୱର କହୁଛନ୍ତି ଏବେ ଦେଖନ୍ତୁ ଧନି ଲୋକଙ୍କ ନିକଟରେ ସ୍ୱଛଳତା ଥିବାରୁ ଯଦି କୌଣସି ବ୍ୟକ୍ତି ଲକ୍ଷେ ପାଉଣ୍ଡ ରଖିଥିବ ସେ ଯଦି ଏକ ହଜାର ଡ଼ଲାର ବା ଏକ ହଜାର ପାଉଣ୍ଡ ବା ପାଂଚ ହଜାର ପାଉଣ୍ଡ ମଧ୍ୟ ଦେଇ ଦଉଛି ତେବେ ଏପରି କୌଣସି ବିଶେଷ କୁର୍ବାନୀ ହେବ ନାହିଁ । କିନ୍ତୁ ଏ ଲୋକମାନେ ଯେଉଁମାନେ ନିଜ ଖାଇବା ଶସ୍ୟ ମଧ୍ୟରୁ ନିଜର କ୍ଷେତିବାଡ଼ି କରିବା ପାଇଁ କିଛି ମଞ୍ଜି ରଖିଥାନ୍ତି ସେମାନେ କିପରି କୁର୍ବାନୀ କରୁଛନ୍ତି । ଏବେ ଏକ ବାଲ୍‌ଟି ମକ୍କା ସହରରେ ରହୁଥିବା ଲୋକମାନଙ୍କ ପାଇଁ ବା ୟୁରୋପରେ ରହୁଥିବା ଲୋକମାନଙ୍କ ପାଇଁ କୌଣସି ବିଶେଷ ସ୍ଥାନ ରଖୁନାହିଁ । କିନ୍ତୁ ଏହି ଗାଁ ର ଲୋକମାନଙ୍କ ପାଇଁ ଏହା ବହୁତ ବଡ଼ କୁର୍ବାନୀ । ସେ ଏକ ବାଲ୍‌ଟି ମକ୍କା ଦେବାପାଇଁ ପ୍ରତିଶୃତି କରିଥିଲେ । ଯାହା ବୋଧ ହୁଏ ଏଠାରେ ଆପଣମାନଙ୍କୁ ପାଂଚ ଛଅ ପାଉଣ୍ଡରେ ମିଳିଯିବ । ସେ କହୁଛନ୍ତି ଯଦିଚ ଗତବର୍ଷ ବହୁତ କମ୍ ଫସଲ ହୋଇଥିଲା ଓ କେବଳ ବାର ବସ୍ତା ଆମଦାନୀ ହୋଇଥିଲା ଓ ବହୁତ କଷ୍ଟରେ ତାଙ୍କର ଘର ଖର୍ଚ୍ଚ ପୂରଣ ହେଉଥିଲା କିନ୍ତୁ ଏହା ସତ୍ୱେ ମଧ୍ୟ ସେ ନିଜର ପ୍ରତିଶୃତିକୁ ପୂରଣ କଲେ । ସେ କହୁଛନ୍ତି ଯେ, ଏହାର ଫଳ ଏପରି ବାହାରିଲା କି, ଏ ବର୍ଷ ତିରିଶ ବସ୍ତା ମକ୍କା ତାଙ୍କର ଅମଳ ହେଲା ଓ ଏତଦ୍ ବ୍ୟତିତ ଆହୁରି ମଧ୍ୟ ଏକ ଫସଲ ରହିଛି ସେଥିରୁ ମଧ୍ୟ ପନ୍ଦର ବସ୍ତା ମିଳିବ । ତେଣୁ ନିଷ୍ଠାର ସହିତ ଅଳ୍ପ କିଛି ଦେଇଥିଲେ ମଧ୍ୟ ଅଲ୍ଲାଃ ତାଲାଙ୍କ ନିକଟରେ ତାହା ଗ୍ରହଣୀୟ ହୋଇଥାଏ । ତେଣୁ ଅଲ୍ଲାଃ ତାଲା ତାକୁ ଅନେକ ଗୁଣା ବଢ଼ାଇ ଦେଇଥାନ୍ତି । ଓ ଏହା ପୁଣି ତାଙ୍କ ପାଇଁ ଅଲ୍ଲାଃ ତାଲାଙ୍କ ନିକଟତର ହେବା ଓ ଅଲ୍ଲାଃ ତାଲାଙ୍କ ଉପରେ ବିଶ୍ୱାସ ଦୃଢ଼ିଭୁକ୍ତ ହେବାର ମାଧ୍ୟମ ହୋଇଥାଏ ।

କ୍ୟାମେରୁନ୍ ର ମୁଅଲ୍ଲିମ୍ ସାହେବ୍ ଅଲ୍ଲାଃ ତାଲାଙ୍କ କୃପାର ଗୋଟିଏ ଉଦାହରଣ ଲେଖିଛନ୍ତି । ଡ଼ଗୋଇ ଗ୍ରାମର ଜଣେ ନୌମୁବାଏ ଅହମଦୁ ସାହେବ୍‌ଙ୍କୁ ଯେତେବେଳେ ୱ୍କଫେ ଯଦିଦ୍ ଚାନ୍ଦାପାଇଁ କୁହାଗଲା ସେ ଦୁଇ ବାଲ୍‌ଟି ମକ୍କା ଚାନ୍ଦାରେ ପଇଠ କରିଦେଲେ । ଏବେ ଦେଖନ୍ତୁ ଏ ଛୋଟ ଛୋଟ କୁର୍ବାନୀ କିପରି ଏହି ଲୋକମାନେ କରୁଛନ୍ତି । ଏବଂ ସେ ମୁଅଲ୍ଲିମ୍ ସାହେବଙ୍କୁ ବତାଇଲେ ଯେ, ମୋ ଫାର୍ମ ଠିକ୍‌ଠାକ୍ ଚାଲୁନାହିଁ କାରଣ ମୋ ପାଖରେ ପଇସା ନଥିଲା ସେଥିଯୋଗୁଁ ମୁଁ ଏଥିପ୍ରତି ଧ୍ୟାନ ଦେଇପାରିଲିନାହିଁ । ସରକାର ସାହାଯ୍ୟ କରିବାକୁ ଚାହୁଁଛନ୍ତି କିନ୍ତୁ ଏଥିପାଇଁ ମଧ୍ୟ ସରକାରଙ୍କ ନିକଟରେ କିଛି ଅର୍ଥ ଜମା କରିବାକୁ ପଡୁଛି । ତା ପରେ ଯାଇ ସରକାର ସାହାଯ୍ୟ କରିଥାନ୍ତି । ସେ କହୁଛନ୍ତି ମୋ ନିକଟରେ ସେଥିପାଇଁ ଅର୍ଥ ନଥିଲା କିନ୍ତୁ ମୋ ନାଁ ତ ଲିଷ୍ଟରେ ଥିଲା କିନ୍ତୁ ମତେ କିଛି ମିଳିବ ନାହିଁ । କାରଣ ମୁଁ ଅର୍ଥ ଯମା କରିନାହିଁ । ପୁଣି କହୁଛନ୍ତି ମୁଅଲ୍ଲିମ୍ ସାହେବ ତାଙ୍କୁ କହିଲେ ଯେ, ଆପଣ ତହ୍‌ଯୁଦ୍ ନାମଜ ପଢ଼ିବା ମଧ୍ୟ ଆରମ୍ଭ କରନ୍ତୁ ଏବଂ ଦୁଆ ମଧ୍ୟ କରନ୍ତୁ । ଅଲ୍ଲାଃ ତାଲା ନିଶ୍ଚୟ କୃପା କରିବେ । ମୁଅଲ୍ଲିମ୍ ସାହେବ କହୁଛନ୍ତି ଫଳ ଏହା ହେଲା ଯେ, କିଛି ଦିନ ପୂର୍ବେ ସେ ମୋ ନିକଟକୁ ଆସିଲେ ଓ ବତାଇଲେ ଯେ ଅଲ୍ଲାଃ ତାଲା ଆମ ଦୁଆ କବୁଲ୍ କରିଛନ୍ତି । ଏବଂ ସରକାରଙ୍କ ନିକଟରେ ଯେଉଁ ଅର୍ଥ ଜମା କରିବାର ଥିଲା ମୁଁ ତାହା ଜମା ମଧ୍ୟ କରିନଥିଲି । ଏହା ସତ୍ୱେ ମଧ୍ୟ ସମ୍ବନ୍ଧିୟ ବିଭାଗ ଚାଷପାଇଁ, ପାଣି ପାଇଁ, ପମ୍ପିଙ୍ଗ ମେସିନ୍ ତାଙ୍କୁ ଦେଇଦେଲେ ଏବଂ ଏତଦ୍ ବ୍ୟତିତ ପାଂଚ ଲକ୍ଷ ଫ୍ରାଙ୍କ ସିଫା କ୍ଷେତରେ ଚାରା ଲଗାଇବା ପାଇଁ ମଧ୍ୟ ଦେଇଦେଲେ । ସେ ନିଜ ଫାର୍ମରେ ବହୁତ ପରିଶ୍ରମ କରି କାମ ଆରମ୍ଭ କରିଦେଲେ ଏବଂ ଆଶା କରାଯାଉଛି ଯେ ସେଥିଯୋଗୁଁ ତାଙ୍କର ଫସଲ ମଧ୍ୟ ଭଲ ହେବ । ସେ କହିବାକୁ ଲାଗିଲେ ଖୁଦାତାଲା ମୋର ଅତ୍ୟନ୍ତ ନିକୃଷ୍ଟ କୁର୍ବାନୀକୁ ମଧ୍ୟ ଗ୍ରହଣ କରିନେଲେ । ଓ ତା'ର ପ୍ରତିବଦଳରେ ମତେ ପୁରସ୍କାର ପ୍ରଦାନ କଲେ । ସେଥିପାଇଁ ସେ ନିଜର ୱ୍କଫେ ଯଦିଦ୍ ଚାନ୍ଦାକୁ ଦୁଇଗୁଣା କରି ପଇଠ କଲେ ।

ଇଣ୍ଡୋନେସିଆର ମୁରବୀ ସିଲ୍‌ସିଲା ନୂର୍ ଖୈର୍ ସାହେବ୍ କହୁଛନ୍ତି ଯେ, ଜଣେ ସ୍ୱାମୀ ସ୍ତ୍ରୀ ଯେଉଁମାନେ ସାଧାରଣ ଜୀବନ ଅତିବାହିତ କରୁଥିଲେ କିନ୍ତୁ ନିୟମିତ ଚାନ୍ଦା ପଇଠ କରୁଥିଲେ, ଯାହା ମଧ୍ୟ ରୋଜଗାର କରୁଥିଲେ ସେଥିମଧ୍ୟରୁ କିଛି ଅର୍ଥ ଅଲଗା ଚାନ୍ଦା ପଇଠ କରିବାପାଇଁ ଗୋଟିଏ ବାକ୍ସ ଭିତରେ ପକାଇଦେଉଥିଲେ ଏବଂ ଯେତେବେଳେ ମଧ୍ୟ ମୁବ୍‌ଲିଗ୍ ସାହେବ୍ ତାଙ୍କ ନିକଟକୁ ଦୌରାରେ ଯାଆନ୍ତି ସେତେବେଳେ ସେ ଉକ୍ତ ଅର୍ଥକୁ ଚାନ୍ଦା ଆକାରରେ ଦେଇଦଉଥିଲେ । ବହୁତ ଦୂର ଦୂରନ୍ତା ଟାପୁ ମଧ୍ୟରେ ସେ ରହୁଥିଲେ । ଥରେ ବର୍ଷେରୁ ଅଧିକା ସମୟ ହୋଇଯିବ ଏ ଯମାତ୍‌ରେ କୌଣସି ମୁବ୍‌ଲିଗ୍ ପହଂଚି ପାରିଲେ ନାହିଁ କିନ୍ତୁ ଏହା ସତ୍ୱେ ମଧ୍ୟ ସେମାନେ ଚାନ୍ଦାର ଅର୍ଥ ନିୟମିତ ରୂପେ ଜମା କରିଚାଲୁଥିଲେ । ଏବଂ ଏକ ବର୍ଷ ପରେ ଯେତେବେଳେ ମୁବ୍‌ଲିଗ୍ ସେଠାକୁ ଦୌରା କରିବାକୁ ଗଲେ । ତେବେ ସେହି ବାକ୍ସ ଭିତରେ ବହୁତ ଅର୍ଥ ଜମା ହୋଇସାରିଥିଲା ଯାହାକୁ ସେମାନେ ଚାନ୍ଦା ଆକାରରେ ପଇଠ କରିଦେଲେ । ସେ କହିବାକୁ ଲାଗିଲେ ଯେ, ଏଥରକ ଆମକୁ ବହୁତ ଲାଭ ହୋଇଛି ଓ ସେଥିପାଇଁ ଆମକୁ ଚାନ୍ଦାର ବର୍‌କତ୍ ଉପରେ ଭରଷା ମଧ୍ୟ ଆସିଯାଇଛି ଓ ଆମ ଇମାନ୍ ମଧ୍ୟ ଅଧିକ ଦୃଢ଼ିଭୁତ ହୋଇଛି ଏବଂ ଆମେ ତା'ର ବର୍‌କାତ୍‌କୁ ମଧ୍ୟ ଅନୁଭବ କରିଛୁ । ସେ କହୁଛନ୍ତି ଯେ, ଥରେ ଆମକୁ କେହି ଜଣେ ଧୋକା ଦେଲା ଏଥିରେ ଆମେ ଚିନ୍ତା କଲୁ ଯେ, ଧୋକା ଦେବାର କାରଣ କ'ଣ ? ବହୁତ ଚିନ୍ତା କରିବାରେ ଆମକୁ ଜଣା ପଡ଼ିଲା ଯେ, ଆମେ ସଠିକ୍ ରୂପେ ଚାନ୍ଦା ପଇଠ କରିନଥିଲୁ । ତେଣୁ ଆମର କ୍ଷତି ହେଲା ସୁତରାଂ ସେବେଠାରୁ ସେ ବହୁତ ସର୍ତକତା ଅବଲମ୍ବନ କରି ନିଜ ଆମଦାନୀ ମୁତାବକ ସଠିକ୍ ହିସାବ ଲଗାଇ ସେହି ଡ଼ବାଟିକୁ ଭରିବା ଆରମ୍ଭ କଲେ । ସେ କହୁଛନ୍ତି ଯେ ପର୍ଯ୍ୟନ୍ତ ଆମେ ଚାନ୍ଦାର ଅର୍ଥକୁ ଅଲଗା ନ କରିଦେଇଛୁ ସେ ପର୍ଯ୍ୟନ୍ତ ଆମକୁ ଶାନ୍ତି ଓ ସାନ୍ତ୍ୱନା ମିଳୁନାହିଁ । ହଜୁର ଅନୱ୍ୱର କହୁଛନ୍ତି ଦେଖ କିଭଳି

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

---

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ୱ୍ହ୍‌ଦାଦାର୍ ଯେକୌଣସି ସ୍ତରର ୱ୍ହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ଅଲ୍ଲାଃ ତାଲା ତାଙ୍କର କ୍ଷତିକୁ ଆଉ କେତେକଙ୍କ ସଂସ୍କାରର ମଧ୍ୟ ଜରିଆ ବନାଇ ଦେଉଛି ଓ ପୁଣି ଏହା ଦ୍ୱାରା ସେମାନଙ୍କର ଇମାନ୍ ଦୃଢ଼ ହୋଇଯାଉଛି ।

ଇଣ୍ଡୋନେସିଆର ମୁବ୍ଲିଗ୍ ବଶିରୁଦ୍ଦିନ୍ ସାହେବ୍ ଲେଖୁଛନ୍ତି ଯେ, ଜଣେ ବନ୍ଧୁ ପାଂଚଲକ୍ଷ ଇଣ୍ଡୋନେସିଆନ୍ ଟଙ୍କା ୱକ୍ଫେ ଯଦିଦ୍ ଚାନ୍ଦାରେ ପ୍ରଦାନ କଲେ । ଇଣ୍ଡୋନେସିଆନ୍ ଟଙ୍କାର ମୂଲ୍ୟ ବହୁତ କମ୍ ସେ ଯାହା ହେଉ ତାଙ୍କ ହିସାବରେ ଏ ଅର୍ଥ ମଧ୍ୟ ଯଥେଷ୍ଟ ଥିଲା କିଛି ଦିନପରେ କେହି ଜଣେ ତାଙ୍କୁ ନିଜର ଜମିକୁ ବିକ୍ରି କରିଦେଲେ ଓ ତାହାକୁ ୧୫ ମିଲିୟନ୍ ଟଙ୍କାରେ କିଣିନେଲେ ଓ କିଛି ସପ୍ତାହପରେ ଆଉ ଜଣେ ବ୍ୟକ୍ତି ସେହି ଜମିଟିକୁ ତାଙ୍କଠାରୁ ୫୦ ମିଲିୟନ ଟଙ୍କା ଦେଇ କିଣିନେଲେ । ସେ କହୁଛନ୍ତି ତାଙ୍କୁ ଏବେ ଏ ବିଶ୍ୱାସ ହୋଇଯାଇଛି ଯେ, ୱକ୍ଫେ ଯଦିଦ୍ ଚାନ୍ଦାର ବର୍କତ୍ ଯୋଗୁଁ ଅଳ୍ପସମୟ ଭିତରେ ମତେ ୩୫ ମିଲିୟନ ଟଙ୍କା ଲାଭ ହୋଇଗଲା । ହଜୁର ଅନଓ୍ୱର କହୁଛନ୍ତି ଜଣେ ସାଂସାରିକ ବ୍ୟକ୍ତି ଏହାକୁ ନିଜର କାରବାରର ଚତୁରତା ବୋଲି ଜାଣିବ ଯେ, ଦେଖ ମୁଁ କେତେ ଚତୁରତାର ସହିତ ଏ ବେପାର କରିନେଲି ଯେ, କିଛି ସପ୍ତାହ ମଧ୍ୟରେ ମୁଁ ୧୫ ମିଲିୟନ୍‌ରୁ ୩୫ ମିଲିୟନ୍ ଟଙ୍କା କମେଇନେଲି । କିନ୍ତୁ ଯିଏ ଅଲ୍ଲାଃ ତାଲାଙ୍କ ପ୍ରେମ ପାଇବାକୁ ଚାହୁଁଥାଏ ଓ ଯିଏ ତା ଖାତିର୍ କୁର୍ବାନୀ କରିବାକୁ ଚାହୁଁଥାଏ ତା ମନ ଭିତରେ କ'ଣ ଭାବନା ଅନୁଭବ ସୃଷ୍ଟି ହେଲା ? ଏହା କି ଯେହେତୁ ମୁଁ ଅଲ୍ଲାଃ ତାଲାଙ୍କ ଖାତିର୍ ଚାନ୍ଦା ଦେଇଥିଲି, କୁର୍ବାନୀ କରିଥିଲି ତେଣୁ ସେହିପରି ଅଲ୍ଲାଃ ତାଲା ମତେ ମଧ୍ୟ ତାହା ବଢ଼ାଇକରି ପ୍ରଦାନ କଲେ ।

ଇମାନ୍‌ରେ ଦୃଢ଼ତା ଆଣିବାର ଆଉ ଏକ ଉଦାହରଣ ଇଣ୍ଡୋନେସିଆର ହିଁ ରହିଛି । ସେଠିକାର ମୁବ୍ଲିଗ୍ ସାହେବ୍ ଯନାବ୍ ମାସୁମ୍ ସାହେବ୍ ଲେଖୁଛନ୍ତି ଯେ, ଜଣେ ଅହେମଦୀ ରୋଜଗାର କରିବାପାଇଁ ସୋଲାଭିସି ନାମକ ଦ୍ୱୀପକୁ ହିଜ୍‌ରତ୍ କରି ଚାଲିଗଲେ । ପ୍ରାରମ୍ଭରେ ତ ବହୁତ ଅସୁବିଧାର ସମ୍ମୁଖୀନ ହେଲେ ଏପରି କି ରହିବା ପାଇଁ ତାଙ୍କ ନିକଟରେ କୌଣସି ସ୍ଥାନ ନଥିଲା ତେଣୁ ତାଙ୍କୁ ମିଶନ୍ ହାଉସ୍‌ରେ ରହିବାକୁ ପଡ଼ିଲା । ପୁଣି ସେ ମାଛ କିଣି ପୁଣି ତାକୁ ବିକ୍ରି କରିବା ଆରମ୍ଭ କଲେ ଏକ ସାଧାରଣ କାରବାର ଆରମ୍ଭ କଲେ ସେଥିରେ ବହୁତ ପରିଶ୍ରମ କଲେ । ବହୁତ କମ୍ ଆମଦାନୀ ସତ୍ତ୍ୱେ ମଧ୍ୟ ମାଲି କୁର୍ବାନୀ କରିବାରେ ସେ ପଛଗୁଞ୍ଚା ଦେଲେ ନାହିଁ । ଏବଂ କିଛି ଦିନପରେ ତାଙ୍କର ପରିସ୍ଥିତି ବଦଳିବାକୁ ଲାଗିଲା ସେ କହୁଛନ୍ତି ଯେ, ଏବେ ତାଙ୍କର ୱକ୍ଫେ ଯଦିଦ୍ ଚାନ୍ଦା ଏ ଇଲାକାରେ ସବୁଠାରୁ ଅଧିକା ଓ ସେ ମୁସି ମଧ୍ୟ ଅଟନ୍ତି । ସେ କହୁଛନ୍ତି ଯେ, ଏହା ସବୁ କିଛି ମୋର ମାଲି କୁର୍ବାନୀ କରିବାର ଫଳ ।

ଗାମ୍ବିୟାର ଜଣେ ବନ୍ଧୁ ଅବଦୁର୍ ରହ୍‌ମାନ ସାହେବ୍ କହୁଛନ୍ତି ଯେ, ତାଙ୍କୁ ନିଜ ପିଲାମାନଙ୍କର ସ୍କୁଲ୍ ଫିସ୍ ଦେବାପାଇଁ ବହୁତ କଷ୍ଟ ହେଉଥିଲା ତେଣୁ ସେ ସେଂଟ୍ରାଲ୍ ମୁବଲିଗ୍ ସାହେବଙ୍କୁ ବତାଇଲେ ଯେ, ମତେ ବହୁତ ଅସୁବିଧା ହେଉଛି ମୋର ଆର୍ଥିକ ଅବସ୍ଥା ଠିକ୍ ନାହିଁ । ତେଣୁ ମୁବ୍ଲିଗ୍ ତାଙ୍କୁ କହିଲେ ଯେ, ଚାଲନ୍ତୁ ଆପଣ ଏହା ଦେଖନ୍ତୁ ଯେ, ମାଲି କୁର୍ବାନୀ କରିବା ଦ୍ୱାରା ଅଲ୍ଲାଃ ତାଲା ଆପଣଙ୍କ ଉପରେ କୃପା କରିବେ ତେଣୁ ସେ ୨୫୦ ଡ଼ଲାସି ୱକ୍ଫେ ଯଦିଦ୍ ଚାନ୍ଦାରେ ପଇଠ କରିଦେଲେ । ସେ କହୁଛନ୍ତି ଯେ, ଚାନ୍ଦା ପଇଠ କରିବାର ଠିକ୍ ସପ୍ତାହ ପରେ ତାଙ୍କୁ ପଂଚ ହଜାର ଡ଼ଲାସି ମାସିକ ପାରିଶ୍ରମିକ ରୂପେ ଗୋଟିଏ ଚାକିରି ମିଳିଗଲା । ଏହା ଦ୍ୱାରା ସେ ବହୁତ ସହଜରେ ନିଜ ପିଲାମାନଙ୍କର ସ୍କୁଲ୍ ଫିସ୍ ମଧ୍ୟ ପଇଠ କରିପାରିବେ । ଏତଦ୍‌ବ୍ୟତିତ ନିତିଦିନିଆ ଆବଶ୍ୟକିୟ ବସ୍ତୁ ମଧ୍ୟ ଉପଲବ୍ଧ ହୋଇଗଲା ଏବେ ସେ ମହାଶୟ ଅଲ୍ଲାଃ ତାଲାଙ୍କ ଏପରି କୃପାକୁ ଲୋକମାନଙ୍କ ନିକଟରେ ଖୁବ୍ ବର୍ଣ୍ଣନା କରୁଛନ୍ତି ଯେ, ଚାନ୍ଦାର ବର୍କତ୍ ଯୋଗୁଁ ମୋ ଉପରେ ଅଲ୍ଲାଃ ତାଲା ଏପରି କୃପା କରିଛନ୍ତି । ଏବଂ ଯେଉଁଠି ଏହା ମୋ ଇମାନ୍‌କୁ ମଜଭୁତ୍ କରିଛି ସେଠାରେ ମୋ ରୋଜଗାରର ମଧ୍ୟ ବହୁତ ବର୍କତ୍ କରିଛନ୍ତି ।

ଗରିବ ଲୋକ କିଭଳି କୁର୍ବାନୀ କରିଥାଏ ଓ ପୁଣି ଅଲ୍ଲାଃ ତାଲାଙ୍କ ଉପରେ ଭରଷା କରିଥାଏ ଓ ପୁଣି କିଭଳି ଅଲ୍ଲାଃ ତାଲା ସେହି ଭରଷାକୁ ସ୍ୱୀକୃତି ପ୍ରଦାନ କରିଥାନ୍ତି । ଗିନିବସାଓ ର ମିସିନାରୀ ସାହେବ୍ ଗୋଟିଏ ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରୁଛନ୍ତି ଯେ, ଜଣେ ବନ୍ଧୁ ମନ୍‌ଟେରୋ କାମରା ସାହାବାଙ୍କୁ ଯେତେବେଳେ ତାଙ୍କ ୱକ୍ଫେ ଯଦିଦ୍ ଚାନ୍ଦାର ୱାଦାକୁ ଦେବାପାଇଁ ତାଙ୍କୁ ଯେତେବେଳେ ଧ୍ୟାନ ଆକର୍ଷଣ କରାଗଲା ସେ କହିଲେ ଯେ, ମୋ ନିକଟରେ ବର୍ତମାନ ଚାରିହଜାର ଫ୍ରାଙ୍କ ସିଫା ଅଛି ଯାହାକୁ ମୁଁ ଆଜି ଘରର ଖାଦ୍ୟ ଆଣିବାପାଇଁ ରଖିଥିଲି । ହଜୁର କହୁଛନ୍ତି ଏହାର ମୂଲ୍ୟ ବହୁତ କମ୍ ତାଙ୍କ କୁଟୁମ୍ବ ମଧ୍ୟ ବହୁତ ବଡ଼ ହୋଇଥାଏ । ତେଣୁ ସେମାନଙ୍କର ଖାଦ୍ୟପାଇଁ ସେ ଚାରି ହଜାର ସିଫା ରଖିଥିଲେ । ସେ ଯାହା ହେଉ ସେ କହୁଛନ୍ତି ଯେ, ମୁଁ କିଛିଟା କରୁଛି କିଛି ସମୟପରେ ସେ ସେହି ଅର୍ଥକୁ ଚାନ୍ଦାରେ ପଇଠ କରିଦେଲେ ଯାହାକୁ ସେ ଖାଦ୍ୟପାଇଁ ରଖିଥିଲେ । ଏବଂ ଖାଇବାପାଇଁ ଆଉ କାହାଠୁ ଉଧାର ନେଇନେଲେ । ବରଂ ଉଧାର ନେବାପାଇଁ ଚାଲିଗଲେ । ସେ କହୁଛନ୍ତି ଯେ, ତା ପରଦିନ ତାଙ୍କ ଝିଅ ସହରରୁ ଆସିଲେ ସେ ତାଙ୍କ ସାଙ୍ଗରେ ତାଙ୍କ ପାଇଁ ଦୁଇବସ୍ତା ଚାଉଳ, ଏକ କନ୍‌ସ୍ତର ତେଲ ଓ କିଛି ଟଙ୍କା ଓ ଅନ୍ୟାନ୍ୟ ଜିନିଷପତ୍ର ନେଇଆସିଥିଲେ ସୁତରାଂ ତାଙ୍କୁ ଏଥିରେ ବିଶ୍ୱାସ ହୋଇଗଲା ଯେ, ଯେଉଁ ଟଙ୍କାକୁ ମୁଁ ଖାଦ୍ୟ ପାଇଁ ରଖିଥିଲି ତାକୁ ଚାନ୍ଦା ଦେବା ଯୋଗୁଁ ଅଲ୍ଲାଃ ତାଲା ସେଥିରେ ଏମିତି ବର୍କତ୍ ପ୍ରଦାନ କଲେ ଯେ, ତା' ପରଦିନ ଏହି ମତେ ଖାଇବା ପାଇଁ ବହୁତ ଗୁଡ଼ିଏ ଜିନିଷ ମିଳିଗଲା । ହଜୁର ଅନଓ୍ୱର କହୁଛନ୍ତି ଏହି ଭୋକିଲା ଲୋକମାନେ କିପରି ଭୋକରେ ରହି କୁର୍ବାନି କରୁଛନ୍ତି ।

ପୁଣି ଅମୀର୍ ସାହେବ୍ ଫ୍ରାଙ୍କ ଆଉ ଏକ ଉଦାହରଣ ବର୍ଣ୍ଣନା କରୁଛନ୍ତି ଯେ, କିପରି ଅଲ୍ଲାଃ ତାଲା ଇମାନ୍‌କୁ ବଢ଼ାଇଥାଏ । ଫ୍ରାନ୍ସର ଜଣେ ଆରବୀୟ ବନ୍ଧୁ ଅଛନ୍ତି ସେ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ହଜୁର ଅନଓ୍ୱରଙ୍କର ଗତ ବର୍ଷର ୱକ୍ଫେ ଯଦିଦ୍ ଖୁତ୍‌ବାକୁ ଶୁଣିଲି । ହଜୁର ଅନଓ୍ୱର କହୁଛନ୍ତି ସେହି ଖୁତ୍‌ବାରେ ମୁଁ ମାଲି କୁର୍ବାନୀ କରିଥିବା ଲୋକମାନଙ୍କର ଉପସ୍ଥାପନ କରିଥିଲି । ଯେମିତି ଆଜି କରୁଅଛି । ସେ କହୁଛନ୍ତି ସେହି ଖୁତ୍‌ବାଟି ମୋ ଉପରେ ବହୁତ ପ୍ରଭାବ ପକାଇଲା । ତାଙ୍କର ବୟସ ହେଉଛି ୪୬ ବର୍ଷ । ସେ କହୁଛନ୍ତି ମୁଁ ଭିଷଣ ଆର୍ଥିକ ସଂକଟରେ ଗତି କରୁଥିଲି । ଏବଂ ପୂର୍ବରୁ କେବେ ମତେ ଏଭଳି ଅସୁବିଧାର ସମ୍ମୁଖୀନ କରିବାକୁ ପଡ଼ିନଥିଲା । ତେଣୁ ବ୍ୟାଙ୍କରୁ ମଧ୍ୟ କରଜ ନେବାକୁ ପଡ଼ିଲା । ବ୍ୟାଙ୍କର ଲୋକମାନେ ମଧ୍ୟ ମୋ ପଛରେ ପଡ଼ିଯାଇଥିଲେ ଯେ, କିପରି ମୁଁ କରଜକୁ ଫେରାଇବି । ମତେ ୱାର୍ନିଙ୍ଗ ମିଳିଯାଇଥିଲା ଯେ, ଯଦି ମୁଁ ନିଜର ହିସାବକୁ କ୍ଲିୟର୍ ନ କରିବି ତେବେ ମୋ ଆକାଉଂଟ ସେମାନେ ବନ୍ଦ କରିଦେବେ । ବରଂ ବେଳେବେଳେ ଏହାର ଜୋରିମାନା ମଧ୍ୟ ଲଗାଯାଇଥାଏ । ସେ କହୁଛନ୍ତି ଯେ, ସେହି ସମୟରେ ଆମ ହଲ୍‌କାରେ ସର୍ବସାଧାରଣ ଜଲ୍‌ସା ଅନୁଷ୍ଠିତ ହେଲା । ଇଜ୍‌ଲାସ୍ ହେବା ଅନୁଷ୍ଠିତ ହେବାର ଅଳ୍ପ ସମୟ ପୂର୍ବରୁ ହିଁ ମୋର ଜଣେ ବନ୍ଧୁ ମତେ ବାଧ୍ୟ କରି ୨୦ ୟୁରୋ ଦେଇଦେଲେ । ମୁଁ ଏହି ଟଙ୍କାକୁ ନିଜ ପକେଟରେ ହିଁ ରଖିଦେଲି ଯେ, ଏହା ଆସନ୍ତା କିଛି ଦିନ ମଧ୍ୟରେ ମୋ କାମରେ ଲାଗିବ ଆଉ ତ କିଛି ମୋ ନିକଟରେ ନଥିଲା । ସେ କହୁଛନ୍ତି ମୁଁ ୨୦ ୟୁରୋ ପକେଟରେ ରଖିଥିଲି କିନ୍ତୁ ଯେତେବେଳେ ହିଜ୍‌ଲାସ୍‌କୁ ଗଲି । ସେଠାରେ ସେକ୍ରେଟାରୀ ମାଲ୍ ସାହେବ୍ ଯେତେବେଳେ ଚାନ୍ଦା ବିଷୟରେ କହିଲେ ମୁଁ ସେହି ୨୦ ୟୁରୋକୁ ଚାନ୍ଦାରେ ଦେଇଦେଲି କିଛିଦିନ ପରେ ମୋ ନିକଟକୁ ଆମ ବ୍ୟାଙ୍କରୁ ଗୋଟିଏ ଟେଲିଫୋନ୍ କଲ୍ ଆସିଲା । ସେ କହୁଛନ୍ତି ମତେ ଯେହେତୁ ଖରାପ ଖବର ଶୁଣିବାର ଅଭ୍ୟାସ ହୋଇଯାଇଥିଲା କାରଣ ମୋର ଅବସ୍ଥା ବହୁତ ଖରାପ ହୋଇଯାଇଥିଲା । ତେଣୁ ମୁଁ ଭାବିଲି କି କୌଣସି ଖରାପ ଖବର ହୋଇଥିବ ବୋଧ ହୁଏ ବ୍ୟାଙ୍କବାଲା ଆହୁରି କିଛି କଠୋରତା ମୋ ଉପରେ ଲାଗୁ କରିବେ । କିନ୍ତୁ ବ୍ୟାଙ୍କର କର୍ମଚାରୀ ମତେ ବତାଇଲେ ଯେ, ସମ୍ବନ୍ଧିତ କାର୍ଯ୍ୟାଳୟ ତାଙ୍କୁ ନିର୍ଦ୍ଦେଶ ଦେଇଛି ଯେ, ମୋ ବ୍ୟାଙ୍କ ଆକାଉଂଟ ବନ୍ଦ ନ କରାଯାଉ । ଏବଂ ଯେଉଁ ୬୦୦ ୟୁରୋ ବିଯୁକ୍ତାମକ ଥିଲା ତାହାକୁ ତାଙ୍କ ଆକାଉଂଟରେ ଯୁକ୍ତାତ୍ମକ କରାଯାଉ ଅର୍ଥାତ ତାହାକୁ କ୍ରେଡ଼ିଟ କରିଦିଆଯାଉ । ସେ କହୁଛନ୍ତି ଏହା ମୋ ପାଇଁ ବହୁତ ଆଶ୍ଚର୍ଯ୍ୟର କଥା ଥିଲା । କାରଣ ବ୍ୟାଙ୍କର ଟଙ୍କା ତ ବହୁତ ଶକ୍ତ ହୋଇଥାଏ । ସେ କହୁଛନ୍ତି କିଛି ଦିନ ପରେ ମୋ କାମର ଇନ୍ସ୍ୟୁରାନ୍ସ ମତେ ବହୁତ ବଡ଼ ଅର୍ଥ ପ୍ରଦାନ କରିଦେଲା ତାହା ବହୁତ ଦିନ ହେଲା ବନ୍ଦ ହୋଇ ପଡ଼ିଥିଲା । ସେ କହୁଛନ୍ତି ଏହି ସମସ୍ତ ଘଟଣା ୱକ୍ଫେ ଯଦିଦ୍ ର ଖୁତ୍‌ବା ଶୁଣିବା ଦ୍ୱାରା ଏବଂ ମାମୁଲି ଅର୍ଥକୁ ଚାନ୍ଦାରେ ଦେବା ପରେ ହିଁ ଅନୁଷ୍ଠିତ ହେଲା । ପ୍ରଥମେ ମୁଁ ଚିନ୍ତା କରୁଥିଲି ଯେ, କ'ଣ ମୋ ସହିତ ମଧ୍ୟ ଚମତ୍କାର ହୋଇପାରିବ ? କେତେ ଲୋକମାନଙ୍କର ଚମତ୍କାର ବିଷୟରେ ବହୁତ କଥା ତ ଶୁଣାଉଛନ୍ତି । କିନ୍ତୁ ମୋ ସହିତ ତ ଏପରି କେବେ ହୋଇନାହିଁ । କିନ୍ତୁ ଏବେ ଅଲ୍ଲାଃ ତାଲା ମତେ ଚାନ୍ଦାର ବର୍କାତ୍‌ର ଦୃଷ୍ଟାନ୍ତ ଦେଖାଇଲେ । ଫଳତଃ ମୋର ବିଶ୍ୱାସ ହୋଇଗଲା ଯେ, ବାସ୍ତବରେ ଐଶି ଚମତ୍କାରିତା ଅଛି ।

ହୈତି ର ମୁବ୍ଲିଗ୍ କୈସ୍‌ର ସାହାବ ଅଲ୍ଲାଃ ତାଲାଙ୍କ ବ୍ୟବହାର ଏବଂ ଇମାନ୍ ମଜ୍‌ଭୁତ୍ କରିବାର ଗୋଟିଏ ଘଟଣା ଲେଖୁଛନ୍ତି ଏବେ ଏହି ଘଟଣାବଳୀଗୁଡ଼ିକ ବିଭିନ୍ନ ସ୍ଥାନରେ ଘଟିଛି । ଆଫ୍ରିକାରେ, ଆମେରିକାରେ, ୟୁରୋପରେ, ଉତରରେ ଓ ଦକ୍ଷିଣରେ ଓ ଆପୋଷରେ ଏମାନଙ୍କର କୌଣସି ସମ୍ପର୍କ ମଧ୍ୟ ନାହିଁ । କିନ୍ତୁ ତାହା ଏକପ୍ରକାରର ଘଟଣା ଲାଗୁଛି । ପୋର୍ଟ ଅଫ୍ ପ୍ରିନ୍ସ ର ଜଣେ ନୂଆ ଅହେମଦୀ ଇବ୍ରାହିମ୍ ସାହେବ୍ କିଛି ଦିନ ପୂର୍ବେ ଦଫ୍‌ତରରୁ ଘରକୁ ଯାଉଥିଲେ ରାସ୍ତାରେ ତାଙ୍କର ଗୋଟିଏ ଫାଇଲ୍ ପଡ଼ିଗଲା । ସେଥିରେ କେତେକ ଜରୁରୀ କାଗଜ ଓ ସାର୍ଟିଫିକେଟ ଇତ୍ୟାଦି ଥିଲା । ଏବଂ ୧୩ ହଜାର ଗୋର୍ଦ ର ଅର୍ଥ ଥିଲା ଏହା ସେଠିକାର ମୁଦ୍ରା । ସେ ଫେରିଯାଇ ସମ୍ପୂର୍ଣ୍ଣ ରାସ୍ତାଟିକୁ ତନଖି କଲେ କିନ୍ତୁ ତାଙ୍କୁ ଫାଇଲ ଟି ମିଳିଲା ନାହିଁ । ସେ କହୁଛନ୍ତି ମୁଁ ମନେ ମନେ ଏ ପ୍ରତିଜ୍ଞା କଲି ଯେ, ମୁଁ ୱକ୍ଫେ ଯଦିଦ୍‌ରେ ଯେଉଁ ଏକହଜାର ଗୋର୍ଦ ୱାଦା ଲେଖାଇଥିଲି ମୁଁ ତାହାକୁ ନିଶ୍ଚିତରୂପେ ପୂରଣ କରିବି ମୋ ନିକଟରେ ପଇସା ଥାଉ ବା ନଥାଉ କେଉଁଠାରୁ ନେଇ ମଧ୍ୟ କରିବି ସୁତରାଂ ମୁଁ ଜଣକଠାରୁ କରଜ ନେଇ ନିଜ ପ୍ରତିଶ୍ରୃତି ମୁତାବକ ଚାନ୍ଦା ପଇଠ କରିଦେଲି । ସେ କହୁଛନ୍ତି ଯେଉଁଦିନ ମୁଁ ଚାନ୍ଦା ଦେଇଥିଲି ସେହିଦିନ ସଂଧ୍ୟାବେଳେ କୌଣସି ଜଣେ ଅଜ୍ଞାତ ଲୋକର ଫୋନ ଆସିଲା ଯେ ଆପଣଙ୍କ ଫାଇଲ ଟି ମୋ ନିକଟରେ ଅଛି । ମୋ ନିକଟକୁ ଆସି ନେଇଯାଅ । ସେ କହୁଛନ୍ତି ମୁଁ ତାଙ୍କ ନିକଟରେ ତତ୍‌କ୍ଷଣାତ୍ ପହଂଚିଲି ସେହି ବ୍ୟକ୍ତିଜଣକ ଫାଇଲଟି ଧରାଇ ଦେଇ କହିଲେ କି ମତେ ଆପଣଙ୍କ ଠିକଣା ଖୋଜିବାରେ ଫାଇଲଟିକୁ ଭିତରକୁ ଦେଖିବାକୁ ପଡ଼ିଥିଲା । ସେଥିଯୋଗୁଁ ମୁଁ ଆପଣଙ୍କ ଫାଇଲଟିକୁ ମଧ୍ୟ ଖୋଲିଥିଲି । ଆପଣ ନିଜର ଅର୍ଥ ଏବଂ କାଗଜପତ୍ରକୁ ଚେକ୍ କରିନିଅନ୍ତୁ । ମୁଁ ଯେତେବେଳେ ଚେକ୍ କଲି ଫାଇଲ ଭିତରେ ସବୁତକ ଅର୍ଥ ଏବଂ କାଗଜପତ୍ର ମହଜୁଦ୍ ଥିଲା । ସେ କହୁଛନ୍ତି ଏଥିରେ ମୁଁ ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଜ୍ଞାପନ କଲି ଓ ମୋର ଏ ବିଶ୍ୱାସ ହୋଇଗଲା ଯେ, ଏହା କେବଳ ଚାନ୍ଦାର ବର୍କତ୍ ଥିଲା ସେଥିଯୋଗୁଁ ମୋର ହଜିଯାଇଥିବା ଜରୁରୀ କାଗଜପତ୍ର ମଧ୍ୟ ମତେ ମିଳିଗଲା ଏବଂ ଯେଉଁ ଅର୍ଥ ତା ଭିତରେ ଥିଲା ତାହା ମଧ୍ୟ ମିଳିଗଲା ଯେବେ କି ତାହା ମିଳିବା ଅସମ୍ଭବ ଲାଗୁଥିଲା ।

ମୁବ୍‌ଲିଗ୍ ଇନ୍‌ଚାର୍ଜ ଗିନିକନାକରି କହୁଛନ୍ତି ଯେ, କଣ୍ଡିଆ ରିଜିଓନ୍‌ର ଗୋଟିଏ ଗାଁର ଜଣେ ଅହେମଦୀ ବନ୍ଧୁ ଅବୁବକର୍ ସାହେବଙ୍କୁ ଯେତେବେଳେ ୱକ୍ଫେ ଯଦିଦ୍ ର ଚାନ୍ଦା ଦେବା ପ୍ରତି ଧ୍ୟାନ ଆକର୍ଷଣ କରାଗଲା । ସେ ପ୍ରଥମେ ତ କିଛିଟା ସଙ୍କୋଚ କଲେ ପୁଣି ନିଜର ୱାଦାକୁ ପଇଠ କରିଦେଲେ ଚାନ୍ଦା ପ୍ରଦାନ କରିବାର କିଛି ଦିନ ପରେ । ସେ ଆମ ଲୋକାଲ୍ ମେସିନାରୀ ସାହେବଙ୍କୁ ବତାଇଲେ ଯେ, ଯମାତ୍ ଅହେମଦୀୟା ହେଉଛି ପ୍ରକୃତରେ ଗୋଟିଏ ଐଶି ଯମାତ୍ । ସେ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ସରକାରୀ ଚାକିରିଆ ଓ ବହୁତ ଦିନରୁ ମୋର ଗୋଟିଏ ଗୋଡ଼ ଦୁର୍ଘଟଣାରେ ଭାଙ୍ଗି ଯାଇଥିଲା ଓ ସଠିକ୍ ଉପଚାର ନ ହେବା ଯୋଗୁଁ ସେହି ଗୋଡ଼ଟି ଠିକ୍ ଭାବେ ଯୋଡ଼ି ହୋଇପାରିନଥିଲା । ସେଥିଯୋଗୁଁ ମୋର ଗୋଟିଏ ଗୋଡ଼ ଛୋଟ ହୋଇ ରହିଗଲା । ସେଥିପାଇଁ ମତେ ଅନବରତ କଷ୍ଟ ସହିବାକୁ ପଡୁଥିଲା ଏବେ କିଛିଦିନ ହେବ ମୁଁ ଟଙ୍କା ଜମା କରୁଥିଲି ଯେ, କାରଣ ମତେ ଜଣେ ଡ଼ାକ୍ତର କହିଥିଲେ ଯେ, ଯଦି ଏହାର ଅପରେସନ୍ ହୋଇଯିବ ତେବେ ଏହା ଠିକ୍ ହୋଇପାରେ । ସୁତରାଂ ଏଥରକ କିଛି ଟଙ୍କା ଜମା ହୋଇଥିଲା ଯେ, ଯଦ୍ୱାରା ମୁଁ ମୋର ଗୋଡ଼ର ଅପରେସନ୍ କରାଇ ଦେଇଥାନ୍ତି । କିନ୍ତୁ ଯେତେବେଳେ ମିସିନାରୀ ସାହେବ୍ ଚାନ୍ଦା ଦେବାପାଇଁ ତହ୍‌ରିକ୍ କଲେ ମୁଁ ଚିନ୍ତା କଲି ଯେ, ଏଥରକ ଚାନ୍ଦା ଦେବି ନାହିଁ ଏହାକୁ ମୁଁ ମୋ ଅପରେସନ୍ ପାଇଁ ଖର୍ଚ୍ଚ କରିବି । କିନ୍ତୁ ପୁଣି ଅଲ୍ଲାଃ ତାଲା ମତେ ସାହାସ ଦେଲେ ପୁଣି ଖିଆଲ୍ ଆସିଲା ଯେ, ନା ଅଲ୍ଲାଃଙ୍କ ଉପରେ ଭରଷା କରି ମୁଁ ସବୁତକ ଅର୍ଥକୁ ଚାନ୍ଦାରେ ଦେଇଦେଲି । ସେ ବର୍ଣ୍ଣନା କରୁଛନ୍ତି ଯେ, ଏବେ ଏହି କଥାକୁ ଦୁଇ ଦିନ ବିତିନଥିଲା ଯେ, ମୋ ଅଫିସ୍‌ରୁ ମତେ ଚିଠି ଆସିଲା କି ମୋ

| ହଜ୍‌ରତ୍ ଅମୀରୁଲ୍ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ *(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

ଅପରେସନ୍‌ର ସବୁତକ ଖର୍ଚ୍ଚ ସରକାର ବହନ କରିବେ ଏବଂ ମୁଁ ଯେଉଁଠାରେ ଚାହିଁବି ସେହିଠାରେ ମୋର ଚିକିତ୍ସା କରାଇପାରିବି । ପୁଣି ସେ କହୁଛନ୍ତି ଯେ, ଏହା କେବଳ ହିଁ କେବଳ ଚାନ୍ଦାର ବରକତ୍ ଯୋଗୁଁ ହିଁ ହେଲା । ହଜୁର ଅନଓ୍ୱର କହୁଛନ୍ତି ଏହା କୌଣସି ପ୍ରକାରର ସଂଯୋଗବଶତଃ ହୋଇନାହିଁ । ଏହା ସେହି ଲୋକମାନଙ୍କ ଉପରେ ଯେଉଁମାନେ ତା ଉପରେ ଭରଷା କରୁଛନ୍ତି, ସେମାନଙ୍କ ଇମାନ୍‌କୁ ମଜଭୁତ୍ କରିବାପାଇଁ ଏହା ହେଉଛି ଅଲ୍ଲାଃ ତାଲାଙ୍କ ବ୍ୟବହାର ଏବଂ ଏଥିରେ ହଜରତ ମସିହ ମଉଦ ଆ:ସଙ୍କ ସତ୍ୟତାର ମଧ ପ୍ରମାଣ ମିଳୁଛି ।

କାଦିୟାନ୍‌ରୁ ମାମୁନ୍ ରଶିଦ୍ ସାହେବ୍ ସେକ୍ରେଟାରୀ ଓ୍ୱକ୍‌ଫେ ଯଦିଦ୍ ଲେଖୁଛନ୍ତି ଯେ, ସୁଲୈଜା ସାହେବ୍ ନାମକ ଜଣେ ଲୋକ ଏ ବର୍ଷ ଘରର କିଛି ଅସୁବିଧା ଯୋଗୁଁ ଓ୍ୱକ୍‌ଫେ ଯଦିଦ୍ ଚାନ୍ଦା ବାକି ରହିଯାଇଥିଲା । ତାଙ୍କ ଭାଇ ତାଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଯେ, ଏବେ ବର୍ଷ ଶେଷ ହେବାକୁ ଯାଉଛି ତେଣୁ ଚାନ୍ଦା ଶିଘ୍ର ପଇଠ କରିଦିଅ କିନ୍ତୁ ତାଙ୍କ ଆକାଉଂଟରେ ଏତେମାତ୍ରାରେ ଟଙ୍କା ନଥିଲା ଯେ ସେ ସମ୍ପୂର୍ଣ୍ଣ ଚାନ୍ଦାକୁ ପଇଠ କରିପାରିବେ ବରଂ ସେହି ଅର୍ଥର କେବଳ ୩୦ପ୍ରତିଶତ ଆକାଉଂଟରେ ମହଜୁଦ୍ ଥିଲା । ତେଣୁ ସେ ମହାଶୟ ବହୁତ ଚିନ୍ତାରେ ପଡ଼ିଯାଇଥିଲେ ଯେ, କିଭଳି ସମ୍ପୂର୍ଣ୍ଣ ଚାନ୍ଦାକୁ ପ୍ରଦାନ କରିବେ । ଶେଷରେ ଯେଉଁ ଅର୍ଥ ତକ ତାଙ୍କ ଆକାଉଂଟରେ ଥିଲା ସେ ସବୁକୁ ସେ ଚାନ୍ଦାରେ ଦେଇଦେଲେ । ସେ ବର୍ଣ୍ଣନା କରୁଛନ୍ତି ଯେ, ଅଲ୍ଲାଃ ତାଲାଙ୍କ ତରଫରୁ ଚମତ୍କାର ରୂପେ କିଛି କ୍ଷଣ ମଧରେ ଏତେ ଟଙ୍କା ଆସିଗଲା ଯାହା ଦ୍ୱାରା ସେ ବାକିଥିବା ଅର୍ଥକୁ ମଧ ପଇଠ କରିପାରିବେ । ସୁତରାଂ ସେହି କ୍ଷଣି ସେ ନିଜ ପ୍ରତିଶୃତି ମୁତାବକ ସମସ୍ତ ଅର୍ଥ ପଇଠ କରିଦେଲେ । ସେ କହୁଛନ୍ତି ଯେ, ସେ ସର୍ବଦା ନିଜର ଓ୍ୱାଦାଗୁଡ଼ିକ ବର୍ଷ ଶେଷ ହେବା ପୂର୍ବରୁ ହିଁ ପଇଠ କରିଦିଅନ୍ତି କିନ୍ତୁ ଏ ବର୍ଷ ତାଙ୍କର ଓ ତାଙ୍କ ପିଲାମାନଙ୍କର ବେମାର ପଡ଼ିବା ଯୋଗୁଁ ତାହା ବାକି ରହିଯାଇଥିଲା ସେଥିଯୋଗୁଁ ସେ ବହୁତ ଚିନ୍ତିତ ଥିଲେ । କିନ୍ତୁ ଅଲ୍ଲାଃ ତାଲା ଚମତ୍କାରରୂପେ ଏହାର ବ୍ୟବସ୍ଥା କରିଦେଲେ ସେ କହୁଛନ୍ତି ଯେ, ଏହା ଦ୍ୱାରା ମୋର ଇମାନ୍ ବହୁତ ଦୃଢ଼ ହୋଇଗଲା ।

ଭାରତରୁ ଓ୍ୱକ୍‌ଫେ ଯଦିଦ୍‌ର ଇନ୍‌ସପେକ୍‌ଟର ଅବଦୁଲ୍ଲ ମେହମୁଦ୍ ସାହେବ୍ ମଧ ଜଣେ ବନ୍ଧୁଙ୍କ ଘଟଣା ବର୍ଣ୍ଣନା କରୁଛନ୍ତି । ବିରଭୁମ୍ ଜିଲ୍ଲାର ଗୋଟିଏ ଗ୍ରାମ, ବଙ୍ଗଳାର ଗୋଟିଏ ଗ୍ରାମ ଅଟେ ଏହା ହେଉଛି ସେଠିକାର ଗୋଟିଏ ଘଟଣା ତାଙ୍କର ଗୋଟିଏ ତେଜରାତି ହୋଲ୍‌ସେଲ୍ ଦୋକାନ ଅଛି । ତାହା ଅଲ୍ଲାଃ ତାଲାଙ୍କ କୃପାରୁ ବହୁତ ଭଲ ଚାଲିଛି ସେ ମହାଶୟ ପ୍ରତ୍ୟେକ ଦିନ ଦୋକାନ ଖୋଲିବା ପରେ ଶହେ ଟଙ୍କା ଗୋଟିଏ ସିନ୍ଦୁକ ଭିତରେ ନିୟମିତ ରଖିଦେଉଥିଲେ ଓ ସେଥିରୁ ନିଜ ପ୍ରତିଶୃତି ମୁତାବକ ଚାନ୍ଦା ପଇଠ କରିଦେଉଥିଲେ । ସକାଳୁ ଆସି ପ୍ରଥମ କାମ ଏହା କରୁଥିଲେ ଯେ, ସେ ଗୋଟିଏ ବାକ୍ସ ଭିତରେ ଶହେଟଙ୍କା ପକାଇ ଦେଉଥିଲେ । ସେ କହୁଛନ୍ତି ଗୋଟିଏ ଦିନ ତାଙ୍କ ଦୋକାନରେ କିଣାକିଣି କରିବାପାଇଁ ବହୁତ କମ୍ ଲୋକ ଆସୁଥିଲେ ଓ ଯେଉଁ ଖର୍ଚ୍ଚ ଥିଲା ତାହା ପୁରଣ ହେଉନଥିଲା ତାହା ପରଦିନ ସେ ଶହେଟଙ୍କା ରଖିଲେ ନାହିଁ ବରଂ ଦୋକାନ ଖୋଲିବା ମତ୍ରେ ସେ ଶହେ ଟଙ୍କା ପରିବର୍ତେ ୩୦୦ ଟଙ୍କା ନେଇ ସିନ୍ଦୁକ ଭିତରେ ରଖିଦେଲେ ଓ ମନେ ମନେ ଭାବିଲେ ଯେ, ଆଜି ଅଲ୍ଲାଃ ତାଲାଙ୍କ ସହିତ ଏକ ସଉଦା କରାଯାଉ । ଅଲ୍ଲାଃ ତାଲା ଏପରି କଲେ ଯେ, ସେହିଦିନ ଦ୍ୱିପ୍ରହର ପରେ ଆମ ଦୋକାନକୁ ୮ଜଣ ଗ୍ରାହକ ଆସିଲେ । ହୋଲ୍‌ସେଲ୍ କାମ ଥିଲା ଓ ବହୁତ ବଡ଼ କାରବାର ଥିଲା । ଏଥିରେ ସମୟ ଲାଗିଥାଏ । ବସ୍ତା ଉଠାଇବାକୁ ପଡ଼ିଥାଏ । ସେ କହୁଛନ୍ତି ମୁଁ ଏତେ ବ୍ୟସ୍ତ ହୋଇଗଲି ଯେ, ସେମାନଙ୍କ ମଧ୍ୟରୁ ଗୋଟିଏ ଗ୍ରାହକକୁ ଏକଥା କହି ଫେରାଇ ଦେବାକୁ ପଡ଼ିଲା ଯେ, କାଲି ଆସ ଓ ବାକି ଲୋକଙ୍କୁ ସାମାନ୍ ଦେବାରେ ବହୁତ ରାତି ହୋଇଗଲା । ସେ କହୁଛନ୍ତି ଅଲ୍ଲାଃ ତାଲାଙ୍କ କୃପା ବଳରୁ ସେହି ଦିନଟି ବହୁତ ବ୍ୟବସାୟ ହୋଇଥିଲା । ସେ କହୁଛନ୍ତି ଯେ, ଅଲ୍ଲାଃ ତାଲା ଯେତେବେଳେ ମଣିଷ ଉପରେ ଖୁସି ହୋଇଥାଏ । ସେ ଏତେ ମାତ୍ରାରେ ଦେଇଥାଏ ଯେ, ମଣିଷ ତାକୁ ଦୁଇ ହାତରେ ମଧ ସମ୍ଭାଳିପାରେ ନାହିଁ ।

ଗିନିବସାଓ ଦେଶର ଓଓ୍ୱିଅ (OIO) ରିଜିଓନ୍‌ର ମିସିନାରୀ ଅବଦୁଲ୍ ଅଜିଜ୍ ସାହେବ୍ କହୁଛନ୍ତି ଯେ, ଜଣେ ବୃଦ୍ଧା ମହିଳା ମସ୍‌କୁତା ସାହିବାଙ୍କୁ ଯେତେବେଳେ ଓ୍ୱକ୍‌ଫେ ଜଦିଦ୍‌ରେ ଚାନ୍ଦା ଦେବାପାଇଁ ଧାନ ଆକର୍ଷଣ କରାଗଲା । ସେ କହିବାକୁ ଲାଗିଲେ ଯେ, ମୁଁ ମୋର ପ୍ରତିଶୃତି ମୁତାବକ ଟଙ୍କା ଏକାଠି କରି ରଖିଥିଲି କିନ୍ତୁ କାଲି ରାତିରେ ମୁଁ ମୋ ଭାଇଙ୍କ ଘର ଆଡ଼କୁ ଯାଉଥିଲି ଯେ, ରାସ୍ତାରେ ସେହି ଟଙ୍କା ଗୁଡ଼ିକ ପଡ଼ି ହଜିଗଲା । ମୁଁ ସେହି ଟଙ୍କାକୁ ଖୋଜୁଛି ମତେ ଯେତେବେଳେ ଏହା ମିଳିଯିବ ସେଥିରୁ ମୁଁ ଚାନ୍ଦା ଦେଇଦେବି । ତା'ପରେ ସେ ଉକ୍ତ ହଜିଯାଇଥିବା ଟଙ୍କାକୁ ଖୋଜିବାକୁ ଲାଗିଲେ । କିନ୍ତୁ ତାହା ମିଳିଲା ନାହିଁ ତେଣୁ ସେ ତାଙ୍କ ଝିଅଙ୍କଠାରୁ କିଛି ଟଙ୍କା ଉଧାର ନେଇ ଓ୍ୱକ୍‌ଫେ ଯଦିଦ୍ ଚାନ୍ଦା ପଇଠ କରିଦେଲେ । ତା'ପରେ ପୁଣି ସେ ପୂର୍ନବାର ନିଜର ହଜି ଯାଇଥିବା ଟଙ୍କା ଥଳିକୁ ଖୋଜିବାକୁ ଲାଗିଲେ । ସେ କହୁଛନ୍ତି ଯେ, ଏବେ ମୁଁ ଖୋଜି ଖୋଜି କିଛି ମିଟର ଯାଇଥିଲି କି ନାଇ, ପ୍ଲାଷ୍ଟିକ ମୁଣା ଭିତରେ ଥିବା ଉକ୍ତ ଟଙ୍କାଗୁଡ଼ିକ ମଝି ରାସ୍ତାରେ ହିଁ ପଡ଼ିଥିବାର ମତେ ମିଳିଗଲା । ସେ ଏଥିରେ ବହୁତ ଖୁସି ହୋଇଗଲେ । ଓ ତା'ପର ଦିନ ଆସି ନିଜର ପ୍ରତିଶୃତି ମୁତାବକ ଚାନ୍ଦା ସମ୍ପୂର୍ଣ୍ଣ ପଇଠ କରିଦେଲେ । ତା'ପରେ ପୁଣି ସେ ଲୋକମାନଙ୍କୁ ଏକଥା ବତାଇ ଚାଲିଲେ ଯେ, ଓ୍ୱକ୍‌ଫେ ଯଦିଦ୍ ଚାନ୍ଦାର ବରକତ୍ ଯୋଗୁଁ ଅଲ୍ଲାଃ ତାଲା ତାଙ୍କୁ ତାଙ୍କର ହଜିଜାଇଥିବା ଅର୍ଥକୁ ଫେରାଇ ଦେଲେ ।

ମାଲି ଦେଶର ସକାସୁ ରିଜିଓନ୍‌ର ଜଣେ ମୁବଲ୍ଲିଗ୍ ଅହେମଦ୍ ବିଲାଲ୍ ସାହେବ୍ ଲେଖୁଛନ୍ତି ଯେ, ଜଣେ ନୌମୁବାଏ ଅହେମଦ୍ ଜଲା ସାହେବ୍ ମିଶନ୍ ହାଉସ ଆସିଲେ ଏବଂ ଏକଥା କହିଲେ ଯେ, ସେ ପ୍ରଥମେ ନିୟମିତ ଚାନ୍ଦା ଦେଉଥିଲେ କିନ୍ତୁ ପରେ ତାଙ୍କର ଆର୍ଥିକ ଅବସ୍ଥା ଖରାପ ହେବା ଯୋଗୁଁ ଚାନ୍ଦା ଦେଇପାରିଲେ ନାହିଁ । ଦିନେ ସେ ସ୍ୱପ୍ନରେ ଦେଖିଲେ ଯେ, ସେମାନେ ଏକ ଲୋକଙ୍କ ଭିଡ଼ ସହିତ ଗୋଟିଏ ଲମ୍ବା ରାସ୍ତାରେ ଚାଲୁଛନ୍ତି ଓ ସେହି ରାସ୍ତାଟି ଆଗକୁ ଯାଇ ଆହୁରି ଅନେକ ରାସ୍ତାରେ ବିଭାଜନ ହୋଇଯାଇଛି । କିନ୍ତୁ ଆଗକୁ ବିଭାଜନ ହୋଇଥିବା ସବୁଯାକ ରାସ୍ତା ବହୁତ ଖରାପ ଓ କଷ୍ଟକର ରାସ୍ତା ତେଣୁ ସେ ଏ ଅବସରରେ ଯେତେବେଳେ ପ୍ରାର୍ଥନା କଲେ ସେତେବେଳେ ଆକାଶରୁ ଗୋଟିଏ ବାହନ ଆସିଲା ଓ ତାଙ୍କୁ ସାଥିରେ ନେଇ ଆକାଶ ଆଡ଼କୁ ନେଇ ଚାଲିଗଲା । ପୁଣି ଯେତେବେଳେ ଖରାପ ରାସ୍ତା ଶେଷ ହୋଇଗଲା । ସେହି ବାହନଟି ତାଙ୍କୁ ପୁର୍ନବାର ଉକ୍ତ ବିଶାଳ ରାସ୍ତା ଉପରେ ଓହ୍ଲାଇ ଦେଲା । ସେ କହୁଛନ୍ତି ଯେ, ସେଠାରେ ସେ ଜଣେ ବ୍ୟୟଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଦେଖିଲେ ଯିଏ ତାଙ୍କୁ ବତାଉଥିଲେ ଯେ, ଏହି ବାହନଟି ତୁମକୁ ତୁମର ଚାନ୍ଦାଯୋଗୁଁ ନେବାକୁ ଯାଇଥିଲା । ସେ କହୁଛନ୍ତି ବେଳେବେଳେ ଅସୁବିଧା ଆସିଥାଏ କିନ୍ତୁ ଜଣେ ଅହେମଦୀ ଯିଏ ନିୟମିତ ଖୁଦାତାଲାଙ୍କ ମାର୍ଗରେ ଚାନ୍ଦା ଦେଇଥାଏ ଅଲ୍ଲାଃ ତାଲା ଅସୁବିଧା ସମୟରେ ମଧ ସୁବିଧା କରିଦେଇଥାନ୍ତି ସୁତରାଂ ସେହି ନୂଆ ଅହେମଦି ଜଣକ ଚାନ୍ଦା ଦେଲେ ଓ କହିଲେ ଯେ, ଆସନ୍ତାକୁ ଯାହା କିଛି ବି ହୋଇଯାଉ ସେ ଚାନ୍ଦା ଦେବେ ଓ ସେଥିରେ କୌଣସି ଅବହେଳା କରିବେ ନାହିଁ । ହଜୁର ଅନଓ୍ୱର କହୁଛନ୍ତି, କ'ଣ ଏକଥା ମଧ ସଂଯୋଗ ବଶତଃ ହୋଇଗଲା ।

ତାନ୍‌ଜାନିୟାର ଅମୀର ସାହେବ୍ ଲେଖୁଛନ୍ତି ଯେ, ଅରୁଶା ରିଜିଓନ୍‌ର ଗୋଟିଏ ଯମାତ୍‌ରେ ଚାନ୍ଦାର ତହ୍‌ରିକ୍ କରାଗଲା । ସେଠାର ଜଣେ ଗରିବ ମହିଳା ଫାତିମା ସାହିବା ଯିଏ କଦଳୀ ଏବଂ ଫଳ ବିକ୍ରୀ କରି ଗୁଜୁରାଣ ମେଂଟାଉ ଥିଲେ ସେ ତାଙ୍କର ଦୁଇଦିନର ସବୁତକ ଆମଦାନୀ ଓ୍ୱକ୍‌ଫେ ଯଦିଦ୍‌ରେ ଦେଇଦେଲେ ଓ ନିଜର ପରିବାରବର୍ଗକୁ ମଧ ନିୟମିତ ଭାବେ ଓ୍ୱକ୍‌ଫେ ଯଦିଦରେ ସାମିଲ କରାଇଦେଲେ । ସେହିପରି ଯମାତ୍‌ର ଆଉ ଜଣେ ବୃଦ୍ଧା ମହିଳାଙ୍କୁ ମଧ ଯେତେବେଳେ ତହ୍‌ରିକ୍ କରାଗଲା ସେ ତା'ପର ଦିନ ସକାଳ ୮ ଟା

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 06 Feb 2020 Issue No. 6

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ସମୟରେ ନିଜେ ମିସନ୍ ହାଉସ୍‌ରେ ପହଂଚି ୫ହଜାର ଶିଲଙ୍ଗ୍ ୱକ୍‌ଫେ ଯଦିଦରେ ପ୍ରଦାନ କଲେ । ହଜୁର ଅନଓ୍ୱର କହୁଛନ୍ତି ଏବେ ଦେଖନ୍ତୁ ଏହି ଲୋକମାନେ (ଯାହାଙ୍କ ସମ୍ବନ୍ଧରେ) ହଜରତ ମସିହ ମଉଦ ଆ:ସ କହିଛନ୍ତି ଯେ, ଏପରି ଲୋକମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି ଯେ ସେମାନେ କିଭଳି କୁର୍ବାନୀ (ବଳିଦାନ) କରୁଛନ୍ତି । *(ଯମିମା ରିସାଲା ଅନ୍‌ଜାମେ ଆଥମ୍ ରୁହାନୀ ଖଜାଏନ୍ ଖଣ୍ଡ-୧୧, ପୃ-୩୧୩ ହାଶିୟା)* ଏବଂ ଏମାନଙ୍କର ଧ୍ୟାନ ଆକର୍ଷଣ କରିବାରେ ଯେମତିକି ହଜରତ ମସିହ ମଉଦ ଆ:ସ କହିଛନ୍ତି ଯେ, ଯଦି ଧ୍ୟାନ ଆକର୍ଷଣ କରାଯାଏ ତେବେ ଏ ଲୋକମାନେ ମଧ୍ୟ କୁର୍ବାନୀ କରିଥାନ୍ତି ।

ତଞ୍ଜାନିଆର ଅମୀର ସାହେବ ଆଉ ଏକ ଅବସରରେ ଲେଖୁଛନ୍ତି ଯେ, ବିଗତ କେତେ ବର୍ଷ ହେବ ଦେଶର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ସଂଙ୍କଟ ପୂର୍ଣ୍ଣ ରହିଛି କିନ୍ତୁ ଏହା ସତ୍ୱେ ମଧ ଅହେମଦୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ମାଲିକୁର୍ବାନୀ ରେ ଭାଗ ନେଉଛନ୍ତି । ଅରୁଶା ସହରର ଜଣେ ବନ୍ଧୁ ୱଜିର୍ ସାହେବ୍ ଯିଏ ଖବର କାଗଜ ବିକ୍ରୀ କରି ନିଜର ଗୁଜୁରାଣ ମେଂଟାଉଛନ୍ତି । ତାଙ୍କୁ ଯେତେବେଳେ ୱକ୍‌ଫେ ଯଦିଦ ପ୍ରସଙ୍ଗରେ ତହ୍‌ରିକ୍ କରାଗଲା ସେ ନିଜର ସାମର୍ଥ୍ୟ ମତୁବାକ ପଇଠ କରିଦେଲେ ଓ ତତ୍‌ସହିତ ଏହା କହିବାକୁ ଲାଗିଲେ ଯେ, ମୁଁ ଆସନ୍ତାକୁ ପ୍ରତ୍ୟେକ ଦିନ ନିଜର ଗୋଟିଏ କପ୍ ଚାହା ପିଇବାର ଖର୍ଚ୍ଚକୁ କମ୍ କରି ସେହି ରକମ୍‌କୁ ଚାନ୍ଦା ଆକାରରେ ଦେବି । ହଜୁର ଅନଓ୍ୱର କହୁଛନ୍ତି, ଏବେ ଦେଖନ୍ତୁ ଗରିବ ଲୋକମାନେ କିଭଳି ଅର୍ଥ ସଂଚୟ କରୁଛନ୍ତି କି, ଗୋଟିଏ କପ୍ ଚାହା ପିଇବେ ନାହିଁ ଓ ସେତିକି ଅର୍ଥ ଚାନ୍ଦାରେ ପଇଠ କରିବି । ଏହା ହେଉଛି ଅଲ୍ଲାଃ ତାଲାଙ୍କ ସାନ୍ନିଧ୍ୟ ପାଇବାର ଅନୁଭବ

ଅମୀର ସାହେବ୍ ତଞ୍ଜାନିଆ ଲେଖୁଛନ୍ତି ଯେ, ମାରା ରିଜିଓନ୍‌ର ଗୋଟିଏ ଯମାତ୍‌ର ଜଣେ ନିଷ୍ଠାବାନ ଯୁବକ ଅଛନ୍ତି ସେ ସାଧାରଣତଃ ୱକ୍‌ଫେ ଯଦିଦର ବର୍ଷ ପୂରଣ ହେବା ପୂର୍ବରୁ ସମ୍ପୂର୍ଣ୍ଣ ଚାନ୍ଦା ପଇଠ କରିଦିଅନ୍ତି କିନ୍ତୁ ଏ ବର୍ଷ ଆର୍ଥିକ ପରିସ୍ଥିତି ଠିକ୍ ନଥିବା ଯୋଗୁଁ ଏବେ ତାଙ୍କୁ ୧୫ ହଜାର ଶିଲଙ୍ଗ୍ ଚାନ୍ଦାରେ ପଇଠ କରିବାକୁ ଥିଲା ତାଙ୍କ ନିକଟରେ କିଛି ଅଳ୍ପ ରକମ୍ ଥିଲା । ହଜୁର ଅନଓ୍ୱର କହୁଛନ୍ତି, ଶିଲଙ୍ଗ୍‌ର କୌଣସି ମୂଲ୍ୟ ମଧ୍ୟ ନାହିଁ ବହୁତ କମ୍ ମୂଲ୍ୟ । ସେ ହିସାବ କରି ଦେଖିଦେଲେ ଯେ, ଏ ମାସର ଶେଷରେ ଯଦି ଏହି ଅଳ୍ପ ରକମ୍‌କୁ ଚାନ୍ଦାରେ ପଇଠ କରିଦିଏ ତେବେ ମୋ ପାଖରେ ଖର୍ଚ୍ଚ କରିବାପାଇଁ ଆଉ କିଛି ରହିବ ନାହିଁ ସେ ଯାହା ହେଉ ଅଲ୍ଲାଃ ତାଲାଙ୍କ ଉପରେ ଭରଷା କରି ସେ ତାଙ୍କ ପାଖରେ ଥିବା ଅର୍ଥକୁ ଚାନ୍ଦାରେ ଦେଇଦେଲେ । ସେ ବର୍ଣ୍ଣନା କରୁଛନ୍ତି ଯେ, ତା'ପର ଦିନ ତାଙ୍କ ଅଫିସରୁ ଫୋନ ଆସିଲା ଯେ, ଗତ ତିନିମାସ ହେବ ତାଙ୍କର କିଛି ବିଲ୍ ପାଶ୍ ହେବାର ପଡ଼ିଥିଲା ତାହା କ୍ଲିୟର ହୋଇଯାଇଛି ଏବଂ ସେହିଭଳି ନୂଆ ବର୍ଷରେ ତାଙ୍କ ଦରମାରେ ମଧ ଠିକ୍ ଠାକ୍ ବୃଦ୍ଧି କରାଯାଇଛି । ଦେଖନ୍ତୁ ତାଙ୍କର ମଧ୍ୟ ଏ ଇମାନ୍ ଯେ, ଚାନ୍ଦାର ବର୍‌କତ ଯୋଗୁଁ ହିଁ କିଛିଦିନ ମଧରେ ମତେ ୬ଗୁଣାଠାରୁ ଅଧିକା ରକମ୍ ମିଳିଗଲା । ଯେଉଁଠି ମୋର ଏ ଅବସ୍ଥା ଥିଲା କି ଘର କିପରି ଚଳିବ ତା'ର ଚିନ୍ତା ଘାରିଥିଲା ବର୍ତ୍ତମାନ ମୋର ଏ ଅବସ୍ଥାଯେ, ଅଲ୍ଲାଃ ତାଲା ୬ଗୁଣାଠାରୁ ଅଧିକା ରକମ୍ ଦେଇଦେଲେ ।

ବୁର୍‌କିନା ଫାସୋର ୟାର ରିଜିଓନ୍‌ର ମୁବ୍‌ଲିଗ୍ ଲେଖୁଛନ୍ତି ଯେ, ଅବ୍‌ଦୁ ସାହେବ୍ ନାମକ ଜଣେ ଅହେମଦୀ ବତାଉଛନ୍ତି ଯେ, ସେ ଚାନ୍ଦାଗୁଡ଼ିକରେ ଭାଗ ତ ନେଉଥିଲେ କିନ୍ତୁ ସେଥିରେ ନିୟମିତ ନଥିଲେ ସେ କହୁଛନ୍ତି, ଗତ ବର୍ଷ ମୁଁ ଏ ସଂକଳ୍ପ କଲି କି, ଆସନ୍ତାକୁ ମୁଁ ଚାନ୍ଦାର ସବୁ ବିଭାଗରେ ସମିଲ ହେବା ପାଇଁ ଭରପୂର ଚେଷ୍ଟା କରିବି । ସେ କହୁଛନ୍ତି ଯେ, ଯେତେବେଳେ ମୁଁ ଏ ନିଷ୍ପତି ନେଲି ଅଲ୍ଲାଃ ତାଲାଙ୍କ ଫଜଲ୍‌ରୁ ମୁଁ ଏବେ ଚାନ୍ଦା ଦେବାରେ ବହୁତ ନିୟମିତ ହୋଇଯାଇଛି ଓ ଯେବେଠାରୁ ମୁଁ ନିୟମିତ ଚାନ୍ଦା ଦେଲିଣି । ସେବେଠାରୁ ମୋର ସବୁ ମାମଲାରେ, ମୋ ଧନସମ୍ପତିରେ, ମୋର ପଶୁଗୁଡ଼ିକରେ, ଫସଲରେ ଏବଂ ପ୍ରତ୍ୟେକ ବସ୍ତୁରେ ବର୍‌କତ୍ ପଡ଼ିବା ଆରମ୍ଭ ହୋଇଯାଇଛି । କିଛିଗୁଡ଼ିଏ ଅସୁବିଧା ଥିଲା ସେଥିଯୋଗୁଁ ମୁଁ ବହୁତ ବ୍ୟତିବ୍ୟସ୍ତ ହୋଇଯାଉଥିଲି । ତାହା ସବୁ ମଧ୍ୟ ଧିରେ ଧିରେ ସମାଧାନ ହୋଇଗଲା । ସେ କହୁଛନ୍ତି ଯେ, ଏବେ ଗତ ମାସରେ ମୋ ସ୍ତ୍ରୀ ଗର୍ଭବତୀ ଥିଲେ ଓ ଡ଼ାକ୍ତରଖାନାର ଖର୍ଚ୍ଚପାଇଁ ମୋ ପାଖରେ କିଛି ଖର୍ଚ୍ଚ ନଥିଲା କିନ୍ତୁ ଯେତେବେଳେ ଡ଼େଲିଭରୀର ସମୟ ଆସିଲା ଅଲ୍ଲାଃ ତାଲା ଅଦୃଶ୍ୟ ସାହାଯ୍ୟ କଲେ ଏବଂ ସବୁ ବ୍ୟବସ୍ଥା ହୋଇଗଲା । ତାଙ୍କର ଗୋଟିଏ ଝିଅ ଜନ୍ମ ହୋଇଛି ଏବଂ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ମଧ ଠିକ୍ ଅଛି । ସେ କହୁଛନ୍ତି ଏହା ସବୁକିଛି ମୁଁ ଦେଖିବା ପରେ ମୁଁ ଏକଥା ଚିନ୍ତା କରୁଛି ଯେ, ଏହା ସବୁ ଚାନ୍ଦାର ବର୍‌କତ୍‌ରୁ ହିଁ ସମ୍ଭବ ହୋଇପାରିଛି ।

ପୁଣି ରଷିଆର ମୁବ୍‌ଲିଗ୍ ସାହେବ ଲେଖୁଛନ୍ତି ଯେ, ବଦାୟାଂ ଅଦୁଆରଦ୍ ସାହେବ୍ ସେ ଜଣେ ଆର୍ମେନିଆନ୍ କିନ୍ତୁ ରଷିଆରେ ରହୁଛନ୍ତି । ତାଙ୍କୁ ବହୁତ ଅଧ୍ୟୟନ କରିବାର ସୌକ୍ ରହିଛି ଓ ବହୁତ ଚିନ୍ତା ଓ ବିଚାର କରିବାପରେ ତାଙ୍କୁ ଅହେମଦୀୟତ୍ ଗ୍ରହଣ କରିବାର ସୌଭାଗ୍ୟ ମିଳିଛି । ଅହେମଦୀୟତ ଗ୍ରହଣ କରିବା ସହିତ ତାଙ୍କୁ ଯମାତ୍‌ରେ ମାଲି କୁର୍ବାନୀ କରିବାର ବ୍ୟବସ୍ଥା ସହିତ ପରିଚିତ କରାଗଲା ତା'ପରେ ସେ ନିୟମିତ ପ୍ରତ୍ୟେକ ମାସ ଚାନ୍ଦା ୱକ୍‌ଫେ ଯଦିଦ୍ ଏବଂ ତହ୍‌ରିକ୍ ଯଦିଦ୍ ପଇଠ କରିବା ଆରମ୍ଭ କରିଦେଲେ । ସେ ତାଙ୍କ କାମ ସମ୍ବନ୍ଧରେ ଦେଶ ଭିତରେ ଓ ଦେଶ ବାହାରେ ମଧ ବହୁତ ଯାତ୍ରା କରିଥାନ୍ତି କିନ୍ତୁ ଯାତ୍ରାରେ ବାହାରେ ରହିବା ସତ୍ୱେ ମଧ ନିୟମିତ ଚାନ୍ଦା ପଇଠ କରନ୍ତି । ତାଙ୍କର ଗୋଟିଏ ଛୋଟମୋଟ କାମ ଏମିତି ନୁହେଁ କି ସେ ବହୁତ ଧନି ଲୋକ ହୋଇଥିବାରୁ ଯାତ୍ରା କରୁଛନ୍ତି ।

ଅଦୁଆରଦ୍ ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ, ଜାନୁୟାରୀ ୨୦୨୦ ନିଜ କାମ ପ୍ରସଙ୍ଗରେ ତାଙ୍କୁ ଆର୍ମେନିଆ ଯିବାର ଥିଲା ଓ ସେଠାରୁ ତାଙ୍କୁ କାଜାନ୍ ଯିବାର ଥିଲା ଏ କାମ ବହୁତ ଜରୁରୀ ଥିଲା କିନ୍ତୁ ଯାତ୍ରା କରିବାପାଇଁ ତାଙ୍କ ନିକଟରେ ସମ୍ପୂର୍ଣ୍ଣ ଅର୍ଥ ନଥିଲା ଅସୁବିଧା ଥିଲା ସେଥିଯୋଗୁଁ ସେ ଦୁଆ କରୁଥିଲେ । ସେ କହୁଛନ୍ତି ୩୦ ଡ଼ିସେମ୍ବର ଦିନ ଏପରି ଗୋଟିଏ କମ୍ପାନୀରୁ କିଛି ଅର୍ଥ ତାଙ୍କ ଆକାଉଂଟକୁ ଟ୍ରାନ୍ସଫର କରିଦିଆଗଲା ଯେବେ କି ସେହି ଅର୍ଥ ତାଙ୍କୁ ଫେବୃୟାରୀ ମାସରେ ମିଳିଥାନ୍ତା । ସେ କହୁଛନ୍ତି ଯେ, ତାଙ୍କ ବ୍ୟତିତ ଆହୁରି ଲୋକମଧ୍ୟେ ଅଛନ୍ତି ଯେଉଁମାନଙ୍କୁ ଏ ଅର୍ଥ ଫେବୃୟାରୀ ମାସରେ ମିଳିବ କିନ୍ତୁ କେବଳ ତାଙ୍କୁ ହିଁ ଏହି ରକମ୍ ଫେବୃୟାରୀ ପରିବର୍ତେ ଡ଼ିସେମ୍ବରରେ ମିଳିଗଲା । ତାଙ୍କର ବିଶ୍ୱାସ ଯେ, ଏହା କେବଳ ହିଁ କେବଳ ଚାନ୍ଦାର ବର୍‌କତ୍ ନଚେତ୍ ଏକଥା ବୁଦ୍ଧିର ଉର୍ଦ୍ଧରେ ଯେ, ଏତେ ଲୋକମାନଙ୍କ ମଧ୍ୟରେ ମତେ କାହିଁକି ଡ଼ିସେମ୍ବର ମାସରେ ଏହା ମିଳିଗଲା । ପୁଣି ସେ ଲେଖୁଛନ୍ତି ଯେ, ଅଲ୍ଲାଃ ତାଲାଙ୍କ ଏପରି ବ୍ୟବହାର ଓ ପ୍ରେମ କରିବାର ଶୈଳି କେବଳ ଜଣେ ଅହେମଦୀ ମୁସଲମାନଙ୍କୁ ହିଁ ମିଳିଥାଏ । ହଜୁର ଅନଓ୍ୱର କହୁଛନ୍ତି ଏମିତି ବି ଅଲ୍ଲାଃ ତାଲା ଇମାନ୍‌କୁ ମଜ୍‌ଭୁତ କରିଥାଏ ।

ଆଇଭରି କୋଷ୍ଟରୁ ସାଆନ୍ ପେଦ୍ରୁରୁ ରିଜିଓନ୍‌ର ମୁବ୍‌ଲିଗ୍ ୱକାର ସାହେବ ଲେଖୁଛନ୍ତି ଯେ, ଏଠି ପେଦ୍ରୁରୁ ରିଜିଓନ୍‌ରେ ୨୦୧୪ ମସିହାରେ ଫତ୍‌ହା କରୁଗ୍ ଗ୍ରାମରେ ୨୦ ଜଣ ବିଶିଷ୍ଟ ଗୋଟିଏ ଛୋଟିଆ ଯମାତ୍ ପ୍ରତିଷ୍ଠା ହୋଇଥିଲା ଏବଂ ଏଠାର ଜଣେ ବନ୍ଧୁ ହେଉଛନ୍ତି ଜାରା ସାହେବ୍ ତାଙ୍କର ପୂର୍ବ ପୁରୁଷ ସମ୍ବନ୍ଧ ବୁର୍‌କୀନା ଫାସୋ ସହିତ ଥିଲା । ଏ ଯମାତ୍‌ର ସେ ଜଣେ ଆକ୍ଟିଭ୍ ମେମ୍ବର ଥିଲେ ଏବଂ ଏକବର୍ଷ ହେବ ସେ ବୁର୍‌କୀନା ଫାସେ ଚାଲିଯାଇଥିଲେ ସେ ଏଠାରୁ ଚାଲିଯିବା ଯୋଗୁଁ ବହୁତ ଅସୁବିଧା ହୋଇଯାଇଥିଲା କାରଣ ବାକି ଲୋକମାନେ ଏତେ ଆକ୍ଟିଭ ନଥିଲେ ସେମାନଙ୍କର ତର୍‌ବୀୟତ ମଧ ଜରୁରୀ ଥିଲା । ସେ ଯାହା ହେଉ ତାଙ୍କ ପୁଅ ଇସା ଜାରା ଯିଏ ଜଣେ ବିବାହିତ ଓ ଚାଷୀ ଅଟନ୍ତି ତାଙ୍କ ସହିତ ଯୋଗାଯୋଗ କରାଗଲା । ତାଙ୍କୁ ଖୁଦାମୁଲ୍ ଅହେମଦୀୟାର ନ୍ୟାସନାଲ ଇଜ୍‌ତିମାରେ ଯୋଗ ଦେବାପାଇଁ ପ୍ରୋତ୍ସାହିତ କରାଗଲା ଓ ତାଙ୍କୁ ଚାନ୍ଦାର ଗୁରୁତ୍ୱ, ବର୍‌କାତ୍ ଏବଂ ନିଜାମେ ଯମାତ୍ ସହିତ ଦୃଢ଼ ସମ୍ପର୍କ ରଖିବା ପାଇଁ ଓ ଦୁଆ କରିବାପାଇଁ କୁହାଗଲା । ସେ କହୁଛନ୍ତି ତା'ପରେ ଡ଼ିସେମ୍ବର ମାସରେ ଜଲ୍‌ସା ସାଲାନା ପୂର୍ବରୁ ସେ ମୋ ନିକଟକୁ ଆସିଲେ ଓ ୧୦ ହଜାର ଫ୍ରାଙ୍କ ସିଫା ଚାନ୍ଦା ଆକାରରେ ପଇଠ କରିଦେଲେ ଏଥିରେ ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇ କହିଲି ଏତେ ଟଙ୍କା ଆପଣ କିପରି ଦେଇଦେଲେ ? କାରଣ ତୁମର ଅବସ୍ଥା ଯେପରି ଅଛି ଏହା ତ ତା'ଠାରୁ ବହୁତ ଅଧିକା ଏଥିରେ ସେ ବତାଇଲେ ଯେ, ଯେବେଠାରୁ ମୁଁ ଚାନ୍ଦା ଦେବା ଆରମ୍ଭ କଲିଣି । ମୋ ଉପରେ ଖୁଦାତାଲାଙ୍କ ଅଗଣୀତ କୃପା ହେଉଅଛି ମତେ ମୋ କ୍ଷେତ ଜମିରେ ଅନ୍ୟମାନଙ୍କ ତୁଳନାରେ ଅଧିକ ଲାଭ ମିଳୁଅଛି । କିଛିଦିନ ପୂର୍ବେ ମୁଁ ସ୍ୱପ୍ନରେ ଦେଖିଲି ଯେ, ଜଣେ ବ୍ୟୟଜ୍ୟେଷ୍ଠ ପୂଣ୍ୟବନ୍ତ ଜ୍ୟୋତିପୂର୍ଣ୍ଣ ଚେହେରାର ବ୍ୟକ୍ତି ଲୋକମାନଙ୍କୁ ପୂଣ୍ୟମାର୍ଗରେ ପରିଚାଳିତ ହେବା ପାଇଁ ଡ଼ାକୁଛନ୍ତି । ସେ କହୁଛନ୍ତି ଯେ, ସେହି ବ୍ୟକ୍ତି ଜଣକ ହଜରତ ମସିହ ମଉଦ ଆ:ସ ଥିଲେ ଯିଏ ସଂସାର ବାସୀଙ୍କୁ ସତ୍‌ମାର୍ଗ ପ୍ରତି ଡ଼ାକୁଛନ୍ତି ମୁଁ ଅଲ୍ଲାଃ ତାଲାଙ୍କର କୃତଜ୍ଞ ଯେ, ମତେ ଯମାତ୍ ଅହେମଦୀୟାରେ ଦାଖିଲ ହେବାପାଇଁ ସୌଭାଗ୍ୟ ମିଳିଛି । ଏବଂ ସେ ପୁଣି କହୁଛନ୍ତି ଏବେ ମୁଁ ନିୟମିତ ଚାନ୍ଦା ପ୍ରଦାନ କରିବି ।

ଭାରତରୁ ଇନ୍‌ସେପକ୍ଟର ୱକ୍‌ଫେ ଯଦିଦ୍ ସାହେବ ଜଣେ ୧୨ ବର୍ଷର ଝିଅ କଥା ଲେଖିପଠାଇଛନ୍ତି ଯେ, ସେ ଅନେକ ବର୍ଷରୁ ନିୟମିତ ୱକ୍‌ଫେ ଯଦିଦ୍‌ରେ ଚାନ୍ଦା ଦେଉଛନ୍ତି । ସେ ଗୋଟିଏ ମୁଣି ଭିତରେ ପଇସା ଜମା କରି ରଖୁଥିଲେ । ସେହି ପିଲାଟି ନା' ତ କହିପାରନ୍ତି ନା ଶୁଣିପାରନ୍ତି । କିନ୍ତୁ ଯାହା କିଛି ଟଙ୍କା ତାକୁ ମିଳୁଥିଲା ସେ ସେଥିରୁ ଅନ୍ୟମାନଙ୍କୁ ଚାନ୍ଦା ଦେବାର ଦେଖି ଚାନ୍ଦା ଦେଉଥିଲେ ।

ସେହିପରି ଲାଇବେରିଆ ରୁ ଜଣେ ମୁବ୍‌ଲିଗ୍ ସାହେବ ଲେଖୁଛନ୍ତି ଯେ, କେଫ୍ ମାଉଂଟ କାଉଂଟି ର ଗୋଟିଏ ଯମାତ୍ ରେ ମୁଁ ମଗ୍‌ରିବ୍ ଏବଂ ଇସା ନମାଜ ପରେ ଯମାତ୍ ର ଲୋକମାନଙ୍କୁ ୱକ୍‌ଫେ ଯଦିଦ୍‌ରେ ଚାନ୍ଦା ଦେବାପାଇଁ ଯେତେବେଳେ ତହ୍‌ରିକ୍ କଲି ସେତେବେଳେ ଯମାତ୍‌ର ଲୋକମାନେ ଜଣ ଜଣ ହୋଇ ନିଜର ଓ ନିଜର ପରିବାର ବର୍ଗଙ୍କର ଚାନ୍ଦା ଦେବା ଆରମ୍ଭ କରିଦେଲେ ଏତିକି ବେଳେ ଦୁଇଜଣ ଛୋଟ ଛୋଟ ବାଳକ ଅଜିଜମ୍ ସୁଲେମାନ୍ ଏବଂ ଅଜିଜମ୍ ଅବଦୁଲ୍ଲାଃ କମାରା ମସ୍‌ଜିଦ୍‌ରୁ ଉଠି ଚାଲିଗଲେ ଏବଂ କିଛି ସମୟପରେ ଦୁଇଜଣଯାକ ଆସିଲେ ଓ ୨୦ ୨୦ ଲାଇବେରିଆନ୍ ଡ଼ଲାର୍ ଚାନ୍ଦା ପ୍ରଦାନ କଲେ । ସେ କହୁଛନ୍ତି ଯେହେତୁ ସାଧାରଣତଃ ସେଠାରେ ମାଆ ବାପା ପିଲାମାନଙ୍କର ଚାନ୍ଦା ଦେଇଦିଅନ୍ତି ତେଣୁ ମୁଁ ଭାବିଲି ଯେ ସେହି ପିଲା ଦୁଇଜଣଙ୍କୁ ପଚାରି ବୁଝିବି ଯେ, ସେମାନେ ନିଜର ଚାନ୍ଦା ନିଜେ କାହିଁକି ଦେଲେ । ଏଥିରେ ଦୁଇଜଣଯାକ ପିଲା କହିଲେ ଯେ, ଆମେ ଏକଥା ଜାଣିବାକୁ ପାଇଥିଲୁ ଯେ, ଯୁଗ ଖଲିଫାଙ୍କ ଏ ନିର୍ଦ୍ଦେଶ ରହିଛି କି, ପିଲାମାନେ ମଧ ୱକ୍‌ଫେ ଯଦିଦ୍‌ରେ ସାମିଲ ହୁଅନ୍ତୁ । ତେଣୁ ଆମେ ଭାବିଲୁ ଯେ, ଏବେ ଆମେ ଖଲିଫତୁଲ୍ ମସିହ୍‌ଙ୍କ ନିର୍ଦ୍ଦେଶ ମୁତାବକ ପଇସା ଜମା କରି ନିଜେ ନିଜର ଚାନ୍ଦା ପଇଠ କରିବୁ । ହଜୁର ଅନଓ୍ୱର କହୁଛନ୍ତି ଦୂରଦୂରାନ୍ତ ଇଲାକାରେ ରହୁଥିବା ପିଲାମାନେ କେବେ ଖଲିଫାଙ୍କୁ ଦେଖିନାହାନ୍ତି । କିନ୍ତୁ ତାଙ୍କର ଯେଉଁ ଭକ୍ତିଭାବ ଓ ନିଷ୍ଠଭାବ ରହିଛି ତାହା କେବଳ ଖୁଦାତାଲା ହିଁ ତାଙ୍କ ହୃଦୟରେ ସୃଷ୍ଟି କରିପାରେ । ଅଲ୍ଲାଃ ତାଲା ସେମାନଙ୍କର ନିଷ୍ଠା ଓ ଭକ୍ତିଭାବକୁ ଆହୁରି ଅଧିକ ବଢ଼ାନ୍ତୁ । ସୁତରାଂ ପିଲା ହୁଅନ୍ତୁ ବା ବଡ଼ ନୁଆ ଅହେମଦୀ ହୁଅନ୍ତୁ ବା ପୁରୁଣା ଅହେମଦୀ ସେମାନେ ଏକଥା ଜାଣିସାରିଛନ୍ତି ଯେ, ଅଲ୍ଲାଃ ତାଲାଙ୍କ ପ୍ରେମକୁ ହାସଲ କରିବାର ଗୋଟିଏ ସାଧନ ହେଉଛି ତାହାଙ୍କ ମାର୍ଗରେ ଖର୍ଚ୍ଚ କରିବା ଓ ପୁଣି କେତେକଙ୍କୁ ଖୁଦାତାଲା ସ୍ୱୟମଂ ମାର୍ଗ ଦର୍ଶନ ମଧ କରାଇଥାନ୍ତି । ଯେମିତି ମୁଁ ଉକ୍ତ ଘଟଣାବଳି ଗୁଡ଼ିକରେ ବତାଇଲି । ଏହି ଲୋକମାନେ ହେଉଛନ୍ତି ଏପରି ଲୋକେ ଯେଉଁମାନେ ଆଁ ହଜରତ ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କରି ଅନୁକରଣୀୟ ଯୋଗ୍ୟ ବିବେଚିତ ହୋଇଥାନ୍ତି ।

ଏବେ ମୁଁ ୱକ୍‌ଫେ ଯଦିଦ୍ ପ୍ରସଙ୍ଗରେ ଗତ ବର୍ଷ ୱକ୍‌ଫେ ଯଦିଦରେ ଯେଉଁ କୁର୍ବାନୀ କରାଯାଇଛି ମୁଁ ତାହାର ରିପୋର୍ଟ ଉପସ୍ଥାପନ କରିବି ଏବଂ ନୁଆ ବର୍ଷର ଘୋଷଣା ମଧ କରିବି । ଅଲ୍ଲାଃ ତାଲାଙ୍କ କୃପାରୁ ୱକ୍‌ଫେ ଯଦିଦ୍ ର ୬୨ତମ ବର୍ଷ ୩୧ ଡ଼ିସେମ୍ବରକୁ ଶେଷ ହେଲା । ଏବଂ ନୂଆବର୍ଷ ୧ ଜାନୁଆରୀ ରୁ ଆରମ୍ଭ ହୋଇଗଲା ଏବେ ଏହି ଅବଧିରେ ୱକ୍‌ଫେ ଯଦିଦରେ ସମଗ୍ର ପୃଥିବୀରେ ଥିବା ଯମାତ୍ ଅହେମଦୀୟାଙ୍କୁ ୯୬ଲକ୍ଷ ୪୩ ହଜାର ପାଉଣ୍ଡର ମାଲି କୁର୍ବାନୀ ପେଶ୍ କରିବାପାଇଁ ସୌଭାଗ୍ୟ ମିଳିଛି । ପଛ ବର୍ଷଠାରୁ ଏହି ରକମ୍ ୫ଲକ୍ଷ ପାଉଣ୍ଡ ଅଧିକା ।

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**